ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୬/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, December 26/2025 Page 16 | ₹ 7.00 | RAYAGADA

୫୨ଶ ଭାଗ ୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 33 | ମୂଲ୍ୟ ₹୭/-



CureBay KAVACH
ସୁସ୍ଥ ରୁହନ୍ତୁ ଟେନସନ୍ ଛାଡ଼ନ୍ତୁ

"ମା' ରାଣ ଖାଇଲ"

₹୪୨୨ ଟଙ୍କାର କିଓର୍‌ବେ କବଚ ସହ
ଏକ ବର୍ଷ ପାଇଁ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସୁବିଧା
ଏଇଟା ପୁରା ସତ । ମା' ରାଣ !

CureBay for a healthier India
ସ୍କାନ୍ କରନ୍ତୁ
ଡାଉନଲୋଡ୍ CureBay ଆପ୍
GET IT ON Google Play
Available on the App Store

8335 000 999 ରେ କଲ୍ କରନ୍ତୁ, ଆପଣଙ୍କର ନିକଟସ୍ଥ CureBay eClinic ପରିଦର୍ଶନ କରନ୍ତୁ
*ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ।


# ସୁରକ୍ଷା କର୍ମୀଙ୍କ ଗୁଳିରେ ମାଓବାଦୀ ଓଡ଼ିଶା ମୁଖ୍ୟ ନିହତ

କନ୍ଧମାଳ ଜିଲାରେ ମାଓବାଦୀ ମୂଳୋତ୍ପାଟନ ପାଇଁ ଜୋର୍‌ଦାର ଅଭିଯାନ ଆରମ୍ଭ ହୋଇଛି। ବୁଧବାର ରାତି ଏବଂ ଗୁରୁବାର ସକାଳେ ଜିଲାର ପୃଥକ୍ ୨ ସ୍ଥାନରେ ସୁରକ୍ଷା କର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଛି। ଏଥିରେ ୬ଜଣ କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ସିପିଆଇ ମାଓବାଦୀ ସଂଗଠନର ଓଡ଼ିଶା ମୁଖ୍ୟ ତଥା ସେଣ୍ଟ୍ରାଲ କମିଟି ସଦସ୍ୟ ଗଣେଶ ଉଇକେ(୬୯) ନିହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଉପରେ ୧ କୋଟି ୨୦ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ମାଓବାଦୀ ଅଛନ୍ତି। ଗଣେଶଙ୍କ ମୃତ୍ୟୁ ଦ୍ୱାରା ଓଡ଼ିଶା ମାଓବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି ପୋଲିସ ଡିଜିପି ୱାଇ.ବି. ଖୁରାନିଆ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'X'ରେ କହିଛନ୍ତି, ନକ୍ସଲମୁକ୍ତ ଭାରତ ଗଠନ ଅଭିଯାନରେ ଆଜି ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେହିପରି ଏହା ଏକ ବଡ଼ ସଫଳତା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି।

## ୨ ସ୍ଥାନରେ ମୁହାଁମୁହିଁ: ୬ ମାଓବାଦୀ ମୃତ


ଗଣେଶ ଉଇକେ

**ଫୁଲବାଣୀ/ତୁମୁଡିବନ୍ଧ, ୨୫।୧୨ (ରାକେଶ କୁମାର ରାଉତ/ଦୀପକ ପରାସେଠ)**

କନ୍ଧମାଳ ତୁମୁଡିବନ୍ଧ ବ୍ଲକ୍ ବେଲଘର ଥାନା ପେଡମ୍ ଜଙ୍ଗଲରେ ମାଓବାଦୀ ଲୁଚି ରହିଥିବା ନେଇ ପୋଲିସ ଏବଂ ସୁରକ୍ଷା କର୍ମୀଙ୍କୁ ଗୋଇନ୍ଦା ସୂଚନା ମିଳିଥିଲା। ବୁଧବାର ରାତିରେ ସେହି ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ପୋଲିସକୁ ସାଦା ପୋଷାକରେ ଦେଖି ମାଓବାଦୀ ପ୍ରଥମେ ଗୁଳି ଚଳାଇଥିଲେ। ସୁରକ୍ଷା କର୍ମୀ ଏହାର ପାଲଟା ଜବାବ ଦେଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ବହୁ ସମୟ ଧରି ଗୁଳି ବିନିମୟ ହୋଇଥିଲା। ପରେ ସର୍ଚ୍ଚ ଅପରେଶନ ବେଳେ ୨ ମାଓବାଦୀଙ୍କ ମୃତଦେହ ମିଳିଥିଲା। ମୃତକ ଦ୍ୱୟ ହେଲେ ରାୟଗଡ଼ାର ରାକେଶ ଓ ବିଜାପୁରର ଅମ୍ରିତ ବୋଲି ଜଣାପଡ଼ିଛି। ଉଭୟଙ୍କ ମୁଣ୍ଡ ଉପରେ ୨୩.୬୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେହିପରି ଚକାପାଦ ଥାନା ଅଞ୍ଚଳ ଏବଂ କନ୍ଧମାଳ-ଗଞ୍ଜାମ ସୀମାନ୍ତ ରମ୍ଭା ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଚାଲିଥିବା ନେଇ ରାଜ୍ୟ ଗୋଇନ୍ଦା ବିଭାଗ ପକ୍ଷରୁ ସୂଚନା ମିଳିଥିଲା। ଏହି ଅପରେଶନ ପାଇଁ ୨୦ଟି ଏସ୍‌ଓଜି, ୨ଟି ସିଆର୍‌ପିଏଫ୍ ଏବଂ ଗୋଟିଏ ବିଏସ୍‌ଏଫ୍ ଟିମ୍‌କୁ ମିଶାଇ ୨୩ଟି ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ତୁରନ୍ତ ସମ୍ପୃକ୍ତ ଅଞ୍ଚଳକୁ ଯାଇଥିଲେ। ଗୁରୁବାର ସକାଳେ ମାଓବାଦୀ ଏବଂ ସୁରକ୍ଷା କର୍ମୀ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସର୍ଚ୍ଚ ଅପରେଶନ ବେଳେ ଆଉ ୪ ଜଣ ମାଓବାଦୀଙ୍କ ମୃତଦେହ ମିଳିଥିଲା। ସେଥିରେ ମୋଷ୍ଟ ୱାଣ୍ଟେଡ ଗଣେଶ ଉଇକେଙ୍କ ମୃତଦେହ ଥିଲା। ଗଣେଶଙ୍କ ଘର ତେଲଙ୍ଗାନା ରାଜ୍ୟ ନାଲଗୋଣ୍ଡା ଜିଲା ପୁଲେମାଲା ଗ୍ରାମ ଚେନ୍ଦୁର ମଣ୍ଡଳରେ। ସେ ଓଡ଼ିଶାରେ ମାଓବାଦୀ ଅପରେଶନର ମୁଖ୍ୟ ଥିଲେ ବୋଲି ଏଡିଜି (ଆଣ୍ଟି-ନକ୍ସଲ ଅପରେଶନ ଷ୍ଟେଟ୍ ହେଡ୍) ସଞ୍ଜୀବ ପଣ୍ଡା କହିଛନ୍ତି। ଅନ୍ୟ ୩ ଜଣଙ୍କ ମଧ୍ୟରେ ୨ ଜଣ ମହିଳା ରହିଛନ୍ତି। ସେମାନଙ୍କ ପରିଚୟ ଏ ପର୍ଯ୍ୟନ୍ତ ମିଳିପାରିନାହିଁ। ମୃତ ମାଓବାଦୀଙ୍କ ନିକଟରୁ ୨ଟି ଇନ୍‌ସାସ ରାଇଫଲ, ଗୋଟିଏ ୩୦୩ ରାଇଫଲ ଜବତ କରାଯାଇଛି। ସର୍ଚ୍ଚ ଅପରେଶନ ଏବେ ବି ଚାଲିଛି ବୋଲି କନ୍ଧମାଳ ଏସ୍‌ପି ହରିଶ ବିଶି ସୂଚନା ଦେଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆଉ ୪ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ହେଲେ ପୋଲିସ ପକ୍ଷରୁ ଏହା ସ୍ପଷ୍ଟ କରାଯାଇନାହିଁ।

## ଦୁର୍ଘଟଣାରେ ବସ୍ ଜଳିଗଲା: ୫ ମୃତ



**ବେଙ୍ଗାଲୁରୁ, ୨୫।୧୨**

କର୍ଣ୍ଣାଟକର ଚିତ୍ରଦୁର୍ଗ ଜିଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣ ଦଗ୍ଧ ହୋଇଛନ୍ତି। ଟ୍ରକ୍‌ଟି ଡିଭାଇଡର ଡେଇଁ ଏକ ବସ୍‌କୁ ଧକ୍କା ଦେଇଥିଲା। ଫଳରେ ଘରୋଇ ସ୍ଲିପର ବସ୍‌ଟିରେ ନିଆଁ ଲାଗିଯିବା ସହ ଅନ୍ୟୂନ ୫ ଜଣ ଜଳିଯାଇ ପ୍ରାଣ ହରାଇଛନ୍ତି। ବସ୍‌ଟି ବେଙ୍ଗାଲୁରୁରୁ ଶିବମୋଗ୍ଗା ଯାଉଥିଲାବେଳେ ୪୮ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଟ୍ରକ୍‌ଟି ବସ୍‌ର ଇନ୍ଧନ ଟାଙ୍କିକୁ ଧକ୍କା ଦେବାରୁ ତେଲ ବାହାରିଆସି ନିଆଁ ଲାଗିଯାଇଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ଅଳ୍ପ କେତେଜଣ ଯାତ୍ରୀ ନିଆଁରୁ ବର୍ତ୍ତିଯାଇଥିବା ପୋଲିସ ଆଇଜି ରବିକାନ୍ତ ଗୌଡ଼ା କହିଛନ୍ତି।

## ରେଡ୍‌ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ ହେଲା ଚାନ୍ଦବାଲି ବଳାତ୍କାର, ହତ୍ୟାକାଣ୍ଡ

**ଭୁବନେଶ୍ୱର, ୨୫।୧୨ (ସତ୍ୟଜିତ ରାଉତ)**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ବାଲିଗାଁଠାରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାକୁ ରାଜ୍ୟ ପୋଲିସ ବିଭାଗ ଗୁରୁତ୍ୱର ସହ ନେଇଛି। ଏହି ଘଟଣାରେ ପୋଲିସ ପକ୍ଷରୁ ଅଭିଯୁକ୍ତ ବବୁଲୁ ଦାସଙ୍କୁ ଗିରଫ କରାଯାଇଥିବା ବେଳେ ସେ ଜେଲରେ ଅଛନ୍ତି। ତେବେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ କ୍ରାଇମବ୍ରାଞ୍ଚ ବଡ଼ ପଦକ୍ଷେପ ନେଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ମାମଲାକୁ ରେଡଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇଛି। କମିଶନରେଟ୍ ପୋଲିସକୁ ତଦନ୍ତ ପ୍ରକ୍ରିୟାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ସହଯୋଗ କରାଯିବ। ଏପରି କି କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ଟିକିନିକି ତଦନ୍ତ କରାଯିବ ବୋଲି ଜଣାପଡ଼ିଛି। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଓଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ) ଆଇଜି ପୋଲିସକୁ ତଦନ୍ତରେ ସହଯୋଗ କରିବେ। ଏଥିସହ ତଦନ୍ତ ଆରମ୍ଭରୁ ଚାର୍ଜଶିଟ୍ ଯାଏ ଅଭିଯୁକ୍ତଙ୍କୁ କିଭଳି ଉପଯୁକ୍ତ ଦଣ୍ଡବିଧାନ କରାଯାଇପାରିବ ସେହି ଦିଗରେ କ୍ରାଇମବ୍ରାଞ୍ଚ ଧ୍ୟାନଦେଇ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ରାଜଧାନୀରେ କିଛିଦିନ ତଳେ ଧଉଳି ଓ ଶହୀଦନଗରରେ ଘଟିଥିବା ନାବାଳିକା ଗଣବଳାତ୍କାର ଘଟଣାକୁ ମଧ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ରେଡଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇଥିଲା।

**ଆଜିର ସମ୍ପାଦକୀୟ** | ଦୁଇ ଦେଶ ଲୁଟୁଛନ୍ତି


ବଡ଼ଦିନ ଅବସରରେ ଭୁବନେଶ୍ୱର ସତ୍ୟନଗର ଚର୍ଚ୍ଚରେ କ୍ୟାଣ୍ଡେଲ ଜଳାଇ ପ୍ରାର୍ଥନା କରୁଛନ୍ତି ଶ୍ରଦ୍ଧାଳୁମାନେ। **(ଫଟୋ: ବିକାଶ ନାୟକ)**

## ୩ ଖଣିରେ ୧,୫୮୬ କେଜି ସୁନା ରହିଛି: ଖଣିମନ୍ତ୍ରୀ

**ଭୁବନେଶ୍ୱର, ୨୫।୧୨ (ରବିନାରାୟଣ ଜେନା)**

ପ୍ରାକୃତିକ ସମ୍ପଦରେ ଓଡ଼ିଶା ଭରପୂର। ଭାରତ କାହିଁକି, ସାରା ବିଶ୍ୱରେ କେବଳ ଓଡ଼ିଶା ଲୁହାପଥର, ମାଙ୍ଗାନିଜ ଭଳି କେତେକ ଧାତବ ପଦାର୍ଥ ପାଇଁ ନିଜସ୍ୱ ପରିଚୟ ସୃଷ୍ଟି କରିଛି ତାହା ନୁହେଁ, ଆସନ୍ତା ନୂଆବର୍ଷରେ ଓଡ଼ିଶା ସୁନା ଉତ୍ତୋଳନ କ୍ଷେତ୍ରରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି।

ଏକ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଜେନା କହିଛନ୍ତି, ଓଡ଼ିଶାରେ ଥିବା ସୁନା ଖଣିଗୁଡ଼ିକ ମଧ୍ୟରୁ ପ୍ରଥମ ଦଫାରେ ତିନୋଟି ସୁନା ଖଣିରୁ ସୁନା ଉତ୍ତୋଳନ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରାକ୍ ଅନୁସନ୍ଧାନରୁ ମୟୂରଭଞ୍ଜ, ଦେବଗଡ଼ ଏବଂ କେନ୍ଦୁଝର ସୁନା ଖଣିରୁ ପାଖାପାଖି ୧,୫୮୬ କେଜି ଉତ୍ତୋଳନ ହେବାକୁ ରହିଛି। ତେବେ ଦେବଗଡ଼ ସୁନା ଖଣି ନିଲାମ ଖୁବ୍‌ଶୀଘ୍ର ହେବ। ଏଥିପାଇଁ ଆସନ୍ତା ଜାନୁଆରୀ ୩ରେ ଖଣି ବିଭାଗ ପକ୍ଷରୁ ହେବାକୁ ଥିବା ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ। ☞ ପୃଷ୍ଠା-୪

## ପେପରଲେସ୍ ହେବ ସରକାରୀ କାର୍ଯ୍ୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୧୨ (ସୁନିତ୍ ମିଶ୍ର)**

ବାଜପେୟୀଙ୍କ ସୁଶାସନର ମନ୍ତ୍ର ଏବଂ ମୋଦିଙ୍କ ପ୍ରଶାସନିକ ସଂସ୍କାରକୁ ପାଥେୟକରି ୧୮ ମାସର ଭାଜପା ସରକାର ଓଡ଼ିଶା ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ସିଏମ୍ ଡ୍ୟାସ୍‌ବୋର୍ଡ, ଓସ୍ୱାସ୍ ବ୍ୟବସ୍ଥାକୁ ଜିଲା ଓ ବ୍ଲକ୍‌ସ୍ତର ପର୍ଯ୍ୟନ୍ତ ସମ୍ପ୍ରସାରଣ ଏବଂ ଉନ୍ନତମାନର ଚିକିତ୍ସାସେବା, ଜଳ ଯୋଗାଣ ତଥ୍ୟ ପାଇଁ ଜନସେବାରେ ସମର୍ପିତ 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟ୍‌ବଟ୍'ର ଲୋକାର୍ପଣ କରାଯାଉଛି। ସିଏମ୍ ଡ୍ୟାସ୍‌ବୋର୍ଡ ଜରିଆରେ ବିଭିନ୍ନ ପ୍ରକଳ୍ପ ଓ ଯୋଜନାଗୁଡିକର ରିଅଲ୍ ଟାଇମ୍ ମନିଟରିଂ କରାଯାଇପାରିବ। 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟ୍‌ବଟ୍' ଜରିଆରେ ୧୫୦ରୁ ଊର୍ଦ୍ଧ୍ୱ ଜରୁରୀ ସରକାରୀ ସେବା ଉପଲବ୍ଧ ହେବ। ଓସ୍ୱାସ୍ ସମ୍ପ୍ରସାରଣ ମାଧ୍ୟମରେ ଏଣିକି ☞ ପୃଷ୍ଠା-୪

### 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟ୍‌ବଟ୍'ର ଲୋକାର୍ପଣ


ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି।

## ବାଂଲାଦେଶ ଫେରିଲେ ଖାଲେଦାଙ୍କ ପୁଅ

### ୧୭ ବର୍ଷର ନିର୍ବାସନ ଅନ୍ତ, ଢାକାରେ ତାରିକ୍ ରହମାନଙ୍କ ବିଶାଳ ରାଲି

**ଢାକା, ୨୫।୧୨**

ଦୀର୍ଘ ୧୭ ବର୍ଷର ଆତ୍ମନିର୍ବାସନ ପରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ପୁଅ ତଥା ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) କାର୍ଯ୍ୟକାରୀ ସଭାପତି ତାରିକ୍ ରହମାନ ଗୁରୁବାର ସ୍ୱଦେଶ ଫେରିଛନ୍ତି। ରାଜଧାନୀ ଢାକାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆସନ୍ତା ଫେବୃଆରୀ ୧୨ ବାଂଲାଦେଶ ପାର୍ଲାମେଣ୍ଟ ନିର୍ବାଚନ ଥିବାବେଳେ ଏହା ପୂର୍ବରୁ ରହମାନଙ୍କ ପ୍ରତ୍ୟାବର୍ତ୍ତନ ଦଳୀୟ କର୍ମୀମାନଙ୍କୁ ଉତ୍ସାହିତ କରିଛି। ଇସ୍‌ଲାମିଷ୍ଟ ପାର୍ଟି ଏବଂ ଜମାତ-ଇ-ଇସ୍‌ଲାମୀ ସେମାନଙ୍କ ସମର୍ଥନ ଭିତ୍ତିକୁ ବଢ଼ାଇବା ପାଇଁ ଉଦ୍ୟମ ଚଳାଇଥିଲେ ମଧ୍ୟ ୬୦ ବର୍ଷୀୟ ରହମାନ ଆଗାମୀ ନିର୍ବାଚନରେ ପ୍ରଧାନମନ୍ତ୍ରିତ୍ୱ ପାଇଁ ମୁଖ୍ୟ ଦାବିଦାର ଭାବେ ଉଭାହୋଇଛନ୍ତି।

ଢାକାରେ ରହମାନ ଗୁରୁବାର ଏକ ବିଶାଳ ରାଲିକୁ ଉଦ୍‌ବୋଧନ ଦେଇଛନ୍ତି। ଉକ୍ତ ରାଲିରେ ଅନେକ ଲକ୍ଷ ସମର୍ଥକ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ସେ ବାଂଲାଦେଶକୁ ନେଇ ତାଙ୍କ ସ୍ୱପ୍ନ ସମ୍ପର୍କରେ କହିବା ସହ ଦିବଂଗତ ଆମେରିକୀୟ ନାଗରିକ ଅଧିକାର ନେତା ମାର୍ଟିନ ଲୁଥର କିଙ୍ଗ୍ ଜୁନିୟରଙ୍କ ମନ୍ତବ୍ୟର ଉଲ୍ଲେଖ କରିଥିଲେ। ସେ କହିଥିଲେ, ବାଂଲାଦେଶ ଜନସାଧାରଣ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ଏବଂ ଅଭିବ୍ୟକ୍ତି ଅଧିକାର ଫେରିପାଇବାକୁ ଚାହାନ୍ତି। ଦେଶକୁ ନେଇ ତାଙ୍କର ଏକ ଯୋଜନା ରହିଛି, ଯାହା ଜନସାଧାରଣଙ୍କ ସାମୂହିକ ସମର୍ଥନ ଉପରେ ନିର୍ଭର କରେ ବୋଲି ☞ ପୃଷ୍ଠା-୪


ତାରିକ୍ ରହମାନ

# ଶ୍ରୀମନ୍ଦିର

ଶ୍ରୀମନ୍ଦିରକୁ ନେଇ ୨୦୨୫ ବେଶ୍ ଚର୍ଚ୍ଚାରେ ରହିଥିଲା। ବର୍ଷ ପ୍ରାରମ୍ଭରେ ବ୍ୟାରିକେଡ୍ ଭାଙ୍ଗି ଭକ୍ତମାନେ ମନ୍ଦିର ଭିତରକୁ ପଶିବା ଯେତିକି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲା, ତା'ଠାରୁ ଅଧିକ ସ୍ପର୍ଶକାତର ବିଷୟ ଥିଲା ରଥଯାତ୍ରା ସମୟରେ ଦଳାଚକଟାରେ ୩ଜଣ ଭକ୍ତଙ୍କ ଜୀବନ ଯିବା। ସେହିପରି ରତ୍ନଭଣ୍ଡାର ମରାମତି କାର୍ଯ୍ୟ, ରତ୍ନ ଅଳଙ୍କାର ସ୍ଥାନାନ୍ତରଣ, ଶ୍ରୀମନ୍ଦିରରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା, ପରିଚାଳନା କମିଟି ଗଠନ ଓ ହିଡେନ୍ କ୍ୟାମେରା ନେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ ଆଦି ଘଟଣା ଆଲୋଚନାର ବିଷୟବସ୍ତୁ ପାଲଟିଥିଲା।



## ବର୍ଷକ ପରେ ଗଠନ ହେଲା ପରିଚାଳନା କମିଟି

ପୁରାତନ ପରିଚାଳନା କମିଟି କାର୍ଯ୍ୟକାଳ ଶେଷହେବାର ବର୍ଷକ ପରେ ନୂତନ କମିଟି ଅଗଷ୍ଟରେ ଗଠନ ହୋଇଥିଲା। ଆଇନ ବିଭାଗ ବିଜ୍ଞପ୍ତି ଅନୁଯାୟୀ, କମିଟିରେ ୧୦ ସଦସ୍ୟଙ୍କ ନାମ ଘୋଷଣା କରାଯାଇଥିଲା। ଏହି ସଦସ୍ୟମାନଙ୍କ ମଧ୍ୟରେ ୫ଜଣ ଭିନ୍ନ ଭିନ୍ନ ନିଯୋଗରୁ ସେବାୟତ ପ୍ରତିନିଧିଙ୍କୁ ସ୍ଥାନ ଦିଆଯିବା ସହ ପରିଚାଳନା କମିଟିରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ତରଫରୁ ସିଦ୍ଧେଶ୍ୱର ମହାପାତ୍ରଙ୍କ ନାମ ଘୋଷଣା କରାଇଥିଲା। ମଧୁସୂଦନ ସିଂହାରୀ, ଜଗନ୍ନାଥ ପୂଜାପଣ୍ଡା, ଗଣେଶ ଦାସ ମହାପାତ୍ର, ରାମନାରାୟଣ ଗୋଚ୍ଛିକାର, କୃଷ୍ଣଚନ୍ଦ୍ର ସାମନ୍ତରାୟ, ମଠ ତରଫରୁ ରଘୁବର ଦାସ ମହାରାଜ, ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ ଏବଂ ମହେଶ କୁମାର ସାହୁଙ୍କୁ ସ୍ଥାନ ଦିଆଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ଅର୍ଥାତ୍ ୨୦୨୪ ଅଗଷ୍ଟରେ ପୂର୍ବ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲା।

## ରଥ ସମ୍ମୁଖରେ ଦଳାଚକଟା ଚାଲିଗଲା ୩ ଜୀବନ

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ବଡ଼ ଅଘଟଣ ଘଟିଥିଲା। ତୃତୀୟ ଦିନରେ ଅର୍ଥାତ ଜୁନ୍ ୨୯ ତାରିଖ ଭୋର ପ୍ରାୟ ୪ଟା ୨୦ରେ ଶରଧାବାଲିରେ ୩ ରଥ ସମ୍ମୁଖରେ ଦଳାଚକଟା ଯୋଗୁ ତଳେ ପଡ଼ି ୩ ଭକ୍ତଙ୍କ ଜୀବନ ଯାଇଥିବାବେଳେ ୧୨ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣା ପାଇଁ ଶ୍ରଦ୍ଧାଳୁମାନେ ପ୍ରଶାସନର



ପରିଚାଳନାଗତ ବିଫଳତାକୁ ଦାୟୀ କରିଥିବାବେଳେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଥିଲେ। ସରକାର ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ସେହିପରି ସରକାର ତତ୍କାଳୀନ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନିତ ଅଗ୍ରୱାଲଙ୍କୁ ବଦଳି କରିବା ସହ ରଥ ଦାୟିତ୍ୱରେ ଥିବା ଡିସିପି ବିଷ୍ଣୁଚରଣ ପତି ଓ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ଚାକିରିରୁ ନିଲମ୍ବନ କରିଥିଲେ। ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଇଥିଲା। ଉନ୍ନୟନ କମିଶନର ଜୁଲାଇ ୩ରେ ପୁରୀ ଯାଇ ଜନଶୁଣାଣି ମାଧ୍ୟମରେ ତଥ୍ୟ ସଂଗ୍ରହ ସହ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଥିଲେ। ପରେ ଭୁବନେଶ୍ୱରରେ ମଧ୍ୟ ମତାମତ ସଂଗ୍ରହ କରାଯାଇଥିଲା। ବିଭିନ୍ନ ପର୍ଯ୍ୟାୟରେ ମୋଟ ୨ଶହ ଜଣଙ୍କ ମତାମତ ସଂଗ୍ରହ ସହ ତଦନ୍ତ ପରେ ଜୁଲାଇ ୩୧ରେ ଉନ୍ନୟନ କମିଶନର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଭିଡ଼ ନିୟନ୍ତ୍ରଣ, ପୋଲିସ ତଦାରଖ ଏବଂ ଏଆଇ ବ୍ୟବସ୍ଥାରେ ବିଫଳତା କାରଣରୁ ଏଭଳି ସ୍ଥିତି ଉପୁଜିଲା ବୋଲି ରିପୋର୍ଟରେ ଉଲ୍ଲେଖ ଥିବା ସୂଚନା ମିଳିଥିଲା। ଏହି କ୍ରମରେ ସରକାର ୭ଜଣ ବରିଷ୍ଠ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ପତିତପାବନ ବାନାରେ ପଡ଼ିଲା ଶୂନ୍ୟଗଣ୍ଠି

ମାର୍ଚ୍ଚ ୧୭ରେ ଶ୍ରୀମନ୍ଦିର ନୀଳଚକ୍ରରେ ଲାଗିଥିବା ପତିତପାବନ ବାନାରେ ଶୂନ୍ୟଗଣ୍ଠି ପଡ଼ିଥିଲା। ଏହି ଘଟଣା ଶୁଭ ସଙ୍କେତ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା। ଶୂନ୍ୟଗଣ୍ଠିକୁ ଖୋଲିବା ସହଜ ହୋଇ ନ ଥାଏ। ପୂର୍ବରୁ ନୀଳଚକ୍ରରେ ୧୫୧ ହାତିଆ ବାନା ସହ ଏକାଧିକ ବାନା ଲାଗୁଥିଲା। ଫଳରେ ବାନାଗୁଡ଼ିକରେ ଶୂନ୍ୟଗଣ୍ଠି ପଡୁଥିବା ପରିଲକ୍ଷିତ ହେଉଥିଲା। ତେବେ ନୀଳଚକ୍ରରେ ୧୪ ହାତିଆ ବାନା ଲାଗୁଥିବାରୁ କ୍ୱଚିତ ଶୂନ୍ୟଗଣ୍ଠି ପଡୁଥିବା କେତେଜଣ ସେବାୟତ ମତ ଦେଇଥିଲେ।





## ବ୍ୟାରିକେଡ୍ ଭାଙ୍ଗି ଶ୍ରୀମନ୍ଦିରରେ ଧସେଇ ପଶିଲେ ଭକ୍ତ

ଇଂଲିଶ ନବବର୍ଷ ୨୦୨୫ର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ପ୍ରବଳ ଜନସମାଗମ ହୋଇଥିଲା। ଭକ୍ତଙ୍କୁ ମାର୍କେଟଛକଠାରୁ ବ୍ୟାରିକେଡ୍ ମଧ୍ୟରେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଛଡ଼ାଯାଇଥିଲା। ସେହିପରି ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ ବ୍ୟବସ୍ଥା ହୋଇଥିଲା। ଏହାସତ୍ତ୍ୱେ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌କୁ ଭାଙ୍ଗି ଭକ୍ତମାନେ ଶ୍ରୀମନ୍ଦିରରେ ଧସେଇ ପଶିଥିଲେ। ଏହି ସମୟରେ ୧୦ରୁ ଅଧିକ ଭକ୍ତ ତଳେ ପଡ଼ି ତଥା ଠେଲାପେଲା ଯୋଗୁ ଆହତ ହୋଇଥିଲେ। ଫଳରେ ପ୍ରଶାସନକୁ ସମାଲୋଚିତ ହେବାକୁ ପଡ଼ିଥିଲା।

## ୯୫ ଦିନ ଧରି ଚାଲିଲା ରତ୍ନଭଣ୍ଡାର ମରାମତି

ଶ୍ରୀମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗର ସହମତିରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ୯୫ ଦିନ ଧରି ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଚାଲିଥିଲା। ମୋଟ ୩୩୨ ଘଣ୍ଟା ୪୭ ମିନିଟ୍ କାର୍ଯ୍ୟ ହୋଇଥିଲା। ୫୨୦ଟି ପଥର ବଦଳାଯାଇଥିଲା। ସରକାରଙ୍କ ପକ୍ଷରୁ ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଇ ଯାଞ୍ଚ କରାଯାଇଥିଲା। ରତ୍ନଭଣ୍ଡାରର ଅନେକ ସ୍ଥାନରେ ଫାଟ ଥିବା ଜଣାପଡ଼ିଥିଲା। ପରେ ଏଏସ୍‌ଆଇକୁ ସଂରକ୍ଷଣ ଓ ମରାମତି ଦାୟିତ୍ୱ ଦିଆଯାଇଥିଲା। ୨୦୨୪ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାୟ ୮୦ ଜଣ ବ୍ୟକ୍ତି କାର୍ଯ୍ୟରେ ନିୟୋଜିତ ଥିଲେ।





## ଦିନକ ପରେ ଶରଧାବାଲିରେ ଲାଗିଲା ୩ ରଥ

ଚଳିତବର୍ଷ ରଥଯାତ୍ରାର ଦିନକ ପରେ ଶରଧାବାଲିସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୩ ରଥ ଲାଗିଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ ହୋଇଥିଲା। ସନ୍ଧ୍ୟା ୭ଟା ୫୪ ମିନିଟ୍ ପର୍ଯ୍ୟନ୍ତ ରଥଟଣା ପରେ ରଥ ବନ୍ଦ ରଖାଯାଇଥିଲା। ସତ୍ତ୍ୱେ ବିଳମ୍ବରେ ରଥଟଣା ଆରମ୍ଭ ... ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାଉସୀମା ମନ୍ଦିର ଆଗକୁ, ମା' ସୁଭଦ୍ରାଙ୍କ ଦେବଦଳନ ରଥ ମାର୍କେଟ ଛକ ଓ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାରଠାରୁ ଟିକେ ଦୂରରେ ଅଟକି ରହିଥିଲା। ପରଦିନ ପୁଣି ରଥ ଟଣାଯାଇଥିଲା। ତିନିରଥ ଅପରାହ୍ନ ୧ଟା ୫ ପରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ପ୍ରଶାସନ ପକ୍ଷରୁ ସମନ୍ୱୟର ଅଭାବ ଓ ବଳଭଦ୍ରଙ୍କ ରଥ ମୋଡ଼ ଖାଇବା କାରଣକୁ ଏଥିପାଇଁ ଦାୟୀ କରାଯାଇଥିଲା।

## ରତ୍ନଭଣ୍ଡାରକୁ ସ୍ଥାନାନ୍ତର ହେଲା ରତ୍ନଅଳଙ୍କାର

ଜୁଲାଇରେ ସ୍ଥାୟୀ ରତ୍ନଭଣ୍ଡାର ମରାମତି ପରେ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଥିବା ଶ୍ରୀବିଗ୍ରହମାନଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ ସେପ୍ଟେମ୍ବର ୨୩ରେ ସେଠାକୁ ସ୍ଥାନାନ୍ତର କରାଯାଇଥିଲା। ଏଥିପାଇଁ ୪ ଘଣ୍ଟା ସମୟ ଲାଗିଥିଲା। ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ଥିଲେ ମଧ୍ୟ ମହାପ୍ରଭୁଙ୍କ ନୀତି ଅବ୍ୟାହତ ରହିଥିଲା। ରତ୍ନଅଳଙ୍କାର ସ୍ଥାନାନ୍ତର ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି ସହ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ୧୧ ଜଣିଆ କମିଟି ଗଠନ କରାଯାଇଥିଲା। ସେହିପରି ଚାରିଦ୍ୱାରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



## ସୁରକ୍ଷାରେ ୨୪ ଘଣ୍ଟିଆ ବନ୍ଧୁକଧାରୀ କମାଣ୍ଡୋ

ମେ ମାସରେ ଏନ୍‌ଏସ୍‌ଜି କମାଣ୍ଡର ଟିମ୍ ପୁରୀ ଆସି ଶ୍ରୀମନ୍ଦିର ସୁରକ୍ଷା ନେଇ ସମୀକ୍ଷା କରିବା ସହ ପ୍ରଶାସନ ସହ ଆଲୋଚନା କରିଥିଲେ। ପରେ ଶ୍ରୀମନ୍ଦିରକୁ ଅଧିକ ସୁରକ୍ଷା ନିମନ୍ତେ ମେ ୧୨ରେ ଶ୍ରୀମନ୍ଦିର ନିକଟରେ ଏକ ସ୍ୱତନ୍ତ୍ର ବୁଲେଟ୍ ପ୍ରୁଫ୍ ରକ୍ଷକ ଗାଡ଼ି ସମେତ ୨୪ ଘଣ୍ଟିଆ ସ୍ୱତନ୍ତ୍ର ବନ୍ଧୁକଧାରୀ କମାଣ୍ଡୋଙ୍କୁ ନିୟୋଜିତ କରାଯାଇଥିଲା। ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଏହି ସ୍ୱତନ୍ତ୍ର ବୁଲେଟ୍ ପ୍ରୁଫ୍ ରକ୍ଷକ ଗାଡ଼ିକୁ ଉଦ୍‌ଘାଟନ କରିଥିଲେ।



## ଜୈବିକ ଚାଉଳରେ ପ୍ରସ୍ତୁତ ମହାପ୍ରସାଦ

ଚଳିତବର୍ଷ ଆଡ଼ପମଣ୍ଡପ କୋଠ ଭୋଗରେ ମହାପ୍ରଭୁଙ୍କୁ ଜୈବିକ ଚାଉଳରେ ପ୍ରସ୍ତୁତ ଅବଢା ଭୋଗ ଲାଗି କରାଯାଇଥିଲା। ସୁଆର ମହାସୁଆର ସେବାୟତମାନଙ୍କ ଦ୍ୱାରା ଜୈବିକ ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରାଯାଇ ମହାପ୍ରଭୁଙ୍କୁ କୋଠଭୋଗରେ ଲାଗି କରାଯିବା ସହ ଭକ୍ତଙ୍କୁ ବିକ୍ରୟ କରାଯାଇଥିଲା। ସେହିପରି ଜୈବିକ ଚାଉଳରେ ପ୍ରସ୍ତୁତ ଚୂନାରେ ପିଠା ତିଆରି କରାଯାଇ ମହାପ୍ରଭୁଙ୍କ ନିକଟରେ ଲାଗି କରାଯାଇଥିଲା। କୋରାପୁଟର ପ୍ରଗତି ଅନୁଷ୍ଠାନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଉକ୍ତ ଜୈବିକ ଚାଉଳ ଯୋଗାଇ ଦିଆଯାଇଥିଲା।

## ଚିନ୍ତା ବଢ଼ାଇଲା ହିଡେନ୍ କ୍ୟାମେରା, ଡ୍ରୋନ୍

ଅଗଷ୍ଟ ୨୭ରେ ବଙ୍ଗୀୟ ଭକ୍ତ ଅରୂପ ରାୟ ହିଡେନ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ସେ ଶ୍ରୀମନ୍ଦିର ଭିତରେ ଶୁଟିଂ କରୁଥିବାବେଳେ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଥିଲେ। ତାଙ୍କୁ ପଚରାଉଚରା ପରେ ସିଂହଦ୍ୱାର ଥାନା ପକ୍ଷରୁ ଏକ କେସ୍ ରୁଜୁ କରାଯାଇଥିଲା। ସେହିପରି ନଭେମ୍ବର ୭ରେ ଗୁଜରାଟ ଅହମ୍ମଦାବାଦର ଭରତ ପାଣ୍ଡିଆ ଚଷମାରେ ହିଡେନ କ୍ୟାମେରା ଖଞ୍ଜି ଶ୍ରୀମନ୍ଦିରରେ ପ୍ରବେଶ କରିଥିବାବେଳେ ଜେଟିପି ଓ କେତେଜଣ ସେବାୟତ ତାଙ୍କୁ ଧରିଥିଲେ। ତାଙ୍କୁ ସିଂହଦ୍ୱାର ପୋଲିସ ଜିମା ଦିଆଯାଇଥିଲା। ଅନ୍ୟ ଘଟଣା କ୍ରମରେ ଯାଜପୁର ଜିଲା ଜେନାପୁର ଥାନା ଅଧୀନ ଗଡ଼ମଧୁପୁର ଅଞ୍ଚଳର ଜଣେ ବ୍ୟକ୍ତି ନିୟମ ନ ମାନି ସେବାୟତ ବେଶରେ ଗର୍ଭଗୃହ ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କରିବା ବେଳେ ଧରାପଡ଼ିଥିଲେ। ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେବା ସହ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିଥିଲା।

ଜାନୁଆରୀ ୫ ଓ ଜୁନ୍ ୧ରେ ଡ୍ରୋନ ଉଡ଼ିଥିବାବେଳେ ଜାନୁଆରୀ ୧୨ ଓ ଜୁଲାଇ ୧୦ରେ ଶ୍ରୀମନ୍ଦିର ଭିତର ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରାଯାଇଥିଲା। ଡିସେମ୍ବର ୨୧ରେ ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଥିଲା। ଡ୍ରୋନ୍ ମାଧ୍ୟମରେ ଉକ୍ତ ଫଟୋ ଉତ୍ତୋଳନ କରାଯାଇଥିବା ଜଣାପଡ଼ିଥିଲା। ଏସବୁର କାରଣ ଢିଲା ସୁରକ୍ଷା ବ୍ୟବସ୍ଥା ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା।



## ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ଚର୍ଚ୍ଚା

ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ଥିବା କେତେଜଣ ସେବାୟତ କହିବା ପରେ ଏହାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର ଧରିଥିଲା। ଏହି ସନ୍ଦେହକୁ ଦୂର କରିବା ପାଇଁ ସରକାର ରତ୍ନଭଣ୍ଡାରର ଜିପିଆର୍ ସର୍ଭେ ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୨୪ ସେପ୍ଟେମ୍ବର ୧୮ରେ ଲେଜର ସ୍କାନିଂ ଏବଂ ଜିପିଆର୍ ସର୍ଭେ କରାଯାଇଥିଲା। ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ନ ଥିବା ସର୍ଭେରୁ ଜଣାପଡ଼ିଥିଲା। ଏହାପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍‌ଆଇକୁ ମରାମତି କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିଲା।

## ରାଧାବଲ୍ଲଭ ମଠ ଉପରୁ ଖସି ଭକ୍ତଙ୍କ ମୃତ୍ୟୁ

ଜୁଲାଇ ୬ରେ ସୁନାବେଶ ଅବସରରେ ଶ୍ରୀମନ୍ଦିର ନିକଟ ରାଧାବଲ୍ଲଭ ମଠ ଉପରୁ ଖସିପଡ଼ି ଜଗତ୍‌ସିଂହପୁର ଜିଲା ପାଟେଳୀ ଗାଁର ବାବାଜୀ ବେହେରା ନାମକ ଭକ୍ତ ଗୁରୁତର ଆହତ ହୋଇଥିଲେ। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁନାବେଶ ଦେଖିବା ପାଇଁ ବାବାଜୀ ତାଙ୍କ ସ୍ତ୍ରୀଙ୍କ ସହିତ ପୁରୀ ଆସିଥିଲେ। ଦୁହେଁ ରାଧାବଲ୍ଲଭ ମଠ ଉପରେ ବସି ସୁନାବେଶ ଦର୍ଶନ କରୁଥିଲେ। ଏହି ସମୟରେ ବାବାଜୀ ତଳକୁ ଖସିପଡ଼ିଥିଲେ। ମାଙ୍କଡ଼ ଗୋଡ଼ାଇବାରୁ ସେ ଭୟଭୀତ ହୋଇ ଖସିପଡ଼ିଥିବା ସନ୍ଦେହ ପ୍ରକାଶ ପାଇଥିଲା।

CureBay KAVACH
ସୁସ୍ଥ ରୁହନ୍ତୁ ଟେନସନ୍ ଛାଡ଼ନ୍ତୁ
CureBay for a healthier India
₹୪୨୨ ଟଙ୍କାରେ ₹1000 ଟଙ୍କା ମୂଲ୍ୟର ଔଷଧ ଏବଂ ଲ୍ୟାବ୍ ପରୀକ୍ଷା
ସ୍କାନ୍ କରନ୍ତୁ
ଡାଉନଲୋଡ୍ CureBay ଆପ୍
GET IT ON Google Play
Available on the App Store
8335 000 999 ରେ କଲ୍ କରନ୍ତୁ, ଆପଣଙ୍କର ନିକଟସ୍ଥ CureBay eClinic ପରିଦର୍ଶନ କରନ୍ତୁ
*ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ।

# ଏସ୍‌ଓଜି ଯବାନ, ଅଧିକାରୀଙ୍କ ରିସ୍କ ଆଲାଉନ୍ସ ବଢ଼ିଲା

**ଭୁବନେଶ୍ୱର, ୨୫।୧୨(ସୁନିତ୍ ମିଶ୍ର)**

## ଏସ୍‌ଓଜି ଚନ୍ଦକାର ନୂଆ ପ୍ରଶିକ୍ଷଣ ଓ ବ୍ରିଫିଂ କେନ୍ଦ୍ରର ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସ୍‌ଓଜି ଚନ୍ଦକାର ନୂତନ ପ୍ରଶିକ୍ଷଣ ଓ ବ୍ରିଫିଂ କେନ୍ଦ୍ର ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏଥିରେ ଏକା ସମୟରେ ୪୦୦ ଯବାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିହେବ। ଏହାସହ ମୁଖ୍ୟମନ୍ତ୍ରୀ ସେଠାରେ ଏକ ଅତ୍ୟାଧୁନିକ ଆତଙ୍କବାଦ ବିରୋଧୀ ପ୍ରଶିକ୍ଷଣ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଛନ୍ତି। ଏସ୍‌ଓଜି ଓ ଅନ୍ୟ ସମ୍ପୃକ୍ତ ନକ୍ସଲ ଦମନ ସଂସ୍ଥାର ଯବାନମାନଙ୍କ ରିସ୍କ ଆଲାଉନ୍ସ (ବିପଦଜନିତ ଭତ୍ତା) ବିଷୟ ଘୋଷଣାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତ ଡିସେମ୍ବରରୁ ଆତଙ୍କବାଦ ଦମନ ଅଭିଯାନରେ ପ୍ରତ୍ୟକ୍ଷ ଭାବେ ନିୟୋଜିତ ସ୍ପେଶାଲ ଅପରେଶନ ଗ୍ରୁପ୍ ବା ଏସ୍‌ଓଜିର ଅଫିସରମାନେ ମାସିକ ସର୍ବାଧିକ ୨୫,୦୦୦ ଟଙ୍କା ଆଲାଉନ୍ସ ପାଇବେ। ଏସ୍‌ଓଜିର ସୁବେଦାର ଓ ଡେପୁଟି ସୁବେଦାରମାନେ ମାସିକ ୨୪,୦୦୦ ଟଙ୍କା, ହାବିଲଦାରମାନେ ମାସିକ ୨୦,୦୦୦ ଟଙ୍କା ଏବଂ କନ୍‌ଷ୍ଟେବଲ ଓ ସିପାହିମାନେ ମାସକୁ ୧୬,୦୦୦ ଟଙ୍କା ଭତ୍ତା ପାଇବେ। ସେହିପରି ଏସ୍‌ଓଜି ଏବଂ ଏଇଟି ଓ ଆର୍‌ସିର ଅଧିକାରୀ ଏବଂ କର୍ମଚାରୀମାନେ ପ୍ରତ୍ୟକ୍ଷ ଭାବେ ଅଭିଯାନରେ ସାମିଲ ହୋଇ ନ ଥିଲେ ମଧ୍ୟ ଟ୍ରେନିଂ ଓ ଅନ୍ୟାନ୍ୟ ଡ୍ୟୁଟିରେ ଥିଲେ ମାସିକ ସର୍ବାଧିକ ୧୨,୦୦୦ ଟଙ୍କା ପାଇବେ। ସେହିପରି ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟିଅର ଫୋର୍ସର କର୍ମଚାରୀମାନେ ମାସିକ ସର୍ବାଧିକ ୧୦,୦୦୦ ଟଙ୍କା ଏବଂ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍‌ର କର୍ମଚାରୀମାନେ ମାସିକ ସର୍ବାଧିକ ୨୦,୦୦୦ ଟଙ୍କା ଭତ୍ତା ପାଇବେ। ମୁଖ୍ୟମନ୍ତ୍ରୀ ୧୬ ଜିଲାର ୧୬ଟି ଥାନା ଗୃହ, ୭୦ଟି କ୍ୱାର୍ଟର୍ସ, ଅଫିସ ଗୃହ, ବାରାକ୍, ଅସ୍ତ୍ରାଗାର, ପ୍ରଶାସନିକ ବିଲ୍ଡିଂ ଆଦି ପ୍ରକଳ୍ପ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ହିଂସାରେ ଲିପ୍ତ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷଙ୍କୁ ସରକାର ଅତ୍ୟନ୍ତ କଠୋର ଭାବେ ଦମନ କରିବା ପାଇଁ ବଦ୍ଧପରିକର। ଆତଙ୍କବାଦୀମାନେ ଆତ୍ମସମର୍ପଣକରି ସମାଜର ମୁଖ୍ୟଧାରାରେ ସାମିଲହୋଇ ବିକାଶ ପାଇଁ ସରକାରଙ୍କ ପ୍ରଗତି ରଥରେ ସାରଥି ସାଜନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ରାଜ୍ୟରେ ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଜାରି ରହିଥିବା ମାଓବାଦୀ ସମସ୍ୟାକୁ ଦମନ କରିବା ଦିଗରେ ଏସ୍‌ଓଜିର ଅବଦାନ ଅନନ୍ୟ। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ଆତଙ୍କବାଦ ଲୋପକରିବା ପାଇଁ କେନ୍ଦ୍ର ସରକାର ଯେଉଁ ଡେଡ୍‌ଲାଇନ ରଖିଛନ୍ତି ସେଥିରେ ଆମେ ସଫଳ ହୋଇ ଚାଲିଛେ। ନିକଟରେ ମାଲକାନଗିରି ଜିଲାରେ ୨୨ଜଣ ମାଓବାଦୀଙ୍କର ସମୂହ ଆତ୍ମସମର୍ପଣ ଏ ଦିଗରେ ଏକ ଉତ୍ସାହଜନକ ପଦକ୍ଷେପ। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ରଣନୀତି ଯୋଗୁ ଦେଶ ବର୍ତ୍ତମାନ ଶାନ୍ତି ଓ ବିକାଶର ପଥରେ ଦ୍ରୁତଗତିରେ ଆଗେଇ ଚାଲିଛି।

ପୋଲିସ ବିଭାଗକୁ ଅଧିକ ଶକ୍ତିଶାଳୀ ଏବଂ କ୍ରିୟାଶୀଳ କରିବା ନିମନ୍ତେ ସରକାର ପୋଲିସ ବିଭାଗରେ ସର୍ବମୋଟ ୧୫,୩୨୬ଟି ନୂତନ ପଦବୀ ସୃଷ୍ଟି ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଇତିମଧ୍ୟରେ ସଂଶୋଧିତ ଆତ୍ମସମର୍ପଣ ଏବଂ ପୁନର୍ବାସ ଯୋଜନାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ଯୋଜନା ଅନୁଯାୟୀ, ଆତ୍ମସମର୍ପଣ କରୁଥିବା ମାଓବାଦୀମାନଙ୍କୁ ୧ କୋଟି ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ରାଶି ସହ ବାସଗୃହ, ଶିକ୍ଷା ସହାୟତା, ବିବାହ ସହାୟତା ଏବଂ ରୋଜଗାର ନିମନ୍ତେ ମାସିକ ୧୦,୦୦୦ ଟଙ୍କାର ଷ୍ଟାଇପେଣ୍ଡ ସହିତ ବୃତ୍ତିଗତ ତାଲିମର ସୁବିଧା ମିଳିପାରିବ। ଏହି କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ, ଏଡ଼ିଜିପି ସଞ୍ଜୀବ ପଣ୍ଡା, ଏସ୍‌ଆଇଡବ୍ଲ୍ୟୁ ଡିଆଇଜିପି ଅଖିଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

9th Death Anniversary
In Loving Memory
"We remember you with Pride and Gratitude. Your presence remains with us like a Blessing. We miss your Love, Affection and Guidance. Your path of Righteousness will continue to inspire us."



√Gopal Chandra Mohanty
Ex- Principal Secretary to Govt. of Odisha. Law Department,
Ex- Chairman, State Law Revision Committee.
Fondly Remembered by
Kanak Mohanty
Manoj & Bharati Mohanty, Saroj & Amrapalli Mohanty, Sanjib & Ashru Mohanty
Samikhya & Tarun, Samyantaka, Anwesha
Staffs and Management of Xpose Advertising
Xpose ADVERTISING — BHUBANESWAR | RAIPUR KOLKATA | HYDERABAD
fabindia CELEBRATE INDIA — BALASORE
BALASORE

DSPL-438



GKCM ORC
ଆନ୍ତର୍ଜାତିକ
ଓଡ଼ିଶୀ ନୃତ୍ୟ ମହୋତ୍ସବ
International Odissi Dance Festival
୨୬ - ୩୦ ଡିସେମ୍ବର ୨୦୨୫
ପ୍ରତ୍ୟହ ଦିବା ୧୦ଟାରୁ ରାତ୍ର ୯ଟା



ଶୁଭ ଉଦ୍‌ଘାଟନ
ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଗରିମାମୟ ଉପସ୍ଥିତି
ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି





୨୬ ଡିସେମ୍ବର ୨୦୨୫ | ସନ୍ଧ୍ୟା ୬.୦୦ ଘଟିକା | ରବୀନ୍ଦ୍ର ମଣ୍ଡପ
ଆୟୋଜକ : ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
OIPR-03004/13/0010/2526

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଚତୁର୍ଦ୍ଦିବସୀୟ ସାଧନା ଶିବିର, ସ୍ଥାନ: ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ସମୟ: ସକାଳ ୬ଟା।
- ଓଡ଼ିଶା ଖାଦ୍ୟ ମହୋତ୍ସବ, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ଗଣ ଧାରଣା, ସ୍ଥାନ: ଭିଏସ୍‌ଏସ୍ ନଗର ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ମା'ବଡ଼ ବନ୍ଧିଆଣିଙ୍କ ପ୍ରସିଦ୍ଧ ମକର ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମା'ବଡ଼ ବନ୍ଧିଆଣିଙ୍କ ପୀଠ, ସୋମପଡା, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ବାଲେଶ୍ୱର**
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ :ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମହମ୍ମଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହ, ସ୍ଥାନ: ମହମ୍ମଦପୁର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାମପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ପାଣିନାଳ, ଚଉମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ପ୍ରତିଷ୍ଠା ଦିବସ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- କୋଶମ୍ବ ମେଳାର ପଞ୍ଚମ ସନ୍ଧ୍ୟା, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା

**ଭଦ୍ରକ**
- ପଞ୍ଚାୟତସ୍ତରୀୟ ଗ୍ରାମସଭା, ସ୍ଥାନ: ଭଗବାନପୁର ପଞ୍ଚାୟତ କାର୍ଯ୍ୟାଳୟ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ପ୍ରତିଷ୍ଠା ଦିବସ ଉତ୍ସବ, ସ୍ଥାନ: ଡିଗୀପୋଖରୀ ପଡ଼ିଆ, ବନ୍ତ, ସମୟ: ଅପରାହ୍ନ ୩ଟା।
- ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କାଳୀପଡ଼ିଆ, ଧୁଷୁରୀ, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଗୀତ ସାହିତ୍ୟ ଆସର, ସ୍ଥାନ: ହୋଟେଲ କୈରବ ସମ୍ମିଳନୀ କକ୍ଷ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ଡିଏଭି ମଦନ ମୋହନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଇଚ୍ଛାପୁର, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ବାଣିଜ୍ୟ ମେଳାର ତୃତୀୟ ସନ୍ଧ୍ୟା, ସ୍ଥାନ: ସାମରାଇପୁର, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଆଗରପଡ଼ା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ବିଜେଡିର ପ୍ରତିଷ୍ଠା ଦିବସ, ସ୍ଥାନ: ଜିଲା କାର୍ଯ୍ୟାଳୟ ପରିସର, ବାରିପଦା,ସମୟ: ସକାଳ ୯ଟା।
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ:ଚିତ୍ରଡ଼ା ଲ୍ୟାମ୍ପ୍‌ସ ପରିସର, ମୋରଡା,ସମୟ: ପୂର୍ବାହ୍ନ ୧୦ଟା।

**ଗଞ୍ଜାମ**
- ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: ଖଲ୍ଲିକୋଟ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୭ଟା ୧୫।

**ଢେଙ୍କାନାଳ**
- ବିଜେଡି ପ୍ରତିଷ୍ଠା ଦିବସ , ସ୍ଥାନ : ପୌରସଂସ୍ଥା ଅଡିଟୋରୟିମ, ଆରଟିଓ ଅଫିସ ପାଖ, ସମୟ : ପୂର୍ବାହ୍ନ ୧୧ଟା ୩୦।

**ଅନୁଗୋଳ**
- ରାଜ୍ୟସ୍ତରୀୟ ଅଷ୍ଟକିଳା ଫୁଟ୍‌ବଲ ଟୁର୍ନାମେଣ୍ଟର ୫ମ ଦିବସ, ସ୍ଥାନ : ଆଠମଲ୍ଲିକ ପତାକା ଖେଳପଡିଆ, ସମୟ : ଅପରାହ୍ନ ୨ ଟା ୩୦।

**ଜଗତ୍‌ସିଂହପୁର**
- ଟିପିସିଓଡିଏଲ୍ ବିରୋଧରେ ସଭା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ସମୟ: ସକାଳ ୯ଟା ୩୦।
- ପାରାଦୀପ ନଗର ବିଜେଡି ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରମିକ ଭବନ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, କେୟାରବାଙ୍କ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଟାଟା ପାୱାର ବିରୋଧରେ ଜିଲା କଂଗ୍ରେସର ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ରାଜସ୍ୱ ଅଭିଯୋଗର ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ବିପ୍ଳବୀ କବି ଆନନ୍ଦ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ– ସରସ୍ୱତୀ ଷ୍ଟାଡିୟମ, ଡାଳିକାଏନ୍ଦା, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଡେରାବିଶ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ବାଦିପାଲା ମହୋତ୍ସବ, ସ୍ଥାନ: ମା' ବୁଢ଼ୀ ଜାଗୁଲାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- କନକ ଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ବରୀ ବ୍ଲକ୍‌ର ବାଲିବିଲ, ସମୟ: ସକାଳ ୮ଟା।
- ଧର୍ମଶାଳା ବାଣୀପୀଠର ୬୮ତମ ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ରସଂସଦର ୧୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା ବାଣୀପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ, ସ୍ଥାନ : ଯାଜପୁର ପ୍ରଶାସନିକ ଭବନ ପଡିଆ, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଶ୍ରୀ ଜଗନ୍ନାଥ ଧାମ ପୁରୀ ପକ୍ଷରୁ ୩୪ତମ ଚାରଣ ପ୍ରବଜ୍ୟାରେ ପ୍ରଭୁ ଜଗନ୍ନାଥ ବିମାନରେ ପରିକ୍ରମା, ସ୍ଥାନ:ଭାପୁର ବ୍ଲକ ହାଟପଦା, ବସନ୍ତପୁର, ଉଦୟପୁର ଓ ଗୋହିରିଆପଡା ଅଞ୍ଚଳ, ସମୟ:ସକାଳ ୬ରୁ ସନ୍ଧ୍ୟା ୬ ଟା।
- ଘୋଡଲାଗି ପର୍ବର ୩୦ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ୩୦ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ ଟା ୩୦।
- ଜିଲା ମହୋତ୍ସବର ୩ ୟ ଦିବସ, ସ୍ଥାନ: ନୟାଗଡ଼ ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ରୁ ରାତ୍ର ୧୨।
- ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ:ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।

**ରାୟଗଡ଼ା**
- ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଗୁଣପୁର ନୂତନ ବସଷ୍ଟାଣ୍ଡ, ସମୟ: ସକାଳ ୯ଟା ୩୦।
- ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ଓ ସଭା, ସ୍ଥାନ: ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ଓ ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଦେଓକପୁଲିସ୍ଥିତ ଷ୍ଟୋନ କ୍ରସର ପୁନଃ କାର୍ଯ୍ୟକ୍ଷମ ପାଇଁ ପଲ୍ଲୀସଭା, ସ୍ଥାନ: ମୁନିଗୁଡ଼ା ବ୍ଲକ ଦେଓକପୁଲି ଗ୍ରାମ ପରିସର, ସମୟ: ସକାଳ ୧୦ଟା ୩୦।
- ଜିଲାସ୍ତରୀୟ ଚଇତି ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ରାୟଗଡ଼ା ଜିସିଡି ପଡିଆ, ସମୟ: ସନ୍ଧ୍ୟା ୬ଟା।

**ନବରଙ୍ଗପୁର**
- ପିପିଏଲ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ, ସ୍ଥାନ: ଉମରକୋଟ, ନାୟକଗୁଡ଼ା, ସମୟ: ଅପରାହ୍ନ ୧ ଟା।

**କୋରାପୁଟ**
- ବ୍ଲକସ୍ତରୀୟ ଜଳବିଭାଜିକା ମହୋତ୍ସବ, ସ୍ଥାନ: କୋଲର ପଞ୍ଚାୟତ ଦିସାରିଗୁଡା, ବୈପାରୀଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଡାକ୍ତରଙ୍କ ଘଣ୍ଟିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟାରୁ ୧୧ଟା।
- ବିଜେଡିର ପ୍ରତିଷ୍ଠା ଦିବସ, ସ୍ଥାନ: ନୂଆ ହାଟପଦା, ମଲ୍ଟି ଫଙ୍କସନ୍ ହଲ୍, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- ସ୍ୱାମୀ ଆୟପ୍ପାଙ୍କ ଆଇ ପୂଜା, ସ୍ଥାନ: ଆୟପ୍ପାଙ୍କ ମନ୍ଦିର, ବାଲିମେଳା, ସମୟ: ସକାଳ ୬ଟା।
- ରୟାଲ ହୋମିଓ କ୍ଲିନିକ୍‌ର ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବାଲିମେଳା ସହରର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ମୁଣ୍ଡା ବାପଟିଷ୍ଟ ଚର୍ଚ୍ଚ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀ ଟକିଜ ନିକଟସ୍ଥ ଚର୍ଚ୍ଚ ପରିସର, ସମୟ: ସକାଳ ୯ଟା ୩୦।
- ଜିଲା ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରେମେଡ ଛକ, ସମୟ: ସକାଳ ୯ଟା ୫୦।
- ବନ୍ଦନା ଆର୍ଟ ଆୟୋଜିତ ଦୁର୍ଗା–୩ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଅମୃତ ବିହାର ପରିସରସ୍ଥ ଜିଏମୟୁ ଆର୍ଟ ଗ୍ୟାଲେରୀ, ସମୟ: ପୂର୍ବାହ୍ନ ୧୧ ରୁ ରାତି ୭ଟା।
- ଯୁବ ଉଦୟନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ତୃତୀୟ ରଜନୀ, ସ୍ଥାନ: ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ସମ୍ବଲପୁର ଲୋକ ମହୋତ୍ସବ ମଞ୍ଚ ଓ ପ୍ରେକ୍ଷାଳୟ କମିଟିର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ରାତି ୭ଟା।

**ରାଉରକେଲା**
- ଅଲ୍ ଓଡିଶା ୱିଣ୍ଟର କ୍ରିକେଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ବୀର ବାଲ୍ ଦିବସ ପାଇଁ ଶୋଭାଯାତ୍ରା, ସ୍ଥାନ: ଗୁରୁଦ୍ୱାରା ଗୁରୁ ସଭା, ସମୟ: ସନ୍ଧ୍ୟା ୬ଟା।
- ବହୁ ଭାଷୀନାଟକ ଓ ନୃତ୍ୟ ମହୋତ୍ସବ, ସ୍ଥାନ: ସେକ୍ଟର–୧୯, ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ସ୍ପନ୍ଦନ ବହୁ ଭାଷାଭାଷୀ ନାଟକ ଓ ନୃତ୍ୟ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ, ସ୍ଥାନ: ସେକ୍ଟର–୧୯ ରାଉରକେଲା ହାଉସ, ସମୟ: ରାତ୍ରି ୯ଟା।

**ସୁନ୍ଦରଗଡ଼**
- ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ଅବସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ,ସ୍ଥାନ: ରାଣୀବଗିଚା ଛକ, ସମୟ: ପୂର୍ବାହ୍ନ୧୦ଟା ୩୦।
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ, ସ୍ଥାନ: କରମଡିହି ଦୁର୍ଗା ମଣ୍ଡପ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।

**ବରଗଡ଼**
- ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନ, ସ୍ଥାନ: କୃଷକ ବଜାର ବରଗଡ଼, ସମୟ: ସନ୍ଧ୍ୟା ୫ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ ବିଜୁ ଜୟନ୍ତୀ ପାଳନ, ସ୍ଥାନ: ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଗୁରୁ କୃପା ମହୋତ୍ସବ ଆରମ୍ଭ, ସ୍ଥାନ: ଭବାନୀପାଟଣା ମନ୍ଦାରବଗିଚା ପଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟୁତ୍ ସମସ୍ୟା ତଥା ଉପଭୋକ୍ତାଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରତିବାଦରେ କଂଗ୍ରେସର ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣାସ୍ଥିତ ଗାନ୍ଧୀ ଛକ, ସମୟ: ଅପରାହ୍ନ ୫ଟା।

**ବୌଦ୍ଧ**
- ୧୦୮କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ବୁରୁପାଲି, ବୌଦ୍ଧ, ସମୟ: ସକାଳ ୮ଟା।

**ଦେବଗଡ଼**
- ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ୍ ପ୍ରତିଯୋଗିତାର ପଞ୍ଚମ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଦେବଗଡ଼ କଲେଜର ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ୨୯ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପର ଷଷ୍ଠ ଦିବସ, କ୍ୟୁସିଆଇ ଛତିଶଗଡ଼ ବନାମ ବିରାଟ କ୍ରିକେଟ ଏକାଡେମି କୋଲକତା (ୱେଷ୍ଟ ବେଙ୍ଗଲ), ସ୍ଥାନ: ଲୁତୁରପଙ୍କ ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଜନତା ଦଳର ଜିଲାସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନୂଆପଡ଼ା**
- ପ୍ରଥମ ଜୋନସ୍ତରୀୟ ୟୁନିଟ କପ୍ କ୍ରିକେଟ୍ ଦ୍ୱାଦଶ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ୩ୟ ଶହୀଦ ପୀତବାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ୪ର୍ଥ ଦିବସ, ସ୍ଥାନ: କୋମନା ବ୍ଲକ ଦାନୋଝଲା ଶହୀଦ ପୀତବାସ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ୟଟା।
- ୫ମ ଜୟ ମା' ବଟ୍ରେଣ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିକୋଣୀୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ, ସ୍ଥାନ: ପୋଲିସ ପଡ଼ିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୩ୟ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

**ଝାରସୁଗୁଡ଼ା**
- ବିଶ୍ୱ ଶାନ୍ତି ମହାଯଜ୍ଞ, ସ୍ଥାନ:କୁହାକୁଣ୍ଡା ମହିମା ଆଶ୍ରମ, ଲଖନପୁର, ସମୟ:ସକାଳ ୮ଟା।
- ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ:ବଡ଼ମାଳ, ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକେ କାଳୀ**
**ଘେନିଛି କାଚ କୋଟିଲା ମାଳି**
**ପିନ୍ଧିଅଛି ପୁଣି ନେଳିଆ ଶାଢ଼ି**
**ତହିଁରେ ହୋଇଛି ରାନ୍ଧଣା ପାଳି ।**

ତରୁଣୀ ବା ଯୁବତୀମାନେ ବେଶଭୂଷା ହୋଇ ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଆନନ୍ଦ ପାଇଥାନ୍ତି। ତେବେ ନିଜ ରୂପ ବର୍ଣ୍ଣକୁ ଚାହିଁ ବେଶ୍ ପରିପାଟୀ ହେଲେ ଅନ୍ୟ ଆଗରେ ତାହା ସୁନ୍ଦର ଲାଗିଥାଏ। ଏପରିସ୍ଥିତିରେ ରୋଷଶାଳାରେ କାର୍ଯ୍ୟ କରୁଥିବା ଶ୍ୟାମଳବର୍ଣ୍ଣା ଯୁବତୀର ବିଚିତ୍ର ବେଶଭୂଷା ଓ ପରିପାଟୀ ପ୍ରତି ତାଚ୍ଛଲ୍ୟ କରିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏଇଲୋ ବାପ,**
**ଘରେ ପଶିଗଲା ଢମଣା ସାପ ।**

ଢମଣା ସାପ ସାଧାରଣତଃ ବିଷହୀନ ହୋଇଥାନ୍ତି। ତେଣୁ ଏହାକୁ ନେଇ ମନରେ ଭୟ ପ୍ରକାଶ କରିବା ଉଚିତ ହୋଇ ନ ଥାଏ। ମନର ଭୟ ମଣିଷକୁ ଶଙ୍କାଗ୍ରସ୍ତ କରାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରାଜ୍ୟରେ ୩ ସୁନା ଖଣି ପାଇଁ ନିଲାମି ଡାକରା




## ପେପରଲେସ୍ ହେବ...

ପ୍ରଥମ ପୃଷ୍ଠାରୁ...

ଜିଲା ଓ ବ୍ଲକ୍‌ସ୍ତରରେ ମଧ୍ୟ ସରକାରୀ କାର୍ଯ୍ୟଗୁଡିକ ପେପରଲେସ୍ ହେବ। ଏହା ମାଧ୍ୟମରେ ରାଜ୍ୟରେ ସୁଶାସନର ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବାଜପେୟୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆହୁରି କହିଛନ୍ତି, ଅଟଳ ବିହାରୀ ବାଜପେୟୀ ଥିଲେ ଜଣେ ପ୍ରବୀଣ ରାଜନୀତିଜ୍ଞ, କବି, ଲେଖକ ଏବଂ ଭାରତୀୟତାର ଦାର୍ଶନିକ। ଶାସକ ଅଥବା ବିରୋଧୀ ପକ୍ଷ ରାଷ୍ଟ୍ରହିତକୁ ସେ ସବୁବେଳେ ଗୁରୁତ୍ୱ ଦେଉଥିଲେ। ସ୍ୱର୍ଣ୍ଣ ଚତୁର୍ଭୁଜ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ସର୍ବଶିକ୍ଷା ଅଭିଯାନ, ବିତ୍ତୀୟ ଅନୁଶାସନ ପାଇଁ ଏଫ୍‌ଆର୍‌ବିଏମ୍ ଆକ୍ଟ ପ୍ରଣୟନ ଭଳି ଅନେକ ଯୁଗାନ୍ତକାରୀ ପଦକ୍ଷେପ ତାଙ୍କ ଦ୍ୱାରା ପରିକଳ୍ପିତ। ତାଙ୍କ ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱରରେ ଏମ୍‌ସ ଖୋଲାଯାଇଥିଲା। ୧୯୯୯ ମହାବାତ୍ୟା ସମୟରେ ଓଡ଼ିଶାର ବନ୍ଧୁ ସାଜି ଉଦ୍ଧାର, ରିଲିଫ ଆଦି କାର୍ଯ୍ୟ କରିଥିଲେ। ଓଡ଼ିଶାରେ ପ୍ରତିଷ୍ଠା ହୋଇଥିବା ଇଷ୍ଟକୋଷ୍ଟ ରେଲୱେ, ପାରାଦୀପ ତୈଳ ବିଶୋଧନାଗାର, ପାରାଦୀପ–ହରିଦାସପୁର ରେଳପଥ ପରି ମେଗା ପ୍ରକଳ୍ପଗୁଡ଼ିକରେ ତାଙ୍କ ସ୍ୱାକ୍ଷର ରହିଛି। ଏହାପରେ ସେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନକରି ବୁଲି ଦେଖିଥିଲେ। ବିଭାଗ ପକ୍ଷରୁ ଅନୁଷ୍ଠିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଏମ୍‌ସ ପରିସରରେ ଥିବା ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ଏକାମ୍ର–ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇ କହିଛନ୍ତି, ବାଜପେୟୀ ପ୍ରଧାନମନ୍ତ୍ରୀ ଭାବେ ସୀମିତ ସମୟ ପାଇଁ ରହିଥିଲେ ମଧ୍ୟ ତାଙ୍କ କାର୍ଯ୍ୟପ୍ରଣାଳୀ ଯୋଗୁ ଆମେ ଆଜି ସୁଖ ଅନୁଭବ କରୁଛୁ। ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି, ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚାଇବା ହେଉଛି ସୁଶାସନର ପରିଭାଷା। ଅଭିବୃଦ୍ଧି ହାର ବଢ଼ାଇବା ପାଇଁ ସୁଶାସନ ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି। ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ କହିଛନ୍ତି, ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବାଜପେୟୀଙ୍କ ବଳିଷ୍ଠ ଭୂମିକା ରହିଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇ କହିଛନ୍ତି, ସୁଶାସନ ଦିବସ ପାଳନ ଆମକୁ ସ୍ମରଣ କରାଇ ଦେଇଥାଏ, ସରକାରୀ ସେବାକୁ ଆମକୁ ଆହୁରି ଅଧିକ ଜନାଭିମୁଖୀ କରିବାକୁ ପଡିବ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଂଲାଦେଶ ଫେରିଲେ...

ବିଏନ୍‌ପି କାର୍ଯ୍ୟକାରୀ ସଭାପତି କହିଛନ୍ତି। ପ୍ରିୟ ବାଂଲାଦେଶରୁ ଭାଷଣ ଆରମ୍ଭ କରିବା ସହ ତାଙ୍କ ଅନୁପସ୍ଥିତିରେ ଦଳ ପାଇଁ ଛିଡ଼ାହୋଇଥିବା ନେତା, କର୍ମୀ ଓ ନାଗରିକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଲି ପରେ ରହମାନ ଏଭରକେୟାର ହସ୍ପିଟାଲ ଯାଇ ତାଙ୍କ ଅସୁସ୍ଥ ମା' ଖାଲେଦାଙ୍କୁ ଭେଟିଛନ୍ତି। ୧୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ବାଂଲାଦେଶରେ ମା'ପୁଅଙ୍କ ଭେଟ ହୋଇଛି। ତେବେ ଲଣ୍ଡନରେ ଉଭୟେ ଅନେକ ଥର ପରସ୍ପରକୁ ଭେଟିଥିଲେ। ରହମାନଙ୍କ ସହ ତାଙ୍କ ସ୍ତ୍ରୀ ଡ. ଜୁବାଇଦା ରହମାନ ଏବଂ ଝିଅ ଜାଇମା ରହମାନ ହିଥ୍ରୋ ଏୟାରପୋର୍ଟରୁ ଢାକାର ହଜରତ ଶାହଜଲାଲ ଅନ୍ତର୍ଜାତୀୟ ବିମାନ ବନ୍ଦର ଯିବା ସହ ହସ୍ପିଟାଲ ଯାଇଥିଲେ। ଅସୁସ୍ଥ ମା'ଙ୍କ ଆରୋଗ୍ୟ ପାଇଁ ଦେଶବାସୀ ପ୍ରାର୍ଥନା କରିବାକୁ ରହମାନ ନିବେଦନ କରିଛନ୍ତି। ଖାଲେଦା ଗତ ନଭେମ୍ବର ୨୩ରୁ ଗୁରୁତର ଅବସ୍ଥାରେ ଏଭରକେୟାର ହସ୍ପିଟାଲର କରୋନାରି କେୟାର ୟୁନିଟ୍‌ରେ ଚିକିତ୍ସିତ ହେଉଛନ୍ତି।

## ୩ ଖଣିରେ ୧,୫୮୬...

ଠିକ୍ ଭାବରେ କିପରି ନିଲାମ ହୋଇପାରିବ ଓ ସୁନା ଖଣିରୁ କଢ଼ା ଯାଇପାରିବ ତାହାକୁ ସମୀକ୍ଷାରେ ଗୁରୁତ୍ୱ ଦିଆଯିବ ବୋଲି ଖଣି ମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଶେଷ ହୋଇଥିବା ବିଧାନସଭା ଅଧିବେଶନ ଅବସରରେ ବିଧାୟକ ଚକ୍ରମଣି କହଁରଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଜ୍ୟର ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ନବରଙ୍ଗପୁର, ଅନୁଗୋଳ, କୋରାପୁଟ, ମାଲକାନଗିରି, ସମ୍ବଲପୁର ଓ ବୌଦ୍ଧ ଜିଲାର ଅନେକ ସ୍ଥାନରେ ସୁନାଖଣି ରହିଛି। ତେବେ ଏହାର ପରିମାଣ ଏବଂ ଉତ୍ତୋଳନ ଖର୍ଚ୍ଚ ଉପରେ ଅଧିକ ଅନୁସନ୍ଧାନ କରାଯିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ପାପଗ୍ରହ ରାହୁଯୁକ୍ତ କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ତଥାପି ସାମ୍ବାଦିକତା, ଏଜେନ୍‌ସିପ୍, ପରିବହନ, ବାଣିଜ୍ୟରେ ସଫଳତା ପାଇବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗିରହିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ବନ୍ଧୁଙ୍କ ସହ ମତପାର୍ଥକ୍ୟଜନିତ ସମ୍ପର୍କହାନି ଘଟିପାରେ।

**ବୃଷ**
ତୃତୀୟାଧିପତିଙ୍କ ଅଶୁଭଦୃ ସଂଯୋଗ ପଡ଼ୋଶୀ କିମ୍ବା ଭଗିନୀଙ୍କ ସହ ମନାନ୍ତରର କାରଣ ହୋଇପାରେ। ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା କିନ୍ତୁ ଆନୁଷ୍ଠାନିକ କାମରେ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ବନ୍ଧୁଙ୍କଠାରୁ ଧାର କରଜ କରିପାରନ୍ତି।

**ମିଥୁନ**
କର୍ମସ୍ଥାନରେ ଶନିଙ୍କ ପ୍ରଭାବରେ କାର୍ଯ୍ୟରେ ବିଳମ୍ବ ଏବଂ ଅବହେଳାରୁ ଅଭିଯୋଗର ସମ୍ମୁଖୀନ ହେବେ। ବନ୍ଧୁଗହଣରେ ରୁକ୍ଷ ଭାଷା ପ୍ରୟୋଗ ଯୋଗୁ ସମ୍ପର୍କହାନି ଘଟିପାରେ। ଯେଉଁ କ୍ଷେତ୍ରରେ ଯାହାକିଛି ନିଷ୍ପତ୍ତି ନେବେ ଶେଷ ସମୟରେ ଓଲଟ ପାଲଟ ହୋଇଯିବ। ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଫଳ ପାଇବାର ଆଶା ରହିଛି।

**କର୍କଟ**
ରାଶ୍ୟାଧିପ ଅଷ୍ଟମସ୍ଥ ଯୋଗୁ ଶାରୀରିକ ଅସୁସ୍ଥତାଜନିତ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ସତର୍କରେ କାମ ନ କଲେ ଅନୁତାପ କରିପାରନ୍ତି। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ସିଂହ**
କୋଣଭାବସ୍ଥ ଗ୍ରହ ପ୍ରଭାବରୁ ପ୍ଲଟିଂ କାରବାରରେ ଉନ୍ନତି ସାଙ୍ଗକୁ ଅଗ୍ନି ସମ୍ବନ୍ଧିତ ଯନ୍ତ୍ରପାତି ବ୍ୟବସାୟରୁ ସୁଫଳ ପାଇବେ। ଅର୍ଥଲାଭର ଯୋଗ ରହିଛି। ପୂର୍ବପରିକଳ୍ପିତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି।

**କନ୍ୟା**
କର୍ମଭାବସ୍ଥ ଗୁରୁଙ୍କ ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟିଜନିତ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ସମ୍ପର୍କୀୟମାନେ ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ପାରିବାରିକ କ୍ଷେତ୍ରକୁ ସମସ୍ୟାବହୁଳ କରିପାରନ୍ତି। ସହକର୍ମୀଙ୍କ ସହ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରିବେ।

**ତୁଳା**
ମୁଖଭାବରେ ବୁଧଗ୍ରହ ଥିବାରୁ ଆପଣଙ୍କ କଠୋର ବାକ୍ୟାଳାପ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ବ୍ୟାଙ୍କ ଲୋନ୍‌କୁ ପରିଶୋଧ କରି ଆଶ୍ୱସ୍ତି ଲଭିବେ। ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ଦୂର ସ୍ଥାନ ଯିବାକୁ ମନ ବଳାଇ ପାରନ୍ତି।

**ବିଛା**
ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପ ଆରୋଗ୍ୟଲାଭ, ଚେଷ୍ଟା ସଫଳ ସାଙ୍ଗକୁ ଋଣସୂତ୍ରରେ ଅର୍ଥଲାଭ କରାଇପାରେ। ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। ଲେଖାପଢ଼ା, ସାହିତ୍ୟ, ସାମ୍ବାଦିକତା ଓ ଅଭିନୟରୁ ପ୍ରଶଂସା ପାଇବେ। ଗୃହସୀମାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**
ଏକାଧିକ ପାପଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟହାନି, କଳହ, ଧନକ୍ଷୟ ଓ ସମ୍ପର୍କ ନଷ୍ଟର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ବିରକ୍ତ ହେବା ଉଚିତ ହେବନାହିଁ। ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ପାରିବାରିକ ସମସ୍ୟାକୁ ସୁଧାରି ନେବେ।

**ମକର**
ଦ୍ୱାଦଶ ସ୍ଥାନରେ ଶୁକ୍ର ଅବସ୍ଥାନ କରିଥିବାରୁ ମଉଜ ମଜଲିସ୍‌ରେ ଦିନଟି କଟିବ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବ। ପରିବାରରେ ଛୋଟ କଥାଟିକୁ ଗୁରୁତ୍ୱ ନ ଦେବା କାରଣରୁ ଟେନ୍‌ସନ କମିଯିବ। ଆଲୋଚନା ପରିସରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ**
ରାହୁଙ୍କ କୁପ୍ରଭାବରୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ପିଲାଙ୍କ ଶିକ୍ଷାକ୍ଷେତ୍ରରେ ସମସ୍ୟା କିମ୍ବା ସ୍ୱାସ୍ଥ୍ୟହାନି କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ଜମିଜମା ସମସ୍ୟା, ବ୍ୟବସାୟ କିମ୍ବା ପରିବହନରେ ଝଗଡ଼ା ଜଟିଳ ହେବ। ଖଳଲୋକମାନଙ୍କ ଶତ୍ରୁତା ହେତୁ ନିଜ ପରିସରରେ ସମାଲୋଚିତ ହୋଇପାରନ୍ତି।

**ମୀନ**
ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପଡ଼ୋଶୀଙ୍କ ସହିତ ପିଲାମାନଙ୍କୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ସ୍ୱାର୍ଥକୁ ଆଖିଆଗରେ ରଖି ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। ଗୃହ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେବାର ସୂଚନା ରହିଛି।

ଆଜି ଡିସେମ୍ବର ୨୬ ତାରିଖ, ପୌଷ ଶୁକ୍ଳ ଷଷ୍ଠୀ ଶୁକ୍ରବାର। ରାଶିନକ୍ଷତ୍ର–ଶତଭିଷା/କୁମ୍ଭ, ଦିବା ଘ.୦୮.୫୯ ଗତେ ପୂର୍ବଭାଦ୍ରପଦ ନକ୍ଷତ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୨ ଗତେ ଘ.୦୭.୦୬ ମଧ୍ୟେ, ଘ.୦୭.୪୯ ଗତେ ଘ.୦୯.୦୫ ମଧ୍ୟେ ଶୁଭଶୁଭ ବେଳା। ଦିବା ଘ.୧୦.୨୬ ଗତେ ଘ.୧୧.୪୭ ମଧ୍ୟେ ରାହୁ କାଳ।

CureBay KAVACH
ସୁସ୍ଥ ରୁହନ୍ତୁ ଟେନସନ୍ ଛାଡ଼ନ୍ତୁ
CureBay for a healthier India
₹୪୨୨ ଟଙ୍କାରେ ₹15000 ପର୍ଯ୍ୟନ୍ତ - ଯାତାୟତ, ଖାଦ୍ୟ ଖର୍ଚ୍ଚ ପାଇଁ
ସ୍କାନ୍ କରନ୍ତୁ
ଡାଉନଲୋଡ୍ CureBay ଆପ୍
GET IT ON Google Play
Available on the App Store
8335 000 999 ରେ କଲ୍ କରନ୍ତୁ , ଆପଣଙ୍କର ନିକଟସ୍ଥ CureBay eClinic ପରିଦର୍ଶନ କରନ୍ତୁ
*ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ।


ଅତିଥିବୃନ୍ଦ ବରଗଡ଼ ଧନୁଯାତ୍ରା ମହୋତ୍ସବ ରଙ୍ଗମହଲ ଉଦ୍‌ଘାଟନ କରୁଛନ୍ତି।

# ଓଡ଼ିଶାରେ ମାଓବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଗଲା: ଡିଜିପି

ଭୁବନେଶ୍ୱର,୨୫।୧୨
(ତ୍ରିନାଥ ମହାନ୍ତି)

ଗଞ୍ଜାମ-କନ୍ଧମାଳ ସୀମାନ୍ତ ଜଙ୍ଗଲରେ ଏନ୍‌କାଉଣ୍ଟରରେ ଟପ୍ ମାଓନେତା ଗଣେଶ ଉଇକେଙ୍କ ସମେତ ୪ଜଣ ନିହତ ହୋଇଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ପୋଲିସ ଡିଜି ୱାଇ.ବି ଖୁରାନିଆ କହିଛନ୍ତି, ଗଣେଶ ନିହତ ହେବା ପରେ ଓଡ଼ିଶାରେ ମାଓବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଗଣେଶଙ୍କ ସମେତ ୪ ଜଣ ମାଓବାଦୀଙ୍କ ନିଧନ ପୋଲିସ ପାଇଁ ବଡ଼ ସଫଳତା। ଏବେବି ସର୍ଚ୍ଚ ଅପରେଶନ ଜାରି ରହିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀ ମୂଳପୋଛ ଆମର ଲକ୍ଷ୍ୟ। ମାଓବାଦୀଙ୍କ ଆତ୍ମସମର୍ପଣ କ୍ଷେତ୍ରରେ ଆମ ରାଜ୍ୟର ପୋଲିସ ସବୁଠୁ ଶ୍ରେଷ୍ଠ। ତେଣୁ ମାଓବାଦୀ ହିଂସାପଥ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ। ଆମେ ସେମାନଙ୍କୁ ଗୋଲାପ ଦେଇ ସ୍ୱାଗତ କରିବୁ। ନିଜ ଜୀବନକୁ ନଷ୍ଟ ନ କରି ବନ୍ଧୁକ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ। ଜଙ୍ଗଲରେ ଲୁଚି ରହି ରାଜ୍ୟ ଏବଂ ଦେଶ ବିରୋଧୀ କାର୍ଯ୍ୟ କଲେ ଏଭଳି ଭାବେ ପୋଲିସ ଗୁଳିର ଶିକାର ହେବାକୁ ପଡ଼ିବ ବୋଲି ଡିଜିପି କହିଛନ୍ତି।

# ବରଗଡ଼ ଧନୁଯାତ୍ରା, ରଙ୍ଗମହଲ ଉଦ୍‌ଘାଟିତ

ମଥୁରାନଗରୀ,୨୫।୧୨
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିବସ ଗୁରୁବାରରେ ମଥୁରାନଗରୀର ଲୋକ ମଣ୍ଡପ ପଡ଼ିଆରେ ରଙ୍ଗମହଲ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲ ଏହି ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଏସ୍‌ପି ପି.ଏସ୍. ମୀନା, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ରଙ୍ଗମହଲ ମଞ୍ଚର ଆବାହକ ଅକ୍ରୂର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ରଙ୍ଗମହଲ ଉଦ୍‌ଘାଟନ ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ବିଚଳିତ କଂସ ନିଜ ମନକୁ ଶାନ୍ତ କରିଥିଲେ। ଅନ୍ୟପଟେ କାରାଗାରରେ ବନ୍ଦୀ ଦେବକୀଙ୍କ କୋଳରେ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। ବସୁଦେବ ଶ୍ରୀକୃଷ୍ଣଙ୍କୁ ଧରି ଗୋପପୁରକୁ ଯାଇଥିଲେ। ସେଠାରେ ନନ୍ଦରାଣୀ, ନନ୍ଦରାଜାଙ୍କ କୋଳରେ ଶ୍ରୀକୃଷ୍ଣଙ୍କୁ ଛାଡ଼ିଥିଲେ ଏବଂ ବିଜୁଳିକନ୍ୟାଙ୍କୁ ଧରି ବସୁଦେବ ନିଶାର୍ଦ୍ଧରେ କାରାଗାର ପ୍ରତ୍ୟାବର୍ତ୍ତନ କରିଥିଲେ।

# ତ୍ୟାଗ, ତିତିକ୍ଷା, ବଳିଦାନର ମୂର୍ତ୍ତିମନ୍ତ ପ୍ରତୀକ ବାଜପେୟୀ

**ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ, ସୁଶାସନ ଦିବସ**

ଭୁବନେଶ୍ୱର,୨୫।୧୨
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଓ ସୁଶାସନ ଦିବସ ଗୁରୁବାର ସଂସ୍କୃତି ଭାବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ପୂଜ୍ୟ ଅଟଳ ଶତାବ୍ଦୀର ଶତଦଳ' ଶୀର୍ଷକରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ କବି ଅଂଶଗ୍ରହଣ କରି ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କର ଅମର ଓ ଅମ୍ଳାନ କୀର୍ତ୍ତିକୁ ସ୍ମରଣ କରିଥିଲେ। ସେ କହିଲେ, ବାଜପେୟୀ ହେଉଛନ୍ତି ତ୍ୟାଗ, ତିତିକ୍ଷା ଓ ବଳିଦାନର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ସାରସ୍ୱତ ଚେତନା ଆମ ସମସ୍ତଙ୍କୁ ଆହ୍ଲାଦିତ କରେ। ସେହି ଅଜୟ, ଅଟଳ ଓ ଅମ୍ଳାନ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉପଲକ୍ଷେ ଆଜି ଓଡ଼ିଶାର ଶତାଧିକ କବି ଏକତ୍ରିତ ହୋଇ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଅଟଳଜୀଙ୍କ ଭାବନା, ଚେତନା, ଶବ୍ଦ ସଂରଚନା ଓ ସାହିତ୍ୟ ସର୍ଜନାରେ ଦର୍ଶନ ତତ୍ତ୍ୱ ଦେଖିବାକୁ ମିଳେ। ତାଙ୍କର ପ୍ରତ୍ୟେକ ସାରସ୍ୱତ କୃତିରେ ଉଭୟ ବିନମ୍ରତା ଓ ନିର୍ଭୀକତାର ଭାବନା ପ୍ରସ୍ଫୁଟିତ ହୋଇଥାଏ। ଅଟଳଜୀଙ୍କ ଅମର ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ଆଦର୍ଶ। ତାଙ୍କ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହୋଇ ଏକ ସଶକ୍ତ ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଦେବେ ବୋଲି ମତ ରଖିଥିଲେ। ସମସ୍ତ କବିଙ୍କୁ ଏକାଡେମୀ ପକ୍ଷରୁ ଉପଢୌକନ, ମାନପତ୍ର ଓ ଅଟଳଜୀଙ୍କ ସ୍ମୃତି ସ୍ମାରକୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ହରପ୍ରସାଦ ଦାସ, ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ମହୁମାଛି ଆକ୍ରମଣରେ ଯୁବକ ମୃତ

କୁଚିଣ୍ଡା,୨୫।୧୨(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳରେ ଗୁରୁବାର ମହୁମାଛି ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଚିଣ୍ଡା ବ୍ଲକ କୁସୁମୀ ପଞ୍ଚାୟତ ବ୍ରାହ୍ମଣୀଦେଇ ଗ୍ରାମର ନୀଳାଦ୍ରି ମୁଣ୍ଡା(୨୮)। ଏ ନେଇ ପୋଲିସ ମହୁଲପାଲି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଗୁରୁବାର ବଡ଼ଦିନ ପର୍ବ ପାଳନ ଅବସରରେ ନୀଳାଦ୍ରି ଗ୍ରାମର ସାଙ୍ଗମାନଙ୍କ ସହ କୁଦରମୁଣ୍ଡା ପୋଖରୀକୁ ମାଛ ଧରିବାକୁ ଯାଇଥିଲେ। ପୋଖରୀ ହୁଡ଼ାରେ ସେମାନଙ୍କୁ ଅତର୍କିତ ଭାବେ ମହୁମାଛି ଆକ୍ରମଣ କରିଥିଲା। ଏଥିରେ ନୀଳାଦ୍ରି ଗୁରୁତର ହେବାରୁ ପରିବାର ଲୋକେ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି ଏବଂ ଘରେ ତାଙ୍କର ୨ ପିଲା ଅଛନ୍ତି।

ସତ୍ୟମେବ ଜୟତେ
भारत सरकार
ଭାରତର ବାଲ୍ ଶକ୍ତି @୨୦୪୭
ଆସନ୍ତୁ ଏକାଠି ମିଶି ପାଳନ କରିବା ସାହିବଜାଦାମାନଙ୍କର ବୀରତା ଏବଂ ସାହସରୁ ପ୍ରେରିତ
ବୀର ବାଲ୍ ଦିବସ
୨୬ ଡିସେମ୍ବର ୨୦୨୫
ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା
ସାରା ଦେଶର ଶିଶୁଙ୍କୁ ସମ୍ବୋଧନ
ଏବଂ
ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାରପ୍ରାପ୍ତ ପିଲାଙ୍କ ସହ ଭାବ ବିନିମୟ

CBC 46101/13/0020/2526
ଭାରତ ମଣ୍ଡପମ୍, ନୂଆଦିଲ୍ଲୀ । ଅପରାହ୍ନ ୧୨.୩୦ ଘଟିକାରୁ ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ

ଯିଶୁଖ୍ରୀଷ୍ଟଙ୍କର କ୍ରୁସ ଚିହ୍ନ ହେଲା- ଯୋଗ ସାଧନାରେ ପୁରୁଷ ଓ ପ୍ରକୃତିର ଦୃଢ଼ ଓ ପୂର୍ଣ୍ଣ ମିଳନର ପ୍ରତୀକ। କିନ୍ତୁ ଅଜ୍ଞାନର ସର୍ବବିଧ ଆବର୍ଜନା ମଧ୍ୟରେ ଆମର ପତନ ହେବା ହେତୁ- ସେହି ଚିହ୍ନଟି ହେଲା ଦୁଃଖକଷ୍ଟ ଓ ଚିତ୍ତଶୁଦ୍ଧିର ପ୍ରତୀକ। -ଶ୍ରୀଅରବିନ୍ଦ



# ଦୁଇ ଦେଶ ଲୁଟୁଛନ୍ତି



ଅରବିନ୍ଦ ସୁବ୍ରମଣିୟନ

ସମ୍ଭବତଃ ୨୦୨୫ ବର୍ଷଟି ସମସ୍ତଙ୍କର ମନେ ରହିବ, କାରଣ ଆମେରିକାର ରାଷ୍ଟ୍ରପତି ଏହି ବର୍ଷ ବୈଶ୍ୱିକ ବାଣିଜ୍ୟ ବ୍ୟବସ୍ଥାକୁ ଶେଷ କରିଦେଇଛନ୍ତି। କନ୍ତୁ ସତ କଥା ହେଉଛି, ବିଶ୍ୱରେ ଉଭୟ ଆମେରିକା ଓ ଚାଇନାର ଆଧିପତ୍ୟ ଅତ୍ୟନ୍ତ କ୍ଷତିକାରକ ହୋଇଛି। ଆମେରିକାର ସଂରକ୍ଷଣବାଦ ବୃଦ୍ଧି ପାଇଛି ଅର୍ଥାତ ବିଦେଶୀ ସାମଗ୍ରୀ ଉପରେ ଟିକସ ଲଗାଇ ନିଜ ଦେଶର ଶିଳ୍ପକୁ ବଞ୍ଚାଇବା ଲାଗି ଚେଷ୍ଟା କରୁଛି। ଅନ୍ୟପକ୍ଷରେ ଚାଇନାର ଲାଭଖୋର ବାଣିଜ୍ୟବାଦ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ଏହି ଦୁଇ ଶକ୍ତି ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟା ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକ ପାଇଁ ଯନ୍ତ୍ରଣାଦାୟକ ହୋଇଛି। ଏଥିରେ ବିଶେଷକରି ବିକାଶଶୀଳ ଦେଶଗୁଡ଼ିକ କ୍ଷତିଗ୍ରସ୍ତ ହେଉଛନ୍ତି। ଫଳରେ ଏବକାର ବୈଶ୍ୱିକ ନେତୃତ୍ୱ ପ୍ରତି କେତେକେ 'ଜି ଜିରୋ' (ଅର୍ଥାତ୍ ବିଶ୍ୱରେ କେହି ପ୍ରଭାବଶାଳୀ ନେତୃତ୍ୱ ନାହାନ୍ତି) ଧାରଣା ପ୍ରୟୋଗ କରୁଛନ୍ତି। ଏହା ମଧ୍ୟ ସ୍ପଷ୍ଟ ଯେ, ଆମେ ଏକ 'ଜି-ନେଗେଟିଭ ଟୁ(୨)' ଅର୍ଥାତ୍ ଦୁଇଟି ନକାରାତ୍ମକ ନେତୃତ୍ୱ(ଆମେରିକା ଓ ଚାଇନା)କୁ ସାମ୍ନା କରୁଛୁ। ବିଶ୍ୱସ୍ତରରେ ସାର୍ବଜନୀନ ସାମଗ୍ରୀଗୁଡ଼ିକୁ ଯୋଗାଇବା ପରିବର୍ତ୍ତେ, ଚାଇନା ଓ ଆମେରିକା ବୈଶ୍ୱିକ ଅର୍ଥ ବ୍ୟବସ୍ଥାକୁ କ୍ଷତି କରୁଛନ୍ତି। ଚାଇନାର ବାଣିଜ୍ୟବାଦ ଆମେରିକାର ସଂରକ୍ଷଣବାଦକୁ ଜନ୍ମ ଦେଇଛି। ଟ୍ରେଡ ସର୍ପଲସ୍ ( ବିଶ୍ୱରେ ରପ୍ତାନି ସାମଗ୍ରୀର ମୂଲ୍ୟ ଆମଦାନୀ ଜିନିଷର ମୂଲ୍ୟଠାରୁ ଅଧିକ ରହିବା) ସ୍ଥିତି ଆମେରିକାର ଅର୍ଥ ବ୍ୟବସ୍ଥାକୁ କ୍ଷତି କରୁଛି ବୋଲି ଟ୍ରମ୍ପ ବିଶ୍ୱାସ କରି ଟାରିଫ ଚିନ୍ତା କରିଛନ୍ତି। ତେବେ ବୃହତ୍ ଟ୍ରେଡ ସର୍ପଲସରେ ଚାଇନା ଆଗରେ ରହି ସମସ୍ୟା ସୃଷ୍ଟି କରିବା ଯୋଗୁ ଏଥିରେ ଅନେକ ଦେଶ ଶିକାର ହୋଇଛନ୍ତି।

ଏପ୍ରିଲରେ ଟ୍ରମ୍ପ୍ ବ୍ୟାପକ ଟାରିଫ ଘୋଷଣା କରିଥିଲେ ଏବଂ ପରେ ପର୍ଯ୍ୟାୟକ୍ରମେ ଏଥିରେ ପରିବର୍ତ୍ତନ କରି ସେସବୁ ଜାରି ରଖିବା ଦ୍ୱାରା ବିଶ୍ୱର ସବୁଠୁ ସଂରକ୍ଷଣବାଦୀ ଅର୍ଥ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଆମେରିକା ସ୍ଥାନ ପାଇଛି। ହାରାହାରି ବିଶ୍ୱର ସବୁଠୁ ବଡ଼ ମାର୍କେଟକୁ ରପ୍ତାନି କରାଯାଉଥିବା ସମାଗ୍ରୀଗୁଡ଼ିକ ଉପରେ ଟାରିଫ ୮ଗୁଣ ଅର୍ଥାତ୍ ୨%ରୁ ୧୭% ବୃଦ୍ଧି ପାଇଗଲା। ଏହାଦ୍ୱାରା ଆମେରିକା ବଜାରରେ ସାମାଗ୍ରୀ ଉପଲବ୍ଧ ସୀମିତ ହେବା ସହ ସ୍ଥିତି ଅଧିକ ଅନିଶ୍ଚୟତା ମଧ୍ୟକୁ ଚାଲିଯାଇଛି। ଟ୍ରମ୍ପଙ୍କ ମନମୁଖି କାର୍ଯ୍ୟ ଓ ବ୍ୟକ୍ତିଗତ ସ୍ୱାର୍ଥରେ ଟାରିଫ ଏକ ସାଧନ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଟ୍ରମ୍ପଙ୍କ ବ୍ୟାପକ ଟାରିଫ୍ ବୃଦ୍ଧି ବିରୋଧରେ ସୁପ୍ରିମକୋର୍ଟରେ ମକଦ୍ଦମା କରାଯିବା ପରେ କୋର୍ଟ କହିଛନ୍ତି ଯେ, ଏହା ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ଥିବା ବିପଦ ସ୍ଥିର କରିବାରେ କାର୍ଯ୍ୟପାଳିକାର ଅଧିକାର ଉପରେ କୌଣସି ପ୍ରଶ୍ନ ଉଠାଇବ ନାହିଁ। ହେଲେ ଖରାପ ରାଜନୈତିକ କାରଣ ପାଇଁ ବ୍ରାଜିଲକୁ ଟାର୍ଗେଟ (ଅପ୍ରତ୍ୟକ୍ଷ ରୂପେ) କରିବା ପାଇଁ ସେହି କାର୍ଯ୍ୟପାଳିକା ଅଧିକାରକୁ ବ୍ୟବହାର କରାଯାଇଛି।



ଏହା ସହ ମେ'ରେ ଭାରତ-ପାକିସ୍ତାନ ସୀମା ଉତ୍ତେଜନାରେ ଶାନ୍ତି ଆଣିବାରେ ମଧ୍ୟସ୍ଥତା କରିଥିବା ଟ୍ରମ୍ପ ଯେଉଁ ବିବାଦୀୟ ଦାବି କରିଥିଲେ ତାହାକୁ ଭାରତ ଗ୍ରହଣ ନ କରିବାରୁ ସେହି କାର୍ଯ୍ୟପାଳିକା ମଧ୍ୟ ଭାରତ ଉପରେ ଅତ୍ୟଧିକ ଟାରିଫ ଲାଗୁ କରି ଦଣ୍ଡିତ କରିଛି। ରାଷ୍ଟ୍ରପତିଙ୍କ ଅଧିକାରର ଏଭଳି ଏକ ମନମୁଖି ଓ ଅସଙ୍ଗତ କାର୍ଯ୍ୟ ଉପରେ ଲଗାମ ଲଗାଇବା ନିଶ୍ଚିତ ଭାବେ କୋର୍ଟର ମୁଖ୍ୟ ଦାୟିତ୍ୱ। କିନ୍ତୁ ଯଦିବି କୋର୍ଟ ରାୟ ଟ୍ରମ୍ପଙ୍କ ବିରୋଧରେ ଯାଏ ତଥାପି ସେ ସମାନ ସଂରକ୍ଷଣବାଦ କାର୍ଯ୍ୟକ୍ରମକୁ ଅନ୍ୟବାଟରେ ଆପଣାଇବେ।

ଏହା ନିଶ୍ଚିତ ଯେ, ଅନ୍ୟ ଦେଶଗୁଡ଼ିକ ଉପରେ ଟ୍ରମ୍ପ ଲଗାଇଥିବା ଟାରିଫ୍‌ର ଆମେରିକା ଉପରେ ସିଧାସଳଖ ପ୍ରଭାବ ଏବେ ଅସ୍ପଷ୍ଟ ରହିଛି, କାରଣ ଆମେରିକା ଅର୍ଥ ବ୍ୟବସ୍ଥାରେ ବିଶେଷକରି ଏଆଇ ମାର୍କେଟର ଚାହିଦା ବୃଦ୍ଧି ପାଇବା ସହ ରପ୍ତାନି ବଢ଼ିଛି। କିନ୍ତୁ ଏହାର ପରୋକ୍ଷ ପ୍ରଭାବ ପଡ଼ିଛି, ଯାହା ଚାଇନାର ଲାଭଖୋର ବାଣିଜ୍ୟିକବାଦ (ଅଧିକ ରପ୍ତାନି ଓ କମ୍ ଆମଦାନୀ କରି ଧନୀ ହେବା) ଦ୍ୱାରା ଅଧିକ ହେଉଛି। ଅବଶ୍ୟ ବାଣିଜ୍ୟିକବାଦ ଅନେକ ଶତାବ୍ଦୀ ଧରି ଚାଇନାର ଅର୍ଥନୀତିରେ ରହିଛି। ନିକଟରେ ଫାଇନାନ୍ସିଆଲ ଟାଇମ୍ସର ରିପୋର୍ଟରୁ ଜଣାପଡ଼ିଛି ଯେ, ଚାଇନା ଯୋଗୁ ବିଶ୍ୱ ବାଣିଜ୍ୟ ଅସମ୍ଭବ ହେଉଛି। ଏହା କୌଣସି ସାମଗ୍ରୀ ଆମଦାନୀ କରିବାକୁ ଚାହୁଁନାହିଁ, କାରଣ ସେସବୁଠାରୁ ଶସ୍ତାରେ ଓ ଭଲ ଜିନିଷ ତିଆରି କରିପାରିବ ବୋଲି ବିଶ୍ୱାସ କରୁଛି। ଏଭଳି ସ୍ଥିତି ୧୭୯୩ରେ ଦେଖିବାକୁ ମିଳିଥିଲା। ବ୍ରିଟେନ ସାମ୍ରାଜ୍ୟର ଦୂତ ଲର୍ଡ ମ୍ୟାକାର୍ଟିନେ ଚାଇନା ଗ୍ରସ୍ତରେ ଯାଇ ବ୍ରିଟେନର ସାମଗ୍ରୀ ପାଇଁ ସମ୍ରାଟ କ୍ୱିୟାଙ୍ଗଲଙ୍ଗଙ୍କୁ ବୁଝାଇଥିଲେ। ଚାଇନାର ସମ୍ରାଟ କହିଥିଲେ ଯେ, ''ଆମ ସ୍ୱର୍ଗ ସଦୃଶ ସାମ୍ରାଜ୍ୟରେ ସବୁ ଜିନିଷ ପର୍ଯ୍ୟାପ୍ତ ପରିମାଣରେ ଅଛି ଏବଂ ଏହାର ସୀମା ମଧ୍ୟରେ କୌଣସି ଜିନିଷର ଅଭାବ ନାହିଁ। ସେଥିପାଇଁ ଆମ ନିଜ ଜିନିଷ ବିନିମୟରେ ବାହାରର ଉତ୍ପାଦ ଆମଦାନୀ କରିବାର କୌଣସି ଆବଶ୍ୟକତା ନାହିଁ। କିନ୍ତୁ ଚା, ସିଲ୍କ ଓ ଚାଇନାମାଟିର ଜିନିଷ ହେଉଛି ଏହି ସାମ୍ରାଜ୍ୟର ଉତ୍ପାଦ, ଯାହା ୟୁରୋପୀୟ ଦେଶଗୁଡ଼ିକ ତଥା ତୁମ ପାଇଁ ନିହାତି ଦରକାର। ଆମେ ଅନୁଗ୍ରହ କରି ଅନୁମତି ଦେଇଛୁ ଯେ, ବାଣିଜ୍ୟ ଫାର୍ମଗୁଡ଼ିକ କ୍ୟାଣ୍ଟୋନ ର ନିର୍ମାଣ ହେବା ଉଚିତ, ଯାହାଦ୍ୱାରା ତୁମେ ଚାହୁଁଥିବା ଜିନିଷ ଯୋଗାଇ ଦିଆଯିବ ଏବଂ ତୁମ ଦେଶ ଆମ ଲାଭରେ ଆସିପାରିବ।'' ଏବେ ମଧ୍ୟ ସମାନ ପ୍ରକାର ପ୍ରବୃତ୍ତି ଆମେ ଦେଖୁଛୁ। ଟ୍ରମ୍ପଙ୍କ ଟାରିଫ୍ ଦ୍ୱାରା ଚାଇନାର ବାଣିଜ୍ୟବାଦ ଆହୁରି ଗମ୍ଭୀର ହୋଇଛି। ଆମେରିକା ମାର୍କେଟ ଉପଲବ୍ଧତା ହ୍ରାସ ଘଟିବା ସହ ଚାଇନାର ଅଭିବୃଦ୍ଧି ମଡେଲ ଏବେ ସୁଦ୍ଧା ରପ୍ତାନି ଉପରେ ନିର୍ଭରଶୀଳ ଥିବା ହେତୁ ଚାଇନାର ବୃହତ ଶିଳ୍ପ ଅନ୍ୟତ୍ର ବିଶେଷକରି ଦକ୍ଷିଣ-ପୂର୍ବ ଏସିଆରେ ବଜାର ହାସଲ କରିବା ଉପରେ ଅଧିକ ଧ୍ୟାନ ଦେଇଛି।

ସୌମିତ୍ରୋ ଚାଟାର୍ଜୀ ଓ ମୁଁ ଉଲ୍ଲେଖ କରିଛୁ ଯେ, ବିକାଶଶୀଳ ଦେଶଗୁଡ଼ିକୁ କମ୍ ମୂଲ୍ୟର ଚାଇନା ଜିନିଷ ରପ୍ତାନି ଶୀଘ୍ର ବୃଦ୍ଧି ଘଟି ସେହି ସବୁ ଦେଶର ନିଜସ୍ୱ ଶିଳ୍ପ ପ୍ରତିଯୋଗିତାକୁ ଦୁର୍ବଳ କରିଦେଇଛି। ମଜୁରି ବୃଦ୍ଧି ଘଟିଥିବା ସତ୍ତ୍ୱେ, ଚାଇନା ଏବେସୁଦ୍ଧା ବୈଶ୍ୱିକ ରପ୍ତାନିର ବୃହତ ଅଂଶୀଦାର ହୋଇ ରହିଛି। ତେବେ ଏହା ଅଧିକ ସ୍ପଷ୍ଟ ଯେ, ଚାଇନାର ରପ୍ତାନି ବୃଦ୍ଧି କିଛି ପ୍ରାକୃତିକ ଲାଭ ଯୋଗୁ ହୋଇନାହିଁ, ବରଂ ମୁଦ୍ରା ବିନିମୟ ନୀତି ଦ୍ୱାରା ତାହାକୁ ବଜାୟ ରଖିଛନ୍ତି।

ଏହିପରିଭାବେ ଟ୍ରମ୍ପଙ୍କ ଟାରିଫ୍ ଚାଇନାର ବାଣିଜ୍ୟବାଦକୁ ତୀବ୍ର କରିଛି। ଫଳରେ ବିକାଶଶୀଳ ଦେଶଗୁଡ଼ିକ ଚାଇନାର ଉଗ୍ର ଅଭିଯାନ କବଳରୁ ସେମାନଙ୍କ ଘରୋଇ ଶିଳ୍ପଗୁଡ଼ିକୁ ସୁରକ୍ଷା ଦେବା ଲାଗି ଆଉ ଏକ ପର୍ଯ୍ୟାୟର ସଂରକ୍ଷଣବାଦ ଚାହୁଁଛନ୍ତି। ଉଦାହରଣସ୍ୱରୂପ, ମେକ୍ସିକୋ ଏବେ ଚାଇନା ଏବଂ ଭାରତରୁ ଆମଦାନୀ କରୁଥିବା ଜିନିଷଗୁଡ଼ିକ ଉପରେ ଟାରିଫ୍ ଲଗାଇଛି। କିନ୍ତୁ ଅନ୍ୟଦେଶଗୁଡ଼ିକ ନିଜକୁ ସୁରକ୍ଷିତ ରଖିବା ପାଇଁ ଚାହୁଁଥିବାବେଳେ ଜଟିଳ ଯୋଗାଣ ଚେନ୍ ବା ଶୃଙ୍ଖଳ ଥିବା ଏବକାର ବିଶ୍ୱରେ କେବଳ ଗୋଟିଏ ଦେଶକୁ ଟାର୍ଗେଟ କରିବା କଷ୍ଟକର। ଏହା ନିଶ୍ଚିତ ଯେ, ସଂରକ୍ଷଣବାଦ ଏକ ବଡ଼ ବିଷୟ ହୋଇଯିବ। ତେବେ ନିକଟ ଭବିଷ୍ୟତରେ କ'ଣ ଘଟିବ ? ନିକଟରେ ଦେବ ପଟେଲ, ଜଷ୍ଟିନ ସାଣ୍ଡେଫୁର୍ ଓ ମୋ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ,ବିଗତ ଦଶନ୍ଧିରେ ପାଶ୍ଚାତ୍ୟ ଜୀବନକୁ ବିକାଶଶୀଳଦେଶଗୁଡ଼ିକ ଯେଭଳି ପାଗଳ ଭଳି ଅନୁସରଣ କରୁଥିଲେ ତାହା ବନ୍ଦ ହୋଇଯାଇଥିଲା। ବିକାଶଶୀଳ ଦେଶଗୁଡ଼ିକରେ ଅଭିବୃଦ୍ଧି ମାନ୍ଦା ରହିଛି। କନା, ପୋଷାକ ଓ ଫର୍ନିଚର ଭଳି କମ୍ ମୂଲ୍ୟଯୁକ୍ତ ମାନୁଫାକଚରିଂ ଉତ୍ପାଦ ହେଉଛି ବିକାଶର ଇଞ୍ଜିନ । ଯଦି ଏହା ବନ୍ଦ ହୋଇଯାଏ, ତେବେ ବିଶ୍ୱର ଅତି ଦରିଦ୍ର ଦେଶଗୁଡ଼ିକର ଗରିବମାନେ ପ୍ରଥମେ ଏହାର ପ୍ରଥମେ ଶିକାର ହେବେ ଏବଂ ଏଥିପାଇଁ ବିଶ୍ୱର ଦୁଇ ପ୍ରଭୁତ୍ୱ ବିସ୍ତାରକାରୀ ଦେଶ ଆମେରିକା ଓ ଚାଇନା ଦାୟୀ ରହିବେ। ଏହି ଦୁଇ ଦେଶ ବୈଶ୍ୱିକ ଅର୍ଥ ବ୍ୟବସ୍ଥାକୁ ଲୁଟୁଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଥିବା ବାଣିଜ୍ୟ ସୁଯୋଗକୁ ସୀମିତ କରିଦେଉଛନ୍ତି।

**ସିନିଅର ଫେଲୋ, ପିଟରସନ ଇନ୍‌ଷ୍ଟିଚ୍ୟୁଟ ଫର୍ ଇଣ୍ଟର୍‌ନ୍ୟାଶନାଲ ଇକୋନୋମିକ୍ସ**

# ଜୀବନର ଧାଁ ଦଉଡ଼



ସଂଗ୍ରାମ କେଶରୀ ପୃଷ୍ଟି

ବହୁତ ତରତର ବା ବ୍ୟସ୍ତ ଥିବା ମଣିଷକୁ ଦେଖି ମନରେ ଉଙ୍କିମାରେ ପ୍ରଶ୍ନଟିଏ, ଇଏ ଏତେ ବ୍ୟସ୍ତ କାହିଁକି ? କାମଟି ଧୀରେ ଧୀରେ କଲେ କ'ଣ ଚଳନ୍ତାନି! ବ୍ୟସ୍ତ ହେବାର ଆବଶ୍ୟକତା କାହିଁକି। କିନ୍ତୁ ବ୍ୟସ୍ତ ଥିବା ମଣିଷଟି ମଧ୍ୟରେ ନିଜକୁ ପରଖିଲେ ଯାଇ ଉପଲବ୍ଧି କରିହୁଏ ବାସ୍ତବତାକୁ। କାରଣ, ଏଠି ସ୍ୱପ୍ନ ଦେଖିବାକୁ ରାତି ନିଅଣ୍ଟ। କାର୍ଯ୍ୟ ସାଧନ ପାଇଁ ଜୀବନ ରାସ୍ତାରେ ଆଗକୁ ବଢ଼ିବାର ଅଛି। ପୁଣି ଯଥା ସମୟରେ କାର୍ଯ୍ୟ ସମ୍ପନ୍ନ ହେବା ବିଧେୟ। ସୁତରାଂ ତମାମ ଜୀବନ ଚାଲିଥାଏ ଧାଁ ଦଉଡ଼।

ଧାଁ ଦଉଡ଼ ହେଉଛି ଜୀବନର ଏକ ନିରନ୍ତର ପ୍ରକ୍ରିୟା। ଯାହା ମନୁଷ୍ୟକୁ କରିଥାଏ କର୍ମତତ୍ପର। ନିଜର ମୌଳିକ ଅଧିକାର ଖାଦ୍ୟ, ବସ୍ତ୍ର ଓ ବାସଗୃହ ପାଇଁ ଅନବରତ ଚାଲିଥାଏ ଏ ଯାତ୍ରା। ସୂର୍ଯ୍ୟ ଉଦୟଠାରୁ ଅସ୍ତ ପର୍ଯ୍ୟନ୍ତ କର୍ମତତ୍ପର ହୋଇଉଠେ ସାରା ଦୁନିଆ। ଉଦ୍ଦେଶ୍ୟ, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା। ଜୀବନର ଏହି ଚଲାପଥରେ ଅନେକ ଥର ଝୁଣ୍ଟି ପଡି-ଉଠି ଚାଲିବାକୁ ହୋଇଥାଏ। ଝୁଣ୍ଟି ପଡ଼ିଲେ ତଳେ ପଡ଼ି ଖଣ୍ଡିଆଖାବରା ହୋଇଯାଏ ଦେହ। ଯନ୍ତ୍ରଣା ଭୋଗିବାକୁ ହୋଇଥାଏ। ଏ କ୍ଷେତ୍ରରେ କିଏ ତଳୁ ଉଠାଇ ଦିଏ ତ କିଏ ପୁଣି ଅଣଦେଖା କରି ଚାଲିଯାଏ। ଏହା ଭିତରେ ବି ଦିକ୍ ଦିକ୍ ଜଳୁଥାଏ ଆଶାର ଦୀପଟିଏ। ଏଇ ତ ଜୀବନ।

ଜୀବନଟା କିନ୍ତୁ ଅବିରାମ ଗତିରେ ଚାଲିଥାଏ। ବହିଗଲା ପାଣିପରି ସବୁବେଳେ ତା' ଗତି ଆଗକୁ ଆଗକୁ। ଅନବରତ ଆଗକୁ ଯାଉଥିବା ମଣିଷ ଜୀବନରେ ସଫଳ ହୁଏ। ଅଟକିଗଲେ କାମ ବି ଅଟକି ଯାଏ। ନିଅଣ୍ଟ ପଡ଼େ ସମୟ। କାମ କିନ୍ତୁ ସରି ନ ଥାଏ। ତାକୁ କୈଣସିମତେ ସାରିବାକୁ ହେବ। ସୁତରାଂ ଧାଇଁବାକୁ ହୋଇଥାଏ। ଏ ଧାଇଁବାକୁ ନେଇ ହୁଏତ କିଏ ସମାଲୋଚନା କରିପାରନ୍ତି ମାତ୍ର ସେସବୁ ପ୍ରତି ଧ୍ୟାନ ନ ଦେଇ ଆଗକୁ ଆଗକୁ ମାଡ଼ି ଚାଲିଲେ ହିଁ ଜୀବନ ହୁଏ ସଫଳ। ଜୀବନଟା କେବେକେବେ ପାଲଟି ଯାଏ ନିରାଶାର ମରୁଭୂମି। ଯେଉଁଠି ଅନବରତ ସୃଷ୍ଟିକରେ ମରୀଚିକାର ଭ୍ରମ। ଦୂରରୁ ଆଶା ଦେଖାଏ କିନ୍ତୁ ନିରାଶ କରେ। ଶୋଷ ମେଣ୍ଟି ପାରେନା। ଫଳରେ ଭୋଗିବାକୁ ହୋଇଥାଏ ନୈରାଶ୍ୟ। ବାଟ ଚାଲିବା ବ୍ୟର୍ଥ ଯାଏ। ଅଗତ୍ୟା ନିରାଶାର ମରୁଭୂମିରେ ଏକଲା ଏକଲା ଚାଲିବାକୁ ପଡ଼ିଥାଏ। କିନ୍ତୁ ଏଇଟା ଯେ ଭୁଲ୍ ବାଟ, ଏକଥା ସମ୍ଭବତଃ ସେ ଜାଣି ନ ଥାଏ। ଫଳରେ ସଫଳତା ମିଳିବା କାଠିକର ପାଠ ହୋଇପଡ଼େ

ଜୀବନ ବାଟରେ ଯିବାକୁ ହେଲେ ମୁଖ୍ୟ କଥା ହେଉଛି, ବାଟକୁ ଜାଣିବା ଅର୍ଥାତ୍ ନିଜ ଲକ୍ଷ୍ୟ ପଥକୁ ସ୍ଥିର କରିବା। ଯେ ପର୍ଯ୍ୟନ୍ତ ଠିକ୍ ରାସ୍ତା ନ ମିଳିଛି, ସେ ପର୍ଯ୍ୟନ୍ତ ଅଧ୍ୟବସାୟ କରିବାକୁ ହେବ। ସାଧନା ଜାରି ରଖିବାକୁ ହେବ। ତୁରନ୍ତ ଫଳପ୍ରାପ୍ତି ଆଶାରେ ଅବାଟକୁ ବାଛି ନେବା ଅର୍ଥ ନିଜେ ନିଜର ବିନାଶ କରିବା। ସେଥିରେ ଗଲେ ପଶ୍ଚାତାପ କରିବା ହିଁ ସାର ହୁଏ। ସୁତରାଂ ଜୀବନର ଧାଁ ଦଉଡ଼ ଭିତରେ ନିଜ ପାଇଁ ନିଜ ପଥ ବାଛିବାର ଏକାନ୍ତ ଆବଶ୍ୟକତା ରହିଛି। ଜୀବନର ଦୈନନ୍ଦିନ ଧାଁ ଦଉଡ଼ର ପଥ ଯେ ସର୍ବଦା ନିଷ୍କଣ୍ଟକ ସେକଥା କହିହେବ ନାହିଁ। ପଥ କେବେ କଣ୍ଟକିତ ତ କେବେ ପୁଣି ପୁଷ୍ପିତ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ କଣ୍ଟାର ଆଘାତ ବି ସହିବାକୁ ପଡ଼ିଥାଏ। ଥରେ ନୁହେଁ ବାରମ୍ବାର ସହିବାକୁ ହୋଇଥାଏ ଝୁଣ୍ଟିବାର ନିର୍ମମ ଯନ୍ତ୍ରଣା। ତଥାପି ପଡ଼ି ଉଠି ଧାଇଁବାକୁ ହୋଇଥାଏ। ଅନେକ କ୍ଷେତ୍ରରେ ଏ ଆଘାତ ଥାଏ ପ୍ରାୟୋଜିତ। ଆଗକୁ ଯାଉଥିବା ମଣିଷର ଗୋଡ଼ ଟାଣି ଜଖମ କରିବାକୁ ଅନେକେ ପ୍ରସ୍ତୁତ ହୋଇ ରହିଥାନ୍ତି। ପାଦ ଖସେଇ ଦେବାକୁ ତତ୍ପର ହୋଇଉଠନ୍ତି। ଏସବୁ ଦେଖି ଡରିଗଲେ ଚଳିବ ନାହିଁ, ବରଂ ଏଥିସହିତ ଲଢ଼େଇ ଜାରି ରଖିବାକୁ ହେବ। ତା' ନ ହେଲେ ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିହେବ ନାହିଁ।

ଧାଇଁବା ପଛରେ ରହିଛି ପ୍ରଚୁର ସମ୍ମୋହନ। ଅନନ୍ୟ ଆକର୍ଷଣ। ପୁଣି ସଫଳତାକୁ କରାୟତ୍ତ କରିବାର ଦୁର୍ବାର ଆକାଂକ୍ଷା। ଠେକୁଆ - କଇଁଛ ଦୌଡ଼ ପରି ମନ୍ଥର ଗତି ସମ୍ପନ୍ନ କଇଁଛର ଶେଷରେ ଘଟିଛି ଜିତାପଟ। ନିଜ ଶକ୍ତି ଉପରେ ଆସ୍ଥା ରଖି ଗର୍ବରେ ଅନ୍ଧ ହୋଇଯାଇଥିବା ଠେକୁଆକୁ ଭୋଗିବାକୁ ପଡ଼ିଛି ବିଫଳତା। ସୁତରାଂ ଆମ ଜୀବନର ଧାଁ ଦଉଡ଼ ଭିତରେ କେବଳ ନିଜର ଶକ୍ତି ଉପରେ ଭରସା ରଖିଲେ ହେବନାହିଁ। ଏଥିଲାଗି କୌଶଳର ମଧ୍ୟ ଏକାନ୍ତ ପ୍ରୟୋଜନ ରହିଛି। ନିଜ ଶକ୍ତି, ସାଧନା, ଲକ୍ଷ୍ୟ, କୌଶଳ ଓ ଆତ୍ମବିଶ୍ୱାସ ଆଧାରରେ ବାଟ ଚାଲିଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସମ୍ଭବ ହୋଇପାରିବ।

**ରାଜ କିଶୋରନଗର, ଅନୁଗୋଳ**
**ମୋ: ୯୪୩୭୫୪୭୧୪୬**

## ଏଇ ଭାରତରେ

ଚାକିରି ଛାଡ଼ି ଛତିଶଗଡ଼ର ଚାଷୀ ସମୀକ୍ଷା ଚନ୍ଦ୍ରକର ଟମାଟୋ ଓ ଅନ୍ୟାନ୍ୟ ପରିବା ଚାଷକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସମୀକ୍ଷା ଏମ୍‌ବିଏ ପାସ୍ କରିବା ପରେ ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ୨୦୨୧ରେ ସେ ଚାକିରି ଛାଡ଼ି ଛତିଶଗଡ଼ ରାୟପୁରର ଚାରୁମୁଦିଆ ଗାଁକୁ ଫେରି ଆସି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୩-୨୪ ବର୍ଷରେ ସେ ଏହି ଚାଷରୁ ୧.୫ କୋଟି ଟଙ୍କା ରୋଜଗାର କରିଥିଲେ। ସମୀକ୍ଷା ପ୍ରଥମେ ଏକର ପିଛା ୫୦ ଟନ୍ ଟମାଟୋ ଉତ୍ପାଦନ କରୁଥିଲେ, କିନ୍ତୁ ବର୍ତ୍ତମାନ ୫୫ ଟନ୍ ଉତ୍ପାଦନ କରୁଛନ୍ତି। ବଡ଼ କଥା ହେଉଛି ସମୀକ୍ଷା ଚାଷ କାର୍ଯ୍ୟ ପାଇଁ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ତେବେ ଚଳିତବର୍ଷ ତାଙ୍କର ଏହି ଚାଷରୁ ଅଧିକ ଲାଭ ହେବ ବୋଲି କହନ୍ତି ଚନ୍ଦ୍ରକର। ବିଶେଷକରି ସେ ଉତ୍ପାଦିତ ଟମାଟୋକୁ ନୂଆଦିଲ୍ଲୀ, ବେଙ୍ଗାଲୁରୁ, ରାୟପୁର, ପାଟନା, କୋଲକାତା ଆଦି ସହରର ମଣ୍ଡିକୁ ପଠାଉଛନ୍ତି। ଏହା ବ୍ୟତୀତ ଟମାଟୋ ବ୍ୟତୀତ ବାଇଗଣ, କାକୁଡ଼ି, ଲାଉ ଚାଷକରି ମାର୍କେଟରେ ବିକ୍ରି କରୁଛନ୍ତ ସମୀକ୍ଷା। ସବୁଠୁ ବେଶି ୨୦ ଏକରରେ ସେ ଟମାଟୋ ଚାଷ କରିଛନ୍ତି ଏବଂ ଅଧିକ ୧୫ ଏକର ଚାଷ କରିବାକୁ ଯୋଜନା କରିଛନ୍ତି। ସମୀକ୍ଷାଙ୍କ ବାପା ଓ ଭାଇ ତାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୬ ଡିସେମ୍ବର ୧୯୭୬**

- ଭାରତୀୟ କମ୍ୟୁନିଷ୍ଟ ଦଳରୁ ପଞ୍ଜାବ ରାଜ୍ୟ କାଉନସିଲ ସଭ୍ୟ କ୍ରାନ୍ତି ଅରୋରାଙ୍କ ଇସ୍ତଫା ପ୍ରଦାନ।
- ବିମାନ ବାହିନୀ ନିମନ୍ତେ ୨ଟି ସ୍କ୍ୱାର୍ଡନରେ ୨୧୨ଟି ହେଲିକପ୍ଟର କିଣାଯାଇଥିବା ନେଇ ବାଂଲାଦେଶ ସରକାରଙ୍କ ଘୋଷଣା।
- ବ୍ୟାଙ୍କକ୍ ବିମାନ ଘାଟୀର ଉତ୍ତର ଦିଗରେ ଇଜିପ୍ଟର ଗୋଟିଏ ବୋଇଙ୍ଗ ୭୦୭ ବିମାନରେ ନିଆଁ ଲାଗି ଖସିପଡ଼ିବା ଫଳରେ ୪୨ ଜଣଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | 2 | 7 |
| | | 2 | | | | 6 | | |
| 1 | | | | | 3 | 8 | | |
| | | | 4 | 6 | | 7 | | |
| | | | | | | | | |
| | | | 1 | 2 | 5 | | 4 | |
| | 6 | 5 | | | 1 | | | |
| 2 | | | | | | 1 | 9 | |
| | 9 | | | 3 | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 3 | 7 | 8 | 4 | 5 | 1 | 2 |
| 2 | 1 | 8 | 6 | 5 | 3 | 7 | 9 | 4 |
| 4 | 5 | 7 | 9 | 2 | 1 | 8 | 6 | 3 |
| 7 | 8 | 1 | 4 | 6 | 5 | 3 | 2 | 9 |
| 9 | 4 | 2 | 3 | 7 | 8 | 1 | 5 | 6 |
| 5 | 3 | 6 | 1 | 9 | 2 | 4 | 8 | 7 |
| 8 | 7 | 4 | 2 | 1 | 6 | 9 | 3 | 5 |
| 1 | 6 | 9 | 5 | 3 | 7 | 2 | 4 | 8 |
| 3 | 2 | 5 | 8 | 4 | 9 | 6 | 7 | 1 |

ଗତକାଲିର ଉତ୍ତର

# ଟଙ୍କାଖିଆ ମଣିଷ



ଡ. ମନୋରଞ୍ଜନ ପ୍ରଧାନ

ପିଲାବେଳର କଥା ମନେପଡ଼େ। ସେତେବେଳେ (ଆଜକୁ ଚାଳିଶ ବର୍ଷ ପୂର୍ବେ) ବିଶେଷକରି ଗାଁ ଲୋକେ ଚାକିରି କରିବା କିମ୍ବା ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ପସନ୍ଦ କରୁ ନ ଥିଲେ। ହୁଏତ ଆପଣମାନେ କହିପାରନ୍ତି କି ବେଶି ପାଠ ପଢ଼ାପଢ଼ି କରି ନ ଥିଲେ ସେଥିପାଇଁ। ବାସ୍ତବରେ ବହୁ ଉଚ୍ଚଶିକ୍ଷିତ ବଡ଼ ପାଠୁଆ ମଧ୍ୟ ପୈତୃକ ଜମିଜମା ଦାୟିତ୍ୱ ନେଇ ସ୍ୱାବଲମ୍ବୀ ଜୀବନ ବିତାଇବାକୁ ପସନ୍ଦ କରୁଥିଲେ। ଫଳତଃ ପରିବାର, କୁଟୁମ୍ବ ଓ ସମାଜ ସହ ଅନ୍ତରଙ୍ଗ ସମ୍ବନ୍ଧ ରହୁଥିଲା। ବୃଦ୍ଧ କାଳରେ ମା'ବାପାଙ୍କ ସେବା ଶୁଶ୍ରୂଷା କରିପାରୁଥିଲେ। ନାତିନାତୁଣୀରେ ଘର ପୂରିଉଠୁଥିଲା। ଓଷାବ୍ରତରେ ଗାଁ ଉତ୍ସବମୁଖର ହେଉଥିଲା। ହେଲେ ବର୍ତ୍ତମାନ ପରିସ୍ଥିତି ବଦଳିଛି। ଗାଁ ଆଜି ସହରାଭିମୁଖୀ। ବିଲପଦର ପଡ଼ିଆ। ଚାଷ କରିବାକୁ କେହି ରାଜି ନୁହନ୍ତି। ମୂଲିଆ ମିଳିବା କଷ୍ଟ। କାରଣ ସମସ୍ତଙ୍କ ଇଚ୍ଛା ନଲିପେଣ୍ଟପିନ୍ଧା ବାବୁ ହେବା ପାଇଁ। ତେଣେ ଦାଦନ ଖଟିବାକୁ ଯାଇ ବାସନ ମାଜୁଥାଉ କି ମାଲିକର ବଗିଚା କାମ କରୁ ବା ଘୁଷୁରି ଜଗୁ ମାତ୍ର ଗାଁରେ ରହି ସ୍ୱାଭିମାନୀ ଓ ସ୍ୱାବଲମ୍ବୀ ହେବାକୁ କାହାର ଇଚ୍ଛା ନାହିଁ।

ସହର କଥା ନ କହିଲେ ଭଲ। ଘରେ କେବଳ ବୁଢ଼ାବୁଢ଼ୀଙ୍କ ଉପସ୍ଥିତି। ପିଲାମାନେ ରୋଜଗାର ପାଇଁ ବିଦେଶରେ। ମା'ବାପାମାନେ ଏଥିପାଇଁ ଦିନରାତି ଏକ କରିଦେଇଥିଲେ। ପିଲାମାନେ ବଡ଼ ବଡ଼ ଅନୁଷ୍ଠାନରେ ପଢ଼ିବେ ଆଉ ପୁଳାପୁଳା ଟଙ୍କା ପଠେଇଲେ ମା'ବାପା ଟଙ୍କାର ପାହାଡ଼ ଉପରେ ବସିବେ। ତାହା ହିଁ ହେଇଛି। ମାସ ପୂରିଲା ବେଳକୁ ପୁଅ ବୋହୂ, ଝିଅ ଜ୍ୱାଇଁଙ୍କ ପାଖରୁ ଟଙ୍କା ବ୍ୟାଙ୍କରେ ଜମା ହେବାରେ ଲାଗିଛି। ହେଲେ ବୁଢ଼ାବୁଢ଼ୀ ପରିଣତ ବୟସରେ ଆଉ ଗଣିପାରୁ ନାହାନ୍ତି। ପେଟକୁ ଆହାର ମୁଠାଏ ପାଇଁ ଉହଳ ବିକଳ। ଚାକରାଣୀ ଦୟାକଲେ ଖାଇବାକୁ ମିଳିବ । ତେଣେ ପୁଅ ଲଣ୍ଡନକୁ ବୋହୂ ଆମେରିକାରେ। ନାତିନାତୁଣୀଟିଏ ଦେଖିବାକୁ ବୁଢ଼ୀମାଉସୀ ଭାରି ଉଦ୍‌ବେଗ । ହେଲେ ଟଙ୍କା ରୋଜଗାରରୁ ବିରତି ମିଳିଲେ ତ! ଇଏ ହେଉଛି ଆଜିର ପାରିବାରିକ ଓ ସାମାଜିକ ଜୀବନ। ଏଠାରେ ଗୋଟିଏ ବାସ୍ତବ ସତ୍ୟ ଉପସ୍ଥାପନ କରୁଛି।

ଏକ ସାମାଜିକ କାମରେ ଆମେ କେତେଜଣ ଘର ଘର ସମ୍ପର୍କ କରୁଥିଲୁ। ଉଦ୍ଦେଶ୍ୟ ଆଜିର ସାମାଜିକ ପରିସ୍ଥିତି ଓ ପାରିବାରିକ ଜୀବନ ସମ୍ବନ୍ଧରେ ଜାଣିବା। ଦେଶ ବିଦେଶକୁ ଯାଇ ଝିଅପୁଅମାନେ ବଡ଼ ଚାକିରି କରୁଥିବା ମା'ବାପାମାନେ କିଭଳି ସୁଖ ସ୍ୱଚ୍ଛନ୍ଦରେ ଅଛନ୍ତି ତାହା ପରଖିବା ଆମର ଇଚ୍ଛା ଥିଲା। ମଜାଦାର କଥା ହେଉଛି ସବୁଠାରୁ ବେକାରିଆ, ଅଳସୁଆ, ଅକାଳ କୁଷ୍ମାଣ୍ଡ ଭଳି ଅପଶବ୍ଦ ଶୁଣିଥିବା ପିତୃମାତୃ ବୋଲକରା ବନ୍ଧୁ ଜଣେ ଆମ ସାଥିରେ ଥାଆନ୍ତି। ଭଲ ପାଠ ପଢି ସବୁ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସେହି ମେଧାବୀ ଛାତ୍ର ଜଣକ ନିକଟସ୍ଥ କଲେଜର ଅଧ୍ୟାପକ ଏବଂ ପିତୃ ଚାଷଜମିର ଜଣେ ଚାଷୀ। କେବଳ ମା'ବାପାଙ୍କ ସେବା ଶୁଶ୍ରୂଷା ପାଇଁ ଘର ଛାଡ଼ି ଗଲେନାହିଁ। ସେ ଯାହାହେଉ ଆଜି ଅନେକଙ୍କ ଆଶାବାଡି ବିଶେଷକରି ଅସହାୟ ବୃଦ୍ଧାବୃଦ୍ଧମାନଙ୍କର। ଆମେ ଯାହା ଦେଖିଲୁ ଅଧିକାଂଶ ଘରେ ରୋଗଣା, ଅସହାୟ, ଅବହେଳିତ ବୃଦ୍ଧାବୃଦ୍ଧ। ସେମାନଙ୍କ ଦୁରାବସ୍ଥା ଦେଖି ଆମେ ମର୍ମାହତ ହେଲୁ। ଟଙ୍କାର ପାହାଡ଼ ଉପରେ ବସିଥିବା ଲୋକମାନେ କିନ୍ତୁ ଖାଇବା ପାଇଁ କିଛି ନାହିଁ। ଘରେ କାମ କରୁଥିବା ମହିଳାଟିର ଦୟା, ଅନୁକମ୍ପାରେ ଯାହା ରୋଷେଇ ହେଉଛି ତାହା ଖାଇବାକୁ ପଡୁଛି। ଯେଉଁ ଦିନ ସେ ଆସିପାରୁନି ପ୍ରାୟତଃ ଭୋକରେ ରହିବାକୁ ପଡ଼େ କିମ୍ବା ଶୁଖିଲା ଖାଦ୍ୟରେ ଚଳିଯାଏ। ମାନେ ଟଙ୍କାର ପ୍ରକୃତ ମୂଲ୍ୟ କେତେ ନଗଣ୍ୟ ସେମାନଙ୍କ ବିକଳ ଅବସ୍ଥା ଦେଖିଲେ ଉପଲବ୍ଧି କରିହେବ। ହେଲେ ବନ୍ଧୁଙ୍କୁ ଦେଖି ଅନେକ ମା'ବାପା କାନ୍ଦିପକାଇଲେ। ଆମେ ଭାବୁଥିଲୁ ତୁ ଘରେ ରହି ଭୁଲ୍ କରିଛୁ। କିନ୍ତୁ ସତ୍ୟ ହେଉଛି ତୋ ମା'ବାପା ପୁଣ୍ୟ କରିଥିଲେ ସେଥିପାଇଁ ପୁଅ ବୋହୂର ସେବା ଓ ନାତିନାତୁଣୀଙ୍କ ଆଦର ଯତ୍ନ ପାଉଛନ୍ତି। ଆଉ ଆମ୍ଭେମାନେ ପାପୀ, ସେଥିପାଇଁ ବୁଢ଼ା ଶାଗୁଣା ଭଳି ପାପର ପ୍ରାୟଶ୍ଚିତ୍ତ କରୁଛି। କୋଟି କୋଟି ଟଙ୍କା ରୋଜଗାରର ନିଶା ଆମକୁ ଅନ୍ଧ କରିଥିଲା। ସେଥିପାଇଁ ପିଲାଙ୍କୁ ଦେଶବିଦେଶରେ ବଡ଼ ବଡ଼ ଚାକିରି ପାଇଁ ପ୍ରୋତ୍ସାହିତ କରିଥିଲୁ। ସେମାନଙ୍କ ଶୈଶବ ଓ ବାଲ୍ୟଜୀବନକୁ କେବଳ ପାଠ ଘୋଷାରେ ଲଗେଇ ଦେଇଛୁ। ଅଧିକ ରୋଜଗାର ପାଇଁ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଉସୁକେଇବା ଛଡ଼ା ମୂଲ୍ୟବୋଧ, ଜୀବନାଦର୍ଶ ବା ଭଲ ମଣିଷ ହେବା ପାଇଁ ଦିନେ ମଧ୍ୟ ଚେଷ୍ଟା କରିନୁ।



ତେଣୁ ଆମେ ଏଇ ପରିଣତ ବୟସରେ ନିଃସଙ୍ଗ ଜୀବନ ବିତାଉଛୁ। କେବଳ ସେତିକି ନୁହେଁ ପିଲାମାନେ ମଧ୍ୟ ଟଙ୍କା ପାଇଁ ପାଗଳ। ଜୀବନ ବୋଲି କିଛି ନାହିଁ। ଉଭୟେ ମାସେ ଦୁଇ ମାସରେ ଥରୁଟିଏ ମଧ୍ୟ ଭେଟଘାଟ ନାହିଁ। କି ଜୀବନ ! ଅର୍ଥାତ୍ ଟଙ୍କା ଅଛି କିନ୍ତୁ ପେଟପୂରୁନି।

ସବୁକଥା ଶୁଣିବା ଓ ନିଜ ଆଖିରେ ଦେଖିବା ପରେ ଆମେ ଆଶ୍ଚର୍ଯ୍ୟ ପ୍ରକଟ କଲୁ। ଟଙ୍କାଖିଆ ମଣିଷ ଆଜି ଟଙ୍କା ପାଇଁ ସବୁକିଛି ଭୁଲିଯାଉଛି। ନୀତି, ନୈତିକତା, ଆଦର୍ଶ, ସମ୍ପର୍କ ତଥା ପରିବାର ଓ ସମାଜ ପ୍ରତି ଥିବା ଦାୟିତ୍ୱବୋଧ ମଧ୍ୟ ଭୁଲିଯାଉଛି। ଏ ଭଳି ପରିସ୍ଥିତି ଧୀରେ ଧୀରେ ଉତ୍କଟ ରୂପ ନେଉଛି। ତେଣୁ ମା'ବାପାମାନେ ନିଜ ପିଲାମାନଙ୍କୁ ଟଙ୍କା ଖଣି ନ କରି ନିଜର କର୍ତ୍ତବ୍ୟ, ଦାୟିତ୍ୱ ସହ ପରିବାର, ସମାଜ ତଥା ଦେଶ ପ୍ରତି ଥିବା ନାଗରିକବୋଧ ସମ୍ବନ୍ଧରେ ଅବଗତ କରାଇବା ସମୟର ଆହ୍ୱାନ। ହଁ ଏକଥା ମନେରଖିବା ଉଚିତ ଟଙ୍କା ମଣିଷର ଆବଶ୍ୟକତା ପୂରଣ ପାଇଁ ଦରକାର କିନ୍ତୁ ଲୋଭ ସମ୍ବରଣ ପାଇଁ ନୁହେଁ। ଟଙ୍କା ଭଲ ପଲଙ୍କ ଓ ଗଦି ଦେଇପାରିବ କିନ୍ତୁ ନିଦ ନୁହେଁ। ଟଙ୍କା ସେବିକା ନିଯୁକ୍ତି ଦେଇପାରେ କିନ୍ତୁ ପୁଅଝିଅ ଭଳି ସେବା ଦେଇପାରିବ ନାହିଁ। ଟଙ୍କା ଦେଇ ଲୋକ କିଣି ହେବ ହେଲେ ପାଖରେ ଥିବା ପରିବାର ସଦସ୍ୟ ଭଳି ଧୈର୍ଯ୍ୟ, ସାହସ, ସହଯୋଗ ଓ ଭଲ ପାଇବା ଦେଇପାରିବେ ନାହିଁ। ତେଣୁ ଟଙ୍କାଖିଆ ମଣିଷ ବେଳ ଥାଉଁ ସାବଧାନ ହେବା ଦରକାର।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟକୁ ଗୁରୁତ୍ୱ

ମହାଶୟ,

ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ହାସଲ ପାଇଁ ସରକାର ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ତାହା ଅଭିନନ୍ଦନୀୟ। ଏହାଦ୍ୱାରା ଯାନବାହନରୁ ସୃଷ୍ଟି ହେଉଥିବା ପ୍ରଦୂଷଣକୁ ରୋକିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ପୂର୍ବ ସରକାର ମଧ୍ୟ କିଛି ବର୍ଷ ତଳେ ଏଇ ବ୍ୟବସ୍ଥା କରିଥିଲେ। ସେତେବେଳେ ଏହାକୁ ପାଇବା ପାଇଁ ଲୋକେ ଯେମିତି ହୀନସ୍ତା ହେଲେ, ଶେଷରେ ସରକାର ବାଧ୍ୟ ହୋଇ ବାରମ୍ବାର ସମୟ ସୀମା ବୃଦ୍ଧି କଲେ। କିନ୍ତୁ ତା' ପରେ ଆଉ ଏହା ଉପରେ ନା ସରକାର ନା ଲୋକେ କେହି ଗୁରୁତ୍ୱ ଦେଲେ ନାହିଁ। ଯାହା ଫଳରେ ପ୍ରଦୂଷଣର ବିଷ ବଢ଼ି ବଢ଼ି ଚାଲିଛି। ଦିଲ୍ଲୀ ପରି ଭୁବନେଶ୍ୱରରେ ମଧ୍ୟ ପ୍ରଦୂଷଣ ସୀମା ଟପିଲାଣି। ଇତିମଧ୍ୟରେ ଅନେକ ବର୍ଷ ବିତିଗଲାଣି ଓ ଯାନବାହନ ସଂଖ୍ୟା ମଧ୍ୟ ବହୁ ଗୁଣରେ ବୃଦ୍ଧି ପାଇଛି। କହିବାର କଥା ହେଉଛି ଏଇ ସାର୍ଟିଫିକେଟ ହାସଲ ପାଇଁ ସରକାର ବିଚାର ବିମର୍ଷ କରି ପଦକ୍ଷେପ ନିଅନ୍ତୁ। ସବୁ ପେଟ୍ରୋଲ ପମ୍ପରେ ଏଥିପାଇଁ ସତନ୍ତ୍ର କର୍ମଚାରୀ ନିଯୁକ୍ତି ଦିଆଯାଉ ଏବଂ ସମୟ ସୀମା ଆଗାମୀ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ରଖାଯାଉ । ବିଭିନ୍ନ ଗଣମାଧ୍ୟମରେ ଏହାକୁ ବାରମ୍ବାର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯାଉ । ବର୍ତ୍ତମାନ ବାହାଘର ସମୟ। ଆଗାମୀ ଫେବୃଆରୀରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ଚାଲିବ। ବର୍ତ୍ତମାନ ସମସ୍ତେ ଯାନବାହନ ଉପରେ ନିର୍ଭରଶୀଳ। ଲୋକଙ୍କ ସରକାର ଲୋକଙ୍କ ପାଇଁ ବ୍ୟବସ୍ଥାକୁ ସହଜ ସରଳ କରିବାକୁ ପଦକ୍ଷେପ ନିଅନ୍ତୁ।

**-ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେନାଲର ଆର ପାଖେ
ତାଳବନ ଫାଁକେ ଫାଁକେ
ଧବଳିତ କାଶବନ ହସଇ
ପ୍ରତୀଚୀର କୋଳେ ରବି ଖସଇ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ




# ବିଭିନ୍ନ ଅଞ୍ଚଳରେ ବଡ଼ଦିନ ପାଳିତ

କୋରୁକୋଣ୍ଡା, ୨୫।୧୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରେ ଖ୍ରୀଷ୍ଟଧର୍ମାବଲମ୍ବୀ ପକ୍ଷରୁ ଗୁରୁବାର ବଡଦିନ ତଥା ଖ୍ରୀଷ୍ଟମାସ ପାଳିତ ହୋଇଛି। ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ନୂତନ ବସ୍ତ୍ର ପରିଧାନ କରି ପରସ୍ପରକୁ ଆଲିଙ୍ଗନ କରି ଖ୍ରୀଷ୍ଟମାସର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବାଲିମେଳା ସହରରେ ଥିବା ଆଇଏମଏସଟି,ବେରସମା, ବାଇବେଲ ମିସନ ଏବଂ ଜେଇଏଲସି


ବଡ଼ଦିନ ଅବସରରେ ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ।

ଚର୍ଚ୍ଚରେ ବାଇବେଲ ପଠନ ସହ ସମୂହ ପ୍ରାର୍ଥନା କରିଥିଲେ। ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକ ଅଧୀନ ଅଞ୍ଚଳରେ ଥିବା ସମସ୍ତ ଚର୍ଚ୍ଚକୁ ଆଲୋକମାଳାରେ ସଜାଯାଇଛି। ଏହି ଅବସରରେ ବିଭିନ୍ନ ଚର୍ଚ୍ଚରେ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି।




# ବିଛାଯାଇଛି ପାଇପ, ନଷ୍ଟ ହେଉଛି ରାସ୍ତା

ନନ୍ଦପୁର, ୨୫।୧୨ (ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ସଦର ମହକୁମାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ରାସ୍ତା ମେଗା ପ୍ରକଳ୍ପ ପାଇପ ବିଛାଯାଇଥିବାରୁ ନଷ୍ଟ ହୋଇଛି। ଏ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଯନ୍ତ୍ରୀ ଲଳିତ କୁମାର ମହନ୍ତଙ୍କ ଅଜାଣତରେ ପ୍ରକଳ୍ପ ଦ୍ୱାରା ନିଯୁକ୍ତ ଠିକାଦାର ରାସ୍ତା ଖୋଳି ନଷ୍ଟ କରିଥିବା ନେଇ ସେ ଜିଲା ଗ୍ରାମ୍ୟ ଜଳଯୋଗାଣ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଶୁକ୍ରବାର ସହକାରୀ ଯନ୍ତ୍ରୀ ରାସ୍ତା ପରିଦର୍ଶନ କରିବା ସୂଚନା ମିଳିଛି। ନନ୍ଦପୁର ବ୍ଲକ୍ ସଦର ମହକୁମାରେ ବ୍ଲକ୍ ପରିଦର୍ଶନରେ ଆସୁଥିବା ସରକାରୀ ଅଧିକାରୀଙ୍କ, ରାଜନେତାଙ୍କ ରହଣି ପାଇଁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଏକମାତ୍ର ସାଧନ। ଏହାର ପ୍ରବେଶ ରାସ୍ତା ନଷ୍ଟହେବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି।



ପାଇପ ବିଛାଇବାକୁ ଖୋଳାଯାଇଥିବା ଗର୍ତ୍ତ।

# ଚାମ୍ବର ଅଫ୍ କମର୍ସର ନବରଙ୍ଗପୁର ଏମ୍‌ପିଙ୍କୁ ଦାବିପତ୍ର

ଜୟପୁର, ୨୫।୧୨ (ପବନ ପାଣିଗ୍ରାହୀ)

ଜୟପୁର ଚାମ୍ବର ଅଫ କମର୍ସର କର୍ମକର୍ତ୍ତା ଓ ସହରର ବ୍ୟବସାୟୀମାନେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀଙ୍କୁ ବିଭିନ୍ନ ଦାବି ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଜୟପୁର ବେଦିକାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କୁ ଜୟପୁରଠାରୁ ନବରଙ୍ଗପୁର ଓ ମାଲକାନଗିରି ଯାଏ ରେଳଲାଇନ ସମ୍ପ୍ରସାରଣ ହେବା ନେଇ ୧୦ ବର୍ଷ ହେଲା ଘୋଷଣା ହୋଇଥିଲେ ସୁଦ୍ଧା କାର୍ଯ୍ୟକାରୀ ହୋଇ ନ ଥିବା ନେଇ ଜଣାଇଥିଲେ। ଟ୍ରେନ୍ ଲାଇନ କାମ ଆଗେଇବା, ଜଗଦଲପୁରଠାରୁ ଭୁବନେଶ୍ୱର ଯାଏ ଅନ୍ୟ ଏକ ଟ୍ରେନ ଚାଲୁ କରିବା, ଜଗଦଲପୁରରୁ ବିଶାଖାପାଟଣା ଟ୍ରେନକୁ ହାଇଦ୍ରାବାଦ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଆଦି ବିଭିନ୍ନ ଦାବି କରିଛନ୍ତି। ଦାବିଗୁଡ଼ିକ ପୂରଣ ହେଲେ ଜୟପୁର ବ୍ୟବସାୟିକ ସଂଘ ଉପକୃତ ହୋଇପାରିବେ ବୋଲି ଚାମ୍ବର ଅଫ କମର୍ସର ସଭାପତି ଭି.ପ୍ରଭାକରଙ୍କ ଦସ୍ତଖତରେ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ।

# କଲଭର୍ଟ ତଳୁ ମୃତଦେହ ଜବତ

ପାପଡ଼ାହାଣ୍ଡି, ୨୫।୧୨ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଗ୍ରାମର ସତ୍‌ନାମୀ ସାହି ନିକଟରେ ଥିବା କଲଭର୍ଟ ତଳୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ମୃତକ ହେଲେ ଦଳେଇଗୁଡ଼ାର ମଝିଆ ଭତରା(୫୦)। ସୂଚନାନୁଯାୟୀ ମଝିଆ ବୁଧବାର ସନ୍ଧ୍ୟାରେ ଘରୁ ବାହାରକୁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ଫେରି ନ ଥିଲେ। ଘରଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ଖବର ମିଳି ନ ଥିଲା। ଗୁରୁବାର ସକାଳେ ସତ୍‌ନାମୀ ସାହି ନିକଟ କଲଭର୍ଟ ତଳୁ ଏକ ମୃତଦେହ ପଡ଼ିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ଦୀପକ କୁମାର ଜେନା ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପରିଚୟ ଖୋଜିବାକୁ ଚେଷ୍ଟା କରିଥିଲା। କିଛି ସମୟ ପରେ ମୃତଦେହଟି ମଝିଆଙ୍କର ବୋଲି ଜଣାପଡିଥିଲା। ଏହାପରେ ମୃତକଙ୍କ ପୁତୁରା ଶ୍ରୀପତି ଭତରା ପାପଡ଼ାହାଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ.୦୯/୨୫ରେ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିବା ତଦନ୍ତ ଅଧିକାରୀ ସନ୍ଧ୍ୟାରାଣୀ ବେହେରା ସୂଚନା ଦେଇଛନ୍ତି।

# ବାଇକ୍‌ରୁ ପଡ଼ି ଯୁବକ ମୃତ

କାଳିମେଳା, ୨୫।୧୨ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଚିତ୍ରାଙ୍ଗପଲ୍ଲୀ ପଞ୍ଚାୟତ ଅଧୀନ ଏମ୍‌ଭି ୫୫ ପଗୁରକୋଣ୍ଡା ରାସ୍ତା ନିକଟରେ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏମ୍‌ଭି ୫୫ ଗ୍ରାମର ବିଧାନ ମଣ୍ଡଳ। ବିଧାନ ବୁଧବାର ଘରକୁ ଫେରି ନ ଥିଲେ। ଗୁରୁବାର ସକାଳେ ପୋଲିସ ମୃତଦେହ ଜବତ କରି କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରାଯାଉଛି।

# ଭାଜପା ପାଳିଲା ସୁଶାସନ ଦିବସ


ବୈଠକରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଭିଭାଷଣ ଦେଉଛନ୍ତି।

ଉମରକୋଟ, ୨୫।୧୨ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଭାଜପା ପକ୍ଷରୁ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମଜୟନ୍ତୀ ଓ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ଭାଜପା ଉପସଭାପତି ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ଏମ୍‌ପି ପ୍ରତିନିଧି ରାମ ନାୟକ, ସନ୍ତୋଷ ମହାପାତ୍ର, ସୁରେଶ ଆଚାର୍ଯ୍ୟ, ମନ୍ଦିରା ନାୟକଙ୍କ ସହ ଶତାଧିକ ଭାଜପା କର୍ମୀ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେମାନେ ରୋଗୀ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ମିଠା ବଣ୍ଟନ କରିଥିଲେ। ପରେ ଭାଜପା କାର୍ଯ୍ୟାଳୟରେ ଏକ ସଭା କରାଯାଇଥିଲା। ସ୍ୱର୍ଗତ ବାଜପେୟୀଙ୍କ ଦେଶ ପ୍ରତି ଥିବା ଅବଦାନ ଓ ଭାରତର ବିକାଶରେ ତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜସ୍ଥାନର ପୋଖରାନ୍‌ରେ ପରମାଣୁ ବୋମାର ପରୀକ୍ଷଣ, ଗ୍ରାମକୁ ସହର ସହ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା ଓ କାର୍‌ଗିଲ ଯୁଦ୍ଧରେ ଭାରତର ବିଜୟ କିପରି ହେଇଥିଲା ସେ ସମ୍ପର୍କରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ବାଜପେୟୀଙ୍କ ଶାସନ କାଳରେ ଅନେକ ବିକାଶମୂଳକ କାର୍ଯ୍ୟ ଲୋକଙ୍କ ପାଇଁ କରାଯାଇଥିବାରୁ ତାଙ୍କ ଜନ୍ମଦିନକୁ ସୁଶାସନ ଦିବସଭାବେ ପାଳନ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ବୈଠକ ପରେ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି ବୈଠକରେ ଗୋପୀନାଥ ସାହୁ, ସନ୍ତୋଷ ଶର୍ମା, ବାବୁଲା ସାହୁ, ରମେଶ ଦାସ, ମିନତୀ ପଟେଲଙ୍କ ସହ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ପ୍ରଭାତ ନାୟକ ମଞ୍ଚ ପରିଚାଳନା କରିଥିଲେ।






# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

## ମୃତଦେହ ନେଇ ପଳାଇ ଯାଉଥିବାବେଳେ ଧରାପଡ଼ିଲେ

ଦେଓଗାଁ,୨୫।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡିଅନ୍ତର୍ଗତ ଜୁର୍ଲାକାନୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ଜଣେ ଯୁବକ। ମୃତା ମହିଳା ହେଲେ ତପ ମଲ୍ଲିକ (୩୧)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତପଙ୍କୁ ହତ୍ୟା କରାଯାଇଥିବାନେଇ ତାଙ୍କ ବାପା ଦେଓଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୪୧୫/୨୫) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ପାରିବାରିକ କଳହକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ତଦନ୍ତ ଦାୟିତ୍ୱରେ ଥିବା ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ସୂଚନା ଦେଇଛନ୍ତି।



ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଜୁର୍ଲାକାନୀ ଗ୍ରାମର ମହାଦେବ ମଲ୍ଲିକ କୌଣସି କାରଣକୁ ନେଇ ସ୍ତ୍ରୀ ତପଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ମୃତଦେହକୁ ନେଇ ପଳାଇ ଯାଉଥିବାବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡିଯାଇଥିଲେ। ଗ୍ରାମର ଲୋକମାନେ ମହାଦେବଙ୍କୁ କାବୁକରି ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇବା ସହ ଅଭିଯୁକ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୀମଭୋଇ ମେଡିକାଲକୁ ପଠାଇଥିଲା। ସେଠାରେ ଚିକିତ୍ସା ଚାଲିଥିବାବେଳେ ସୁସ୍ଥହେବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଗୁରୁବାର ସକାଳେ ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ସରଜମିନ ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କ ବଡ଼ଭାଇ ଉଦ୍ଧବ କହିଛନ୍ତି, ମହାଦେବ ଘରଜ୍ୱାଇଁ ଭାବେ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅନ୍ତର୍ଗତ କୁନ୍ଦେଇପାଲି ଗ୍ରାମରେ ସ୍ତ୍ରୀ ଏବଂ ଏକ ଶିଶୁପୁତ୍ର ସହ ରହୁଥିଲେ। ମହାଦେବ ମାନସିକ ବିକାରଗ୍ରସ୍ତ ଥିବାରୁ ମଝିରେ ମଝିରେ ଜୁର୍ଲାକାନୀରେ ଥିବା ନିଜ ଘରେ ମଧ୍ୟ ରହୁଥିଲେ। କିଛିଦିନ ହେଲା ସେ ନିଜ ଘରେ ରହୁଥିବାବେଳେ ତାଙ୍କୁ ଚିକିତ୍ସା କରାଇବା ପାଇଁ ସ୍ତ୍ରୀ ଓ ଶ୍ୱଶୁର ମଧ୍ୟ ଏଠାକୁ ଆସିଥିଲେ। ବୁଧବାର ରାତିରେ କୌଣସି କାରଣରୁ ବନ୍ଦ କୋଠରି ମଧ୍ୟରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ମୃତଦେହ ନେଇ ଫେରାର ହୋଇଯାଉଥିଲେ। ହେଲେ ଗ୍ରାମବାସୀ ତାଙ୍କୁ କାବୁ କରିଥିବା ଉଦ୍ଧବ କହିଛନ୍ତି।

# ପୁଣେରୁ ମାଷ୍ଟରମାଇଣ୍ଡଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

## ପୋଲିସ ଚାକିରି ନାଁରେ ୧.୪୭ କୋଟି ଠକେଇ ଘଟଣା

- ଗୃହ ବିଭାଗର ବଡ଼ ଅଧିକାରୀ ପରିଚୟ ଦେଇ ଲୁଟୁଥିଲେ
- ୩୮ ଆଶାୟୀ ଫସିଥିଲେ, ପୂର୍ବରୁ ଗିରଫ ହୋଇଛନ୍ତି ୩

ଭୁବନେଶ୍ୱର,୨୫।୧୨ (ସତ୍ୟଜିତ ରାଉତ)

ପୋଲିସ ଚାକିରି କରାଇଦେବାକୁ କହି ୧.୪୭ କୋଟି ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମାଷ୍ଟରମାଇଣ୍ଡଙ୍କୁ ପୁଣେରୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା କାଳନ୍ଦୀ ରାଉତ ଓରଫ କୁନାଳ ଓରଫ କାଳିଆ। ପୁଣେରୁ ଗିରଫ ପରେ ଇଓଡବ୍ଲ୍ୟୁ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଗୁରୁବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ କାଳନ୍ଦୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ସହଯୋଗୀ ବୈକୁଣ୍ଠନାଥ ନାୟକ, ଭୀମସେନ୍ ମହାରଣା ଓ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ କାଳନ୍ଦୀ ଇଓଡବ୍ଲ୍ୟୁକୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ।

ସୂଚନା ଅନୁଯାୟୀ, ୨୦୧୩ରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ପକ୍ଷରୁ ସବ୍ ଇନ୍ସପେକ୍ଟର, ଡେପୁଟି ସୁବେଦାର ଆଦି ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ୨୦୧୫ରୁ ୨୦୧୬ ମଧ୍ୟରେ ପ୍ରଲିମିନାରି, ମେନ୍, ଫିଜିକାଲ୍ ଓ ଭାଇଭା ଆଦି ପରୀକ୍ଷା ହୋଇଥିଲା। ଆଶାୟୀ ବାଦଲ କୁମାର ରାଉଳଙ୍କ ସମେତ ୩୮ଜଣ ପରୀକ୍ଷାର ସମସ୍ତ ସୋପାନ ଅତିକ୍ରମ କରିଥିଲେ ମଧ୍ୟ ଭାଇଭାରେ ଅସଫଳ ହୋଇଥିଲେ। ତେବେ ଅଭିଯୁକ୍ତମାନେ ନିଜକୁ ଗୃହ ବିଭାଗର ଏଏସ୍‌ଓ ଏବଂ ବଡ଼ ଅଧିକାରୀ ପରିଚୟ ଦେଇ ସେମାନଙ୍କୁ ମିଛ କଥା କହି ଫସାଇଥିଲେ। ଏହାପରେ ଏକ ସପ୍ଲିମେଣ୍ଟାରି ତାଲିକା ବାହାରିବ ଏବଂ ସେଥିରେ ଏମାନଙ୍କ ନାଁ ରହିବ ବୋଲି ଆଶାୟୀଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ଆହୁରି ମଧ୍ୟ ନକଲି ଆଇକାର୍ଡ ଆଦି ଦେଖାଇ ନେତା ମନ୍ତ୍ରୀଙ୍କ ସହ ଭଲ ସମ୍ପର୍କ ଥିବା ଆଶାୟୀମାନଙ୍କୁ କହି ଜାଲ ବିଛାଇଥିଲେ। ଆଶାୟୀମାନେ ଅଭିଯୁକ୍ତଙ୍କ କଥାରେ ପଡ଼ି ୨୦୨୦ରେ ବିଭିନ୍ନ ପର୍ଯ୍ୟାୟରେ ନଗଦ ଓ ଅନଲାଇନ୍ ମାଧ୍ୟମରେ ମୋଟ୍ ୧ କୋଟି ୪୭ ଲକ୍ଷ ଟଙ୍କା ଦେଇଦେଇଥିଲେ। ତେବେ ଅଭିଯୁକ୍ତମାନେ ଟଙ୍କା ପାଇବା ପରେ ଆଉ ଧରାଛୁଆଁ ଦେଇ ନ ଥିଲେ। ଠକେଇର ଶିକାର ଆଶାୟୀମାନେ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହେବା ପରେ ୨୦୨୧ ନଭେମ୍ବର ୯ରେ ଏକ ମାମଲା (ନଂ.୧୫/୨୦୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ୨ ଦିନ ପରେ ଅଭିଯୁକ୍ତ ବୈକୁଣ୍ଠନାଥ ଓ ଭୀମସେନ୍ ଏବଂ ପରେ ଅନ୍ୟ ଅଭିଯୁକ୍ତ ଜଣଙ୍କୁ ଗିରଫ କରିଥିଲା ଇଓଡବ୍ଲ୍ୟୁ।

# ୫ ବର୍ଷୀୟା ଶିଶୁଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଫେରାର

ଭୋଗରାଇ,୨୫।୧୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ଜଣେ ୫ବର୍ଷୀୟା ଶିଶୁଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ପଡ଼ୋଶୀ ସମ୍ପର୍କୀୟ ଅଜା ପୀଡ଼ିତା ଶିଶୁଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ନାଇଦୋଳି ଗ୍ରାମର ସୁଧୀର ମଣ୍ଡଳଙ୍କ ନାମରେ ଏକ ମାମଲା(ନଂ. ୩୧୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପ୍ରଚାରିତ ହେବାପରେ ଅଭିଯୁକ୍ତ ଏବେ ଗାଁରୁ ପଳାଇଯାଇ ଅନ୍ୟ ସ୍ଥାନରେ ଆତ୍ମଗୋପନ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସମ୍ପୃକ୍ତ ଶିଶୁ ପିଉସୀ ଘରକୁ ଯାଇ ଗତ ୧୮ତାରିଖ ସକାଳେ ଘରକୁ ଫେରିଥିଲେ। ସେହିଦିନ ଅପରାହ୍ନରେ ଅଭିଯୁକ୍ତ ଶିଶୁଙ୍କୁ ପ୍ରଲୋଭନ ଦେଖାଇ ଏକ କୁଣ୍ଡା ଦୋକାନ ଘରକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏହି ଘଟଣା ସମ୍ପର୍କରେ ଶିଶୁଟି ନିଜ ଜେଜେମା'ଙ୍କ ଆଗରେ କହିବାରୁ ଘରେ ସମସ୍ତେ ଶୁଣି ଗାଁଲୋକଙ୍କୁ ଜଣାଇଥିଲେ। ଗାଁରେ ଏହାକୁ ନେଇ ବୈଠକ କରାଯାଇଥିଲେ ମଧ୍ୟ ସମାଧାନର ବାଟ ଫିଟି ନ ବାହାରିବାରୁ ଶିଶୁଙ୍କ ମା' ନ୍ୟାୟ ପାଇଁ ଗୁରୁବାର ଏତଲା ଦେଇଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ମାଛ ନେଇଯିବାରୁ ନାବାଳକଙ୍କ ଗୁପ୍ତାଙ୍ଗ କାଟିଦେଲେ

ଏରସମା,୨୫।୧୨(ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ମାଛ ନେଇଯିବାରୁ ଏହି ଗ୍ରାମର ଜଣେ ୧୩ ବର୍ଷୀୟ ନାବାଳକଙ୍କ ଗୁପ୍ତାଙ୍ଗ କାଟିଦିଆଯାଇଥିବା ଅଭିଯୋଗ ହୋଇଛି। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ପୀଡ଼ିତଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୪୬୦/୨୫) ରୁଜୁ କରିଛି।

ଉକ୍ତ ଗ୍ରାମର ନବି ଟାଙ୍ଗୁରୁ ସ୍ଥାନୀୟ ପୋଖରୀରେ ମାଛ ଧରିବା ପାଇଁ ବନିଶୀ ଲଗାଇଥିଲେ। ସମ୍ପୃକ୍ତ ନାବାଳକ ଉକ୍ତ ବନିଶୀରେ ଲାଗିଥିବା ମାଛକୁ ନେଇଯାଇଥିଲେ। ନବି ଏହା ଜାଣିବା ପରେ କ୍ଷୁବ୍ଧ ହୋଇଯାଇଥିଲେ। ସମ୍ପୃକ୍ତ ନାବାଳକଙ୍କୁ ବାଟରେ ପାଇ ତାଙ୍କୁ ମାଡ଼ ମାରିବା ସହ ଏକ ମାରଣାସ୍ତ୍ରରେ ନବି ତାଙ୍କ ଗୁପ୍ତାଙ୍ଗ କାଟି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଏରସମା ଥାନା ଅଧିକାରୀ ପ୍ରେମଜିତ ଦାସ କହିଛନ୍ତି।

## ପୂଜା, ଭୋଜିଭାତକୁ କେନ୍ଦ୍ରକରି ଆକ୍ରମଣ

# ଛୁରାମାଡ଼ରେ ୨ ଆହତ, ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,୨୫।୧୨ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ଶ୍ରୀପୁରା ଗ୍ରାମରେ ଏକ ପୂଜା ଓ ଭୋଜିଭାତ କାର୍ଯ୍ୟକ୍ରମକୁନେଇ ବୁଧବାର ବିଳମ୍ବିତ ରାତିରେ ଛୁରାମାଡ଼ ହୋଇଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ସୌଦାଗର ବାଗ ଏବଂ ଈଶ୍ୱର କିଷାନ। ଆହତଦ୍ୱୟଙ୍କ ଅଭିଯୋଗ କ୍ରମେ ବଡ଼ମାଲ ଥାନା ପୋଲିସ ନଂ.୪୦୪/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମଦନ ସେଠଙ୍କୁ ଗିରଫ ପରେ ଗୁରୁବାର କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ବୁଧବାର ଶ୍ରୀପୁରା ଗ୍ରାମରେ ମା' ଦଶମତୀ ଖଳାପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ପୂଜା ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଲୋକମାନେ ଶୃଙ୍ଖଳିତ ଭାବରେ ପ୍ରସାଦ ସେବନ କରିଥିଲେ। ମାତ୍ର କେତେଜଣ ନିଶାସକ୍ତ ଯୁବକ ଭୋଜିଭାତକୁ ନେଇ ପ୍ରଶ୍ନ ଉଠାଇବା ସହିତ ଆୟୋଜକଙ୍କ ସହିତ ଯୁକ୍ତିତର୍କ କରିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ରାଗିଯାଇ ମଦନ ପାଖରେ ଥିବା ଏକ ଛୁରାରେ ସୌଦାଗର ଏବଂ ଈଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଉପସ୍ଥିତ ଲୋକମାନେ ମଦନଙ୍କୁ କାବୁ କରିନେଇଥିବାରୁ ସୌଦାଗର ଏବଂ ଈଶ୍ୱର ଅଧିକ କ୍ଷତାକ୍ତରୁ ବର୍ତ୍ତି ଯାଇଥିଲେ। ଖବର ପାଇ ବଡ଼ମାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇଜଣଙ୍କୁ ପ୍ରଥମେ ଶ୍ରୀପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ନେଇ ଚିକିତ୍ସିତ କରାଇଥିଲା। ବର୍ତ୍ତମାନ ଆହତ ଦୁଇଜଣ ସୁସ୍ଥ ଥିବା ବେଳେ ବଡ଼ମାଲ ଥାନା ପୋଲିସ ମାମଲା ରୁଜୁକରିଅଭିଯୁକ୍ତ ମଦନଙ୍କୁଧରିଥିଲା।

# ଲୋକଲଜ୍ଜା ଭୟରେ ବିଷ ପିଇଲେ ପୀଡ଼ିତା

## ଧାମରାରେ ଯୁବତୀଙ୍କୁ ବଳାତ୍କାର

ଚାନ୍ଦବାଲି,୨୫।୧୨(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲିରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଚାନ୍ଦବାଲିରେ ୩ଦିନ ଧରି ନିଆଁ ଜଳୁଛି। ଏହି ତାତି ଥମି ନ ଥିବାବେଳେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଏହି ବ୍ଲକ ଅଧୀନ ଧାମରା ଥାନା ଅଞ୍ଚଳରେ ରୋଷେଇ ଘରେ ଜଣେ ବାପଛେଉଣ୍ଡ ଝିଅଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗତ ୧୭ ତାରିଖ ସନ୍ଧ୍ୟାରେ ଘଟଣାଟି ଘଟିଥିବା ବେଳେ ଲୋକଲଜ୍ଜା ଭୟରେ ବିଷପିଇ ପୀଡ଼ିତା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୀଡ଼ିତାଙ୍କ ମା' ଏନେଇ ଗୁରୁବାର ଧାମରା ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ପୀଡ଼ିତାଙ୍କ ହାତଲେଖା ଚିଠି ଏବଂ ତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ଗତ ୧୭ ତାରିଖ ସନ୍ଧ୍ୟାରେ ଘରେ ରୋଷେଇ କରୁଥିବା ବେଳେ ସେହି ଗ୍ରାମର ଜଣେ ଯୁବକ ପହଞ୍ଚି ତାଙ୍କ ଓଢ଼ଣୀକୁ ଯୁବତୀଙ୍କ ପାଟିରେ ଦେଇ ବଳାତ୍କାର କରିଥିଲେ। ଘଟଣାର ୨ ଦିନ ପରେ ଅର୍ଥାତ୍ ୨୦ ତାରିଖରେ ଯୁବତୀ ଜଣକ ଏକ କାଗଜରେ ଏ ସମ୍ପର୍କରେ ଲେଖି ଦେଇ ଆତ୍ମହତ୍ୟା ପାଇଁ ଦୁଦୁରା ମଞ୍ଜି ଖାଇ ଦେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଧାମରା ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଭଦ୍ରକ ଏବଂ କଟକର ଏକ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି। ଏହି ଘଟଣା ବାହାରେ ପ୍ରକାଶ କଲେ ତାଙ୍କର ଅନ୍ୟ ଭଉଣୀମାନଙ୍କ ସହ ଏପରି କରାଯିବ ବୋଲି ଯୁବକ ଜଣକ ଧମକ ଦେଇଥିବା ପୀଡ଼ିତା ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଏନେଇ ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ କହିଛନ୍ତି, ଘଟଣାର ସତ୍ୟତା ଅଛି। ଲୋକଲଜ୍ଜା ଭୟରେ ପୀଡ଼ିତା ଏହି ଘଟଣାକୁ ବାହାରେ ପ୍ରକାଶ କରିପାରି ନ ଥିବାବେଳେ ଶେଷରେ ବିଷ ପିଇଦେଇଥିଲେ। ଏନେଇ ଏକ ମାମଲା(ନଂ.୫୬/୨୫) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଛି।

Business

# ଟାଟା ମୋଟର୍ସର ନୂଆ ସିଏରାର ବଜାର ପ୍ରବେଶ

ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)

ଟାଟା ମୋଟର୍ସ ପାସେଞ୍ଜର ଭେହିକଲ୍ସ ଲିମିଟେଡ୍, ଡିଅନ୍ ଅଟୋମୋଟିଭ୍ସ ପ୍ରାଇଭେଟ୍ ଲିମିଟେଡ୍ ସହ ମିଳିତ ଭାବରେ ବୁଧବାର ଭୁବନେଶ୍ୱରରେ ସମ୍ପୂର୍ଣ୍ଣ ନୂତନ ଟାଟା ସିଏରା ଲଞ୍ଚ କରିଛି। ଏକ ପ୍ରିମିୟମ ମିଡ୍-ଏସ୍‌ୟୁଭି ଭାବରେ ସ୍ଥାନିତ ନୂତନ ସିଏରାର ମୂଲ୍ୟ ୧୧.୪୯ ଲକ୍ଷ (ଏକ୍ସ-ଶୋ'ରୁମ୍)ରୁ ଆରମ୍ଭ ହେଉଥିବା ପ୍ରାରମ୍ଭିକ ମୂଲ୍ୟ ସହିତ ଏସ୍‌ୟୁଭି ସେଗମେଣ୍ଟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ, ଟାଟା ମୋଟର୍ସ ପାସେଞ୍ଜର ଭେହିକଲ୍ସ ଏବଂ ଇଲେକ୍ଟ୍ରିକ ମୋବିଲିଟିର ରିଜିଓନାଲ ମ୍ୟାନେଜର ମହମ୍ମଦ ସୋଏବ, ସବ୍ୟସାଚୀ ମିଶ୍ର, ସ୍ଥାନୀୟ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଯୋଗଦେଇଥିଲେ। ଲଞ୍ଚ ସମୟରେ ଡିଅନ ଅଟୋମୋଟିଭ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ମନୋଜ କୁମାର ସାହୁ କହିଛନ୍ତି, ନୂତନ ସିଏରା ସହ ଆମେ ଭାରତୀୟ ଗତିଶୀଳତା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛୁ।




ସିଏରା ଏକ ଆଇକନ୍ ଭାବରେ ବଜାରକୁ ଫେରିଛି। ଏହା ଗୌରବ, ବ୍ୟକ୍ତିତ୍ୱ ଏବଂ ପ୍ରଗତିକୁ ପ୍ରତିଫଳିତ କରୁଛି। ଏସ୍କେପ ମେଡିଓକର ବ୍ରାଣ୍ଡ ଦର୍ଶନ ଅଧୀନରେ, ଟାଟା ମୋଟର୍ସ ସିଏରାକୁ କେବଳ ଏକ ଏସ୍‌ୟୁଭି ଭାବରେ ନୁହେଁ – ଆକାଂକ୍ଷା ଏବଂ ପାର୍ଥକ୍ୟତାର ଏକ ବିବୃତି ଭାବରେ ସ୍ଥାନିତ କରେ। ପେଟ୍ରୋଲ ଭାରିଆଣ୍ଟର ମୂଲ୍ୟ ୧୧.୪୯ ଲକ୍ଷରୁ ଆରମ୍ଭ ହେଉଥିବାବେଳେ ଡିଜେଲ ଭାରିଆଣ୍ଟର ମୂଲ୍ୟ ୧୨.୯୯ ଲକ୍ଷ (ଏକ୍ସ-ଶୋ'ରୁମ୍)ରୁ ଆରମ୍ଭ ହେଉଛି। ଭୁବନେଶ୍ୱରରେ ଅନ୍-ରୋଡ୍ ମୂଲ୍ୟ ୧୪.୯୦ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଏ।

# ହାତୀ ମୃତ୍ୟୁ ରୋକିବା ପାଇଁ ଇଣ୍ଡୋନେସିଆକୁ ବନ୍‌ତାରାର ସହଯୋଗ

ଭୁବନେଶ୍ୱର,୨୫।୧୨

ଇଣ୍ଡୋନେସିଆରେ ବ୍ୟାପିଥିବା ଏକ ଗମ୍ଭୀର ରୋଗ ଇଇଏଚ୍‌ଭି ସୁମାତ୍ରା ହାତୀମାନଙ୍କ ଜୀବନକୁ ସଙ୍କଟାପନ୍ନ କରୁଛି। ଏହାର ମୁକାବିଲା କରିବା ପାଇଁ ଇଣ୍ଡୋନେସିଆର ବନ ମନ୍ତ୍ରଣାଳୟ ଭାରତର ଗୁଜରାଟରେ ଅବସ୍ଥିତ ବିଶ୍ୱସ୍ତରୀୟ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ବନ୍‌ତାରାଠାରୁ ବୈଷୟିକ ସହାୟତା ନେଉଛି। ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନ୍‌ତାରା ହାତୀମାନଙ୍କର ଚିକିତ୍ସା, ଠିକ୍ ସମୟରେ ରୋଗ ଚିହ୍ନଟ ଏବଂ ନିବାରଣଜନିତ ଯତ୍ନ କ୍ଷେତ୍ରରେ ଏହାର ବିଶେଷଜ୍ଞତା ମାଧ୍ୟମରେ ଇଣ୍ଡୋନେସିଆର ଅଧିକାରୀମାନଙ୍କୁ ସହାୟତା କରୁଛି ଯାହାଦ୍ୱାରା ଇଇଏଚ୍‌ଭି ଦ୍ୱାରା ହେଉଥିବା ହାତୀ ମୃତ୍ୟୁକୁ ଠିକ୍ ତଥା ପ୍ରଭାବୀ ଢଙ୍ଗରେ ନିୟନ୍ତ୍ରଣ କରାଯାଇପାରିବ। ସୁମାତ୍ରା ହାତୀମାନେ ପୂର୍ବରୁ ହିଁ ବିଲୁପ୍ତହେବାର ଗମ୍ଭୀର ବିପଦରେ ରହିଛନ୍ତି ଏବଂ ଆୟୁସିଏନ ଦ୍ୱାରା ସଙ୍କଟାପନ୍ନ ଶ୍ରେଣୀରେ ତାଲିକାଭୁକ୍ତ ହୋଇଛନ୍ତି। ରିଆଉ ପ୍ରଦେଶର ସେବାଙ୍ଗା ହାତୀ ସଂରକ୍ଷଣ କେନ୍ଦ୍ରରେ ଇଇଏଚଭିରେ ଏକ କମ ବୟସର ହାତୀର ମୃତ୍ୟୁ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହାପରେ ଇଣ୍ଡୋନେସିଆ ସରକାର, ଏହାର ସ୍ଥାନୀୟ ସହଯୋଗୀ ଫଉନା ଲ୍ୟାଣ୍ଡ ଇଣ୍ଡୋନେସିଆ ମାଧ୍ୟମରେ ବନ୍‌ତାରାଠାରୁ ବୈଷୟିକ ସହାୟତା ଲୋଡ଼ିଥିଲେ, ଯାହାଦ୍ୱାରା ରୋଗକୁ ଶୀଘ୍ର ଚିହ୍ନଟ କରାଯାଇପାରିବ ଏବଂ ହାତୀମାନଙ୍କ ଉନ୍ନତ ଚିକିତ୍ସା କରାଯାଇପାରିବ। ଏହି ସହଯୋଗର ଆଧାରରେ ବନ୍‌ତାରାର ପ୍ରାଣୀ ଚିକିତ୍ସକ, ଜୀବବିଜ୍ଞାନୀ ଏବଂ ଅନ୍ୟ ବିଶେଷଜ୍ଞମାନେ ରିଆଉରେ ପହଞ୍ଚିଛନ୍ତି। ଏହି ବିଶେଷଜ୍ଞମାନେ ଇଣ୍ଡୋନେସିଆର ଅଧିକାରୀମାନଙ୍କ ସହ ମିଳିତ ଭାବରେ ହାତୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଏବଂ ରୋଗର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ଉପରେ ଧ୍ୟାନ ଦେଇ ଚିକିତ୍ସା ଓ ଯତ୍ନ ପ୍ରଣାଳୀକୁ ସୁଦୃଢ଼କରିବା ଦିଗରେ କାମ କରୁଛନ୍ତି।



# ନିବେଶକଙ୍କ ଯୋଗଦାନ ସୁଦୃଢ଼ କରିଛି ଏନ୍‌ଏସ୍‌ଇ

ଭୁବନେଶ୍ୱର,୨୫।୧୨

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏଏସ୍‌ଇ) ଉତ୍ସାହର ସହ ୨୦୨୫କୁ ଶେଷ କରିବାକୁ ପ୍ରସ୍ତୁତ ରହିଛି। ଏହା ସ୍ଥିର ବଜାର ଅଭିବୃଦ୍ଧି, ବଜାରରେ ଅଧିକ ନିବେଶକଙ୍କ ଯୋଗଦାନ ଏବଂ ନୂତନ ଉତ୍ପାଦ ପ୍ରଚଳନ ଦ୍ୱାରା ସମ୍ଭବ ହୋଇଛି। ଏହିବର୍ଷ ମଧ୍ୟରେ ଭାରତରେ ଷ୍ଟକ୍‌ବଜାର ସ୍ଥିର ରହିଥିବାବେଳେ ନିଫ୍ଟି ୫୦ ସୂଚକାଙ୍କ ପ୍ରାୟ ୧୦% ବୃଦ୍ଧି ପାଇଛି ଏବଂ ଏନ୍‌ଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ମୂଲ୍ୟ ପ୍ରାୟ ଟ.୪୬୯ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ଏହା ନିବେଶକଙ୍କ ମଧ୍ୟରେ ନିରନ୍ତର ବିଶ୍ୱାସ ଏବଂ ସ୍ଥିର ସମ୍ପତ୍ତି ସୃଷ୍ଟିକୁ ଦର୍ଶାଉଛି। ୨୦୨୫ରେ କମ୍ପାନୀଗୁଡ଼ିକ ବଜାର ମାଧ୍ୟମରେ ଟଙ୍କା ସଂଗ୍ରହ କରିବା ଜାରି ରଖିଥିଲେ। ଏନ୍‌ଏସ୍‌ଇ ମାଧ୍ୟମରେ ସଂଗୃହୀତ ମୋଟ ପାଣ୍ଠି ପ୍ରାୟ ୭% ବୃଦ୍ଧି ପାଇ ୧୯ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। କମ୍ପାନୀଗୁଡ଼ିକ ସେମାନଙ୍କର ଅଭିବୃଦ୍ଧି ଏବଂ ବ୍ୟବସାୟିକ ଆବଶ୍ୟକତାକୁ ପାଣ୍ଠି ଯୋଗାଇବା ପାଇଁ ଶେୟାର ଏବଂ ବଣ୍ଡ ଉଭୟକୁ ସକ୍ରିୟ ଭାବରେ ବ୍ୟବହାର କରିଛନ୍ତି। ଆଇପିଓ ବଜାର ମଧ୍ୟ ସକ୍ରିୟ ରହିଥିଲା। ଏନ୍‌ଏସ୍‌ଇର ମେନ୍‌ବୋର୍ଡ ଏବଂ ଏସ୍‌ଏମ୍‌ଇ ପ୍ଲାଟ୍‌ଫର୍ମରେ ଆଇପିଓଗୁଡ଼ିକ ମାଧ୍ୟମରେ ୨୦୦ରୁ ଅଧିକ କମ୍ପାନୀ ପାଣ୍ଠି ସଂଗ୍ରହ କରିଛନ୍ତି, ଯାହା ମିଳିତ ଭାବରେ ପ୍ରାୟ ୧.୭୭ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିଲା। ଏହା ନୂତନ ଏବଂ ବୃଦ୍ଧି ପାଉଥିବା କମ୍ପାନୀଗୁଡ଼ିକ ପ୍ରତି ନିବେଶକଙ୍କ ଆଗ୍ରହକୁ ଉଲ୍ଲେଖ କରୁଛି। ବାଣିଜ୍ୟ ପରିମାଣ ଅନୁସାରେ ଏନ୍‌ଏସ୍‌ଇ ବିଶ୍ୱର ସର୍ବବୃହତ୍ ଡେରିଭେଟିଭ୍ସ ଏକ୍ସଚେଞ୍ଜ ଭାବରେ ଏହାର ସ୍ଥାନ ବଜାୟ ରଖିଛି। ବିଶ୍ୱ ସ୍ତରରେ ଏନ୍‌ଏସ୍‌ଇ ଇଣ୍ଟରନ୍ୟାଶନାଲ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ ଆଇଏକ୍ସ) ଏହି ବର୍ଷ ମଧ୍ୟରେ ୧ ଟ୍ରିଲିୟନ ଆମେରିକୀୟ ଡଲାରରୁ ଅଧିକ ଆନୁମାନିକ କାରବାରର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ସମଗ୍ର ଦେଶରୁ ଅଧିକ ଲୋକ ଏହି ବଜାରରେ ଅଂଶଗ୍ରହଣ କରିଥିଲେ। ୨୦୨୫ରେ ପ୍ରାୟ ୧.୫ କୋଟି ନୂତନ ନିବେଶକ ଯୋଡିହେବା ସହ ଅନ୍ୟ ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୧୨.୪ କୋଟି ଅତିକ୍ରମ କରିଥିଲା।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୫ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୧୧୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ସେବା ବିଭାଗ (ଡିଏଫ୍‌ଏସ୍)ର ସଚିବ ଆଇଏଏସ୍ ଏମ୍. ନାଗରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୋରାବ୍‌ଜୀ ପୋଚଖାନାୱାଲାଙ୍କ ଉକ୍ତିକୁ ଉଦ୍ଧୃତକରି ନାଗରାଜୁ କହିଥିଲେ, ଏକ ଭଲ ବ୍ୟାଙ୍କର ଲାଭ କେବଳ ତାହାର ବ୍ୟାଙ୍କିଙ୍ଗ୍ ହଲ୍‌ର ଚାରିକାନ୍ଥ ମଧ୍ୟରେ ସୀମିତ ନୁହେଁ କିମ୍ବା ଏହାର ବ୍ୟାଙ୍କିଙ୍ଗ୍ ବ୍ୟବସାୟର ସୀମା ଦ୍ୱାରା ସୀମିତ ନୁହେଁ। ଏହା ବାଣିଜ୍ୟ, ଶାଖା ଏବଂ ଆର୍ଥିକ କାର୍ଯ୍ୟକଳାପର ପ୍ରତ୍ୟେକ କ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାରିତ। ଋଣରେ ୭୨ ପ୍ରତିଶତ ରାମ (ରିଟେଲ, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ) ଶେୟାର ଦେଶର ସାଧାରଣ ଜନତାଙ୍କ ସେବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଥିବା ସେ କହିଥିଲେ। ବ୍ୟାଙ୍କ ତାହାର ବ୍ୟବସାୟ ଓ ଅଭିବୃଦ୍ଧିରେ ସୁଧାର ଆଣିଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କଲ୍ୟାଣ କୁମାର, ଏମ୍. ନାଗରାଜୁଙ୍କ ଦୀର୍ଘ ଓ ଗୌରବମୟ ଅଭିଜ୍ଞତା ଉପରେ ଆଲୋକପାତ କରିଥିଲେ। ଡିଏଫ୍‌ଏସ୍ ସଚିବ ଭାବରେ ଏମ୍. ନାଗରାଜୁ ଭାରତର ବ୍ୟାଙ୍କିଙ୍ଗ୍, ବୀମା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। କଲ୍ୟାଣ କୁମାର କହିଥିଲେ, ବ୍ୟାଙ୍କର ସାରା ଭାରତରେ ୨୧,୪୯୨ଟି ଟଚ୍ ପଏଣ୍ଟ ରହିଛି ଯାହା ମଧ୍ୟରେ ୪,୫୫୬ଟି ଶାଖା ଅନ୍ତର୍ଭୁକ୍ତ । ଏହାର ୬୫.୧୪% ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳ ଏରିଆରେ ଅବସ୍ଥିତ। ଚଳିତ ମାସ ୩୦ ତାରିଖ ସୁଦ୍ଧା ବ୍ୟାଙ୍କର ମୋଟ୍ ବ୍ୟବସାୟ ୭,୩୭,୯୩୮ କୋଟି ଟଙ୍କା ଥିବାବେଳେ କାସା ଜମା ମୋଟ୍ ଜମାର ୪୬.୮୩ ପ୍ରତିଶତ । ପ୍ରତିଷ୍ଠା ଦିବସ ଅବସରରେ 'ଫିଟ୍ ରୁହନ୍ତୁ-ସୁସ୍ଥ ରୁହନ୍ତୁ, ଗଛ ଲଗାନ୍ତୁ-ପୃଥିବୀକୁ ବଞ୍ଚାନ୍ତୁ, ସ୍ୱଚ୍ଛ ଭାରତ, ସେବା ହିଁ ସଂକଳ୍ପ ଏବଂ ସେଣ୍ଟ ଇଣ୍ଟେଲିକା ଆଦି କାର୍ଯ୍ୟକ୍ରମ ରହିଛି।ଏହି ପଦକ୍ଷେପ ଅନ୍ତର୍ଗତ ସାରା ଦେଶରେ ୨୫ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଗ୍ରାହକ ଅଭିଯୋଗ ସମାଧାନ ସମ୍ପର୍କିତ ଏକ ହ୍ୟାଣ୍ଡ ବୁକ୍ ଉନ୍ମୋଚନ ହୋଇଥିଲା। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍ .ଭି .ମୁରଲୀ କ୍ରିଷ୍ଣା ଧନ୍ୟବାଦ ଦେଇଥିଲେ।

# କୁଆଖିଆ ମହୋତ୍ସବରେ ଫ୍ରିଡମ ଷ୍ଟଲ୍




ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)

ଯାଜପୁରରେ ଚାଲିଥିବା ୧୨ ଦିନିଆ କୁଆଖିଆ ମହୋତ୍ସବରେ ଭଳି କି ଭଳି ମନଲୋଭା ସମ୍ଭାର ସାଙ୍ଗକୁ ମିନାବଜାର ଯାତ୍ରୀଙ୍କ ବେଶ୍ ମନୋରଞ୍ଜନ କରୁଛି । ସଭାପତି ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ଫ୍ରିଡମ ଅଏଲର ଏକ ଷ୍ଟଲ ଖୋଲାଯାଇଛି। ବିତରକ ଜଗନ୍ନାଥ ଏଣ୍ଟରପ୍ରାଇଜର୍ସର ମୁଖ୍ୟ ଦିଲୀପ ସାମଲଙ୍କ ସଂଯୋଜନାରେ ଏହା ଉଦ୍‌ଘାଟିତ ହୋଇଯାଇଛି। ପ୍ରତ୍ୟେକ ତେଲର କ୍ରୟ ଉପରେ ଆକର୍ଷଣୀୟ ରିହାତି ରହିଥିବା ବେଳେ ୫ଲିଟର ଜାର୍ କିଣିଲେ ଗୋଟିଏ ବାଲ୍‌ଟି ସମ୍ପୂର୍ଣ୍ଣ ଭାବେ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମର ଓଡ଼ିଶା ହେଡ୍ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମ୍ପାଦକ ସନ୍ତୋଷ କୁମାର ରାଉତ, ପ୍ରକାଶ କୁମାର ପାତ୍ର, ଭାଗ୍ୟରଞ୍ଜନ ସେଠୀ, ବସନ୍ତ କୁମାର ଘଡ଼େଇ, ପ୍ରଦୀପ କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।







ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀରେ ଗୁରୁବାର ନୂଆଦିଲ୍ଲୀର ବିଜୟ ଘାଟସ୍ଥିତ ସଦୈବ ଅଟଳ ସ୍ମାରକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।(ଫଟୋ: ଚମନ ଗୌତମ)

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ପିଟି ହତ୍ୟା

**ଢାକା,୨୫।୧୨**

ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସ ହତ୍ୟା ଘଟଣାକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ବୁଧବାର ରାତିରେ ରାଜବାରି ଜିଲାରେ ଆଉଜଣେ ହିନ୍ଦୁଙ୍କୁ ଗ୍ରାମବାସୀ ପିଟିମାରିଦେଇଛନ୍ତି। ବଟିଆଦାୟ ଅଭିଯୋଗରେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୃତକ ଜଣକ ୩୦ ବର୍ଷୀୟ ଅମ୍ରିତ୍ ମଣ୍ଡଳ ଓରଫ ସମ୍ରାଟ। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ହସ୍ପିଟାଲକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସମ୍ରାଟଙ୍କ ଜଣେ ସହଯୋଗୀ ମହମ୍ମଦ ସେଲିମ୍‌ଙ୍କୁ ଅଟକ ରଖିବା ସହ ୨ଟି ବନ୍ଧୁକ ଜବତ କରିଛି। ସମ୍ରାଟଙ୍କ ନାମରେ ହତ୍ୟା ସମେତ ୨ଟି ମାମଲା ରହିଥିଲା। ସେ ସମ୍ରାଟ ବାହିନୀ ନାମରେ ସଂଗଠନ ଗଢ଼ି ସ୍ଥାନୀୟ ଲୋକଙ୍କୁ ଧମକଚମକ ଦେଇ ବଟି ଆଦାୟ କରୁଥିଲେ। ଦୀର୍ଘଦିନ ଭାରତରେ ରହି ସେ ନିକଟରେ ବାଂଲାଦେଶ ଫେରିଥିଲେ।

## ବୁଡ଼ାଜାହାଜରୁ କେ-୪ ମିଶାଇଲର ସଫଳ ପରୀକ୍ଷା



**ନୂଆଦିଲ୍ଲୀ,୨୫।୧୨**

ବଙ୍ଗୋପସାଗରରେ ଭାରତୀୟ ବୁଡ଼ାଜାହାଜ ଆଇଏନ୍‌ଏସ୍ ଅରିଘାତରୁ ଆଣବିକ ଶକ୍ତିସମ୍ପନ୍ନ କେ-୪ କ୍ଷେପଣାସ୍ତ୍ରର ପରୀକ୍ଷା ସଫଳତାର ସହ କରାଯାଇଛି। ଏହି ସବ୍‌ମେରାଇନ ଲଞ୍ଚ୍‌ଡ ବାଲିଷ୍ଟିକ୍ ମିଶାଇଲ (ଏସ୍‌ଏଲ୍ ବିଏମ୍) ୩,୫୦୦ କିଲୋମିଟର ରହିଥିବା କେନ୍ଦ୍ର କହିଛି। ୨୦୨୪ ଅଗଷ୍ଟରେ ଆଇଏନ୍‌ଏସ୍ ଅରିଘାତ ଭାରତୀୟ ସେନାରେ ସାମିଲ ହୋଇଥିଲା। ଏହା ଭାରତର ସଦ୍ୟତମ ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ। ଏଥିରେ କେ-୪ ମିଶାଇଲ୍ ସାମିଲ କରାଯାଇଥିବାରୁ ଏହା ଭାରତର ସାମରିକ ମୁକାବିଲା ସାମର୍ଥ୍ୟ ବଢ଼ାଇବ।

## ସେନ୍‌ଗାରଙ୍କ ଜେଲଦଣ୍ଡ ସ୍ଥଗିତ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ଉନ୍ନାଓ ବଳାତ୍କାର ମାମଲା**

**ନୂଆଦିଲ୍ଲୀ,୨୫।୧୨(ପି.ଟି.)**

୨୦୧୭ ଉନ୍ନାଓ ବଳାତ୍କାର ମାମଲାରେ ବହିଷ୍କୃତ ଭାଜପା ନେତା କୁଲଦୀପ୍ ସିଂ ସେନ୍‌ଗାରଙ୍କ ଜେଲଦଣ୍ଡକୁ ଦିଲ୍ଲୀ ହାଇକୋର୍ଟ ସ୍ଥଗିତ ରଖିଥିବାବେଳେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଲଗାଇବା ପାଇଁ ଆବେଦନକାରୀ ଅଞ୍ଜଲେ ପଟେଲ୍ ଏବଂ ପୂଜା ଶିଳ୍ପକର ପିଟିଶନରେ ନିବେଦନ କରିଛନ୍ତି। ବଳାତ୍କାର ମାମଲାରେ ତଳକୋର୍ଟ ସେନ୍‌ଗାରଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ତଳକୋର୍ଟଙ୍କ ରାୟକୁ ଅନୁଧ୍ୟାନ ନ କରି ହାଇକୋର୍ଟ ରାୟ ଦେଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ସେନ୍‌ଗାରଙ୍କ ବିରୋଧରେ ପୂର୍ବରୁ ଗମ୍ଭୀର ଆପରାଧିକ ମାମଲା ଥିବା ଏବଂ ସେ ବଳାତ୍କାରରେ ସାମିଲ ଥିବା ପ୍ରମାଣିତ ହୋଇଥଲା। ଗତ ୨୩ରେ ହାଇକୋର୍ଟ ଦୋଷୀସାବ୍ୟସ୍ତ ସେନ୍‌ଗାରଙ୍କ ଜେଲ ଦଣ୍ଡାଦେଶକୁ ସ୍ଥଗିତ ରଖିଥିଲେ। ଅପରାଧୀ ୭ ବର୍ଷ ୫ ମାସ ଜେଲରେ କଟାଇସାରିଲେଣି ବୋଲି ହାଇକୋର୍ଟ କହିଥିଲେ।

# ଆରାବଳୀ: ନୂଆ ଖନନ ସମ୍ପୂର୍ଣ୍ଣ ବନ୍ଦ

**ନୂଆଦିଲ୍ଲୀ,୨୫।୧୨**

ଆରାବଳୀ ପର୍ବତମାଳାରେ ନୂଆ ଖନନ ସକାଶେ ଲିଜ୍ ପ୍ରଦାନ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରିବା ପାଇଁ କେନ୍ଦ୍ର ସରକାର ବୁଧବାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଆରାବଳୀ ଗିରିଶୃଙ୍ଗର ସୁରକ୍ଷା ପାଇଁ ଏକ ବିସ୍ତୃତ ମ୍ୟାନେଜ୍‌ମେଣ୍ଟ ଯୋଜନା ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ନୂଆ ମାଇନିଂ ଲିଜ୍‌ଗୁଡ଼ିକ ଉପରେ ସୁପ୍ରିମକୋର୍ଟଙ୍କ ଏକ ସଦ୍ୟ କଟକଣା ପରେ କେନ୍ଦ୍ର ଏହି ନିଷ୍ପତ୍ତି ନେଇଛି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ଦିଲ୍ଲୀ ଗୁଜରାଟ ପର୍ଯ୍ୟନ୍ତ ବିସ୍ତୃତ ସମଗ୍ର ଆରାବଳୀ ଗିରିଶୃଙ୍ଗକୁ ବେଆଇନ ଖନନରୁ ସୁରକ୍ଷା ଦେବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ରାଜ୍ୟଗୁଡ଼ିକ କୌଣସି ନୂଆ ଖନନ ଲିଜ୍ ପ୍ରଦାନ କରିପାରିବେ ନାହିଁ। ଗୁଜରାଟରୁ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଯାଏ ଚାଲିଥିବା



ସମସ୍ତ ଅନିୟନ୍ତ୍ରିତ ଖନନ କାର୍ଯ୍ୟକଳାପ ବନ୍ଦ କରିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସମଗ୍ର ଆରାବଳୀର ଆଉ କେଉଁ ଅଞ୍ଚଳଗୁଡ଼ିକରେ ଖନନ ବନ୍ଦ କରାଯିବା ଉଚିତ, ତାହା ମଧ୍ୟ ଚିହ୍ନଟ କରିବାକୁ ଭାରତର ଜଙ୍ଗଲ ଗବେଷଣା ଓ ଶିକ୍ଷା ପରିଷଦ (ଆଇସିଏଫ୍‌ଆର୍‌ଇ)କୁ ନିର୍ଦ୍ଦେଶ ଦିଆଯାଇଛି। ଆଇସିଏଫ୍‌ଆର୍‌ଇ ଏକ ବିଜ୍ଞାନଭିତ୍ତିକ ବିସ୍ତୃତ ମ୍ୟାନେଜ୍‌ମେଣ୍ଟ ପ୍ଲାନ୍ ଫର୍ ସଷ୍ଟେନେବଲ ମାଇନିଂ (ଏମ୍‌ପିଏସ୍‌ଏମ୍) ପ୍ରସ୍ତୁତ କରିବ, ଯାହାକୁ ବିଭିନ୍ନ ପକ୍ଷଙ୍କ ବିଚାରବିମର୍ଶ ଓ ମତାମତ ପାଇଁ ସାର୍ବଜନୀନ କରାଯିବ। ବର୍ତ୍ତମାନ ଚାଲିଥିବା ଖନନ କାର୍ଯ୍ୟକୁ କଡ଼ାକଡ଼ି ପାଳନ କରାଯିବ। ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ କଟକଣା ଲାଗୁ କରାଯିବ। ଏହି କଟକଣା ଆରାବଳୀର ସମସ୍ତ ଅଞ୍ଚଳରେ ସମାନ ଭାବେ ଲାଗୁ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟ ପର୍ଯ୍ୟନ୍ତ ପରିବ୍ୟାପ୍ତ ଆରାବଳୀ ହେଉଛି ବିଶ୍ୱର ଅନ୍ୟତମ ପ୍ରାଚୀନ ପର୍ବତମାଳା, ଯାହାକି ସମ୍ପୃକ୍ତ ଅଞ୍ଚଳରେ ପ୍ରଦୂଷଣ ରୋକିବା ସହ ଭୂତଳ ଜଳ ସଂରକ୍ଷଣ ଦିଗରେ ବିଶେଷ ସହାୟକ ହୋଇଥାଏ। ୨୦୨୫ ନଭେମ୍ବରରେ ସୁପ୍ରିମକୋର୍ଟ ପରିବେଶ ମନ୍ତ୍ରଣାଳୟ ନେତୃତ୍ୱାଧୀନ ଏକ କମିଟିର ସୁପାରିସକୁ ଗ୍ରହଣ କରିଥିଲେ, ଯହିଁରେ ଆରାବଳୀର ଏକକ ଆଇନଗତ ସଂଜ୍ଞା ପରିଭାଷିତ ହୋଇଥିଲା। ତହିଁରେ ଆରାବଳୀ ହିଲ୍‌କୁ ୧୦୦ ମିଟର ଉଚ୍ଚତା ଉପରେ ଅବସ୍ଥିତ ପର୍ବଳ ଘେରା ଏକ ଅଞ୍ଚଳ ବୋଲି ଦର୍ଶାଯାଇଥିଲା। ଅନ୍ୟପକ୍ଷେ ଏହାଦ୍ୱାରା ବେଆଇନ ଖନନ ବଢ଼ିବା ସହ ପରିବେଶ ଧ୍ୱଂସହେବ ବୋଲି ବିରୋଧୀ କଂଗ୍ରେସ ସମାଲୋଚନା କରିଥିଲା।

### ଲୋକଙ୍କୁ ବିଭ୍ରାନ୍ତ କରୁଛି କେନ୍ଦ୍ର: କଂଗ୍ରେସ

ଆରାବଳୀ ପ୍ରସଙ୍ଗରେ କେନ୍ଦ୍ର ସରକାର ଡ୍ୟାମେଜ୍ କଣ୍ଟ୍ରୋଲ ପାଇଁ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କଟକଣା ଜାରି ପରେ କଂଗ୍ରେସ ସମାଲୋଚନା କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ Xରେ ଉଲ୍ଲେଖ କରିଛନ୍ତି, ଡ୍ୟାମେଜ୍ କଣ୍ଟ୍ରୋଲ ପାଇଁ ଏଭଳି ନିର୍ବୋଧ ଉଦ୍ୟମ କାହାକୁ ବୋକା ବନାଇପାରିବ ନାହିଁ। ଆରାବଳୀକୁ ସୁରକ୍ଷା ଦିଆଯାଉନାହିଁ, ବରଂ ବିକ୍ରି କରାଯାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି।

## ଭାରତରେ ମ୍ୟାଲେରିଆ ମାମଲା କମିଛି: ଆଇସିଏମ୍‌ଆର୍ ରିପୋର୍ଟ

**ନୂଆଦିଲ୍ଲୀ,୨୫।୧୨**

ଭାରତରେ ମ୍ୟାଲେରିଆ ମାମଲା ୨୦୧୫ରେ ୧୧.୭ ଲକ୍ଷ ଥିବାବେଳେ ୨୦୨୪ରେ ତାହା ୨,୨୭,୦୦୦କୁ ହ୍ରାସ ପାଇଛି, ଅର୍ଥାତ୍ ୮୦ରୁ ୮୫ ପ୍ରତିଶତ କମିଥିବା ଆଇସିଏମ୍‌ଆର୍ (ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ)ର ସଦ୍ୟତମ ରିପୋର୍ଟରେ କୁହାଯାଇଛି। ମ୍ୟାଲେରିଆଜନିତ ମୃତ୍ୟୁସଂଖ୍ୟା ଏହି ସମୟ ମଧ୍ୟରେ ୩୮୪ରୁ ୮୩କୁ ଖସିଛି ବା ୭୮ ପ୍ରତିଶତ ହ୍ରାସ ଘଟିଛି। ମ୍ୟାଲେରିଆ ସମସ୍ୟା କମାଇବାରେ ଭାରତ ଉଲ୍ଲେଖନୀୟ ଏବଂ ଲଗାତାର ପ୍ରଗତି କରିଥିବା ମ୍ୟାଲେରିଆ ବିନାଶ ଦିଗରେ ଭାରତର ଅଗ୍ରଗତି-ଟେକ୍ନିକାଲ ରିପୋର୍ଟ ୨୦୨୫ରେ କୁହାଯାଇଛି। ସମ୍ପ୍ରତି ୯୨ ପ୍ରତିଶତ ଜିଲାରେ ବାର୍ଷିକ ମ୍ୟାଲେରିଆ ସଂକ୍ରମଣ ୧ରୁ କମ୍ ରହିଛି। ଅର୍ଥାତ୍ ଭାରତ ମ୍ୟାଲେରିଆ ବିନାଶର ପ୍ରାରମ୍ଭିକ ପର୍ଯ୍ୟାୟରେ ପହଞ୍ଚି ଆଗାମୀ ଦିନରେ ଆହୁରି ଉନ୍ନତ ସ୍ଥାନରେ ରହିବାକୁ ଯାଉଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି।

# ଦେଶର ବିକାଶ ଅଟଳଜୀଙ୍କ ଶ୍ରେୟ: ଯୋଗୀ

**ଲକ୍ଷ୍ମୌ,୨୫।୧୨**

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀରେ ଗୁରୁବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲୋକ ଭବନଠାରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ମହାମାନା ପଣ୍ଡିତ ମଦନ ମୋହନ ମାଲବ୍ୟ ଏବଂ ରାଜା ବିଜଲି ପାସିଙ୍କୁ ସେମାନଙ୍କ ଜନ୍ମଦିନରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଉକ୍ତ ସମ୍ପ୍ରଦାୟଙ୍କୁ କ୍ରିସ୍‌ମାସ ଅଭିନନ୍ଦନ ଜଣାଇଛନ୍ତି। ଅଟଳଜୀଙ୍କ ଜନ୍ମବାର୍ଷିକୀ ରାଷ୍ଟ୍ର ପାଇଁ ଏକ ଶୁଭ ଅବସର। ଲକ୍ଷ୍ମୌରୁ ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳଜୀ ଦେଶକୁ ବିକାଶର ନୂଆ ଦୃଷ୍ଟିକୋଣ ଦେଇଥିଲେ ଏବଂ ଭାରତକୁ ପ୍ରଗତି ପଥରେ ସ୍ଥାପନ କରିଥିଲେ। ଚଳିତ ବର୍ଷ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହେଉଥିବାରୁ ଏହା ସ୍ୱତନ୍ତ୍ର ଭାବେ ଉଲ୍ଲେଖନୀୟ। ଏହାକୁ ମନେରଖିବା ପାଇଁ ସାରା ଦେଶର ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକରେ ଅଟଳଜୀଙ୍କ କବିତା, ଲେଖା ଉପରେ ଆଲୋଚନା ଏବଂ ସାମ୍ବାଦିକତା, ସଂସଦ ଏବଂ ଅନ୍ତର୍ଜାତୀୟ ଫୋରମ୍‌ରେ ସେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ବକ୍ତୃତାଗୁଡ଼ିକ ଉପରେ ବିଚାରବିମର୍ଶ କରାଯାଉଛି।

ଅଟଳଜୀ ସର୍ବାଧିକ ସମୟ ଉତ୍ତରପ୍ରଦେଶରୁ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ରାଷ୍ଟ୍ର ନାୟକତ୍ୱ ଏବଂ ସଫଳତା ଦେଶର ଅନେକ ପିଢ଼ିଙ୍କୁ ଅନୁପ୍ରାଣିତ କରୁଥିବ ବୋଲି ଯୋଗୀ କହିଛନ୍ତି। ଅଟଳଜୀଙ୍କ ଲିଗାସିର ସଂରକ୍ଷଣ ଏବଂ ତାଙ୍କ ବିଚାରଧାରାକୁ ବଳବତ୍ତର ରଖିବା ଲାଗି ଡବଲ ଇଞ୍ଜିନ୍ ସରକାର ଲକ୍ଷ୍ମୌରେ ରାଷ୍ଟ୍ର ପ୍ରେରଣା ସ୍ଥଳ ନିର୍ମାଣ କରିଛନ୍ତି। ସେଠାରେ ୩ ଜଣ ମହାନ ରାଷ୍ଟ୍ରୀୟ ନେତାଙ୍କ ପ୍ରତିମୂର୍ତ୍ତି ସାଙ୍ଗକୁ ଡିଜିଟାଲ ମ୍ୟୁଜିୟମ୍ ରହିଛି। ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତି ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ଦେଉଥିବାବେଳେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ଦର୍ଶନ ଏବଂ ଅଟଳ ବିହାରୀ ବାଜପେୟୀଙ୍କ ବିଚାରଧାରା ଏକତ୍ର ସୌହାର୍ଦ୍ଦ୍ୟ ଏବଂ ସମଗ୍ରତା ସହ 'ଏକ ଭାରତ-ଶ୍ରେଷ୍ଠ ଭାରତ' ଦୂରଦୃଷ୍ଟିକୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ର ପ୍ରେରଣା ସ୍ଥଳର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ, କୃଷିମନ୍ତ୍ରୀ ସୂର୍ଯ୍ୟପ୍ରତାପ ଶାହି, ଜଳଶକ୍ତି ମନ୍ତ୍ରୀ ସ୍ୱତନ୍ତ୍ର ଦେବ ସିଂ, ମେୟର ସୁଷମା ଖରକ୍ୱାଲ ଏବଂ ଏମ୍‌ଏଲ୍‌ସି ଗୋବିନ୍ଦ ନାରାୟଣ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ।

### ଜନ୍ମବାର୍ଷିକୀରେ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ୟୁପି ମୁଖ୍ୟମନ୍ତ୍ରୀ



## ସାନ୍ତାଳୀ ଭାଷାରେ ସମ୍ବିଧାନକୁ ଉନ୍ମୋଚନକଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୨୫।୧୨(ପି.ଟି.)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ସାନ୍ତାଳୀ ଭାଷାରେ ଭାରତର ସମ୍ବିଧାନକୁ ଉନ୍ମୋଚନ କରିଛନ୍ତି। ଆଇନରେ ସଂଶୋଧନ ଅଣାଯାଇ ସାନ୍ତାଳୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯାଇଥିଲା। ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ବିହାରର ଆଦିବାସୀ ଲୋକମାନେ ସାନ୍ତାଳୀ ଭାଷାକୁ ବହୁଳ ବ୍ୟବହାର କରିଥାନ୍ତି। ସାନ୍ତାଳୀ ଭାଷା ଏବଂ ଅଲ୍‌ଚିକି ଲିପିରେ ସମ୍ବିଧାନ ଲେଖାଯାଇଥିବାରୁ ଏହା ସାନ୍ତାଳୀ ଲୋକମାନଙ୍କ ପାଇଁ ଗର୍ବ ଓ ଆନନ୍ଦର ଦିନ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି କାର୍ଯ୍ୟ ପାଇଁ ରାଷ୍ଟ୍ରପତି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜ୍ଜୁନ ରାମ ମେଘୱାଲ ଓ ତାଙ୍କ ଟିମ୍‌କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଉନ୍ମୋଚନ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ମେଘୱାଲ ପ୍ରମୁଖ ଉପସ୍ଥିତ ଥିଲେ।




## ଫିଟିବ ପୂଜାଙ୍କ ଭାଗ୍ୟ

ଅଭିନେତ୍ରୀ ପୂଜା ହେଗ୍‌ଡେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ମଧ୍ୟ ବହୁତ ପ୍ରସିଦ୍ଧ। ୨୦୧୬ରେ ସେ ଫିଲ୍ମ ମହେଞ୍ଜୋଦାରୋ ସହିତ ଡେବ୍ୟୁ କରିଥିଲେ। ଏହା ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିଲା। ତାଙ୍କର ବଲିଉଡ ଅପେକ୍ଷା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତରେ ଅଧିକ ପ୍ରଭାବ ଥିବା ପରି ମନେହୁଏ। ୨୦୨୫ରେ, ସେ 'ଦେବା'ରେ ଶାହିଦ କପୁରଙ୍କ ବିପକ୍ଷରେ ନଜର ଆସିଥିଲେ। ରଜନୀକାନ୍ତଙ୍କ ଅଭିନୀତ 'କୁଲି' ଫିଲ୍ମରେ ଏକ ଡ୍ୟାନ୍ସ ନମ୍ବରରେ ମଧ୍ୟ ନଜର ଆସିଥିଲେ ସେ। ଯଦିଓ ୨୦୨୫ ତାଙ୍କ କ୍ୟାରିଅର ପାଇଁ ବିଶେଷ କିଛି ନ ଥିଲା, ମାତ୍ର ଏହି ଅଭିନେତ୍ରୀ ଏବେ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି। ଥଲପତି ବିଜୟଙ୍କ ସହ ପୂଜା ଏକ ଚଳଚ୍ଚିତ୍ରରେ ପ୍ରମୁଖ ଭୂମିକାରେ ଦେଖାଦେବେ। ଏହି ଚଳଚ୍ଚିତ୍ରଟି ସମଗ୍ର ଭାରତରେ ମୁକ୍ତିଲାଭ କରିବ ଏବଂ ନିର୍ମାତାମାନେ ଏହାକୁ ହିନ୍ଦୀରେ 'ଜନ ନେତା' ନାମରେ ନାମିତ କରିଛନ୍ତି। ପୂଜାଙ୍କ ବ୍ୟତୀତ ଏହି ଫିଲ୍ମରେ ବବି ଦେଓଲ ମଧ୍ୟ ନଜର ଆସିବେ, ଯିଏ ଖଳନାୟକ ଭୂମିକାରେ ଅଭିନୟ କରିବେ। ଫିଲ୍ମରେ ମମିତା ବୈଜୁ, ପ୍ରକାଶ ରାଜ, ନାରାୟଣ ଏବଂ ପ୍ରିୟମଣିଙ୍କ ଭଳି କଳାକାରମାନେ ମଧ୍ୟ ସାମିଲ ଅଛନ୍ତି। 'ଜନ ନାୟାଗନ' ଜାନୁଆରୀ ୯ ତାରିଖରେ ମୁକ୍ତିଲାଭ କରିବ।

# ନୂଆବର୍ଷରେ ନୂଆ ଦଳ ସହିତ ରାଜନୀତିରେ ପ୍ରବେଶ କରିପାରନ୍ତି ଭାସ୍କର

■ ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଉଭୟ କଂଗ୍ରେସ, ଭାଜପା ପକ୍ଷରୁ ମିଳିଥିଲା ନିମନ୍ତ୍ରଣ

■ ଦୁଇ ଦଳ ପାଇଁ ଭାସ୍କର ଏକ ଆସେଟ୍ ନେଇ ଚର୍ଚ୍ଚା

ରାୟଗଡ଼ା,୨୫।୧୨
(ଆଶିଷ ରଞ୍ଜନ ପଣ୍ଡା)

ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତିକୁ ନେଇ ବିବାଦ ଏବଂ ପରବର୍ତ୍ତୀ ସମୟରେ ଉନ୍ମୋଚନ ହେବା ପରେ ଏବେ ରାୟଗଡ଼ା ରାଜନୀତିରେ ଭିନ୍ନ ସମୀକରଣ ଦେଖିବାକୁ ମିଳିଛି। ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଉଭୟ କଂଗ୍ରେସ ଓ ଭାଜପା ସହମତି ପ୍ରକାଶକରି ଓଏମ୍‌ପି ନିକଟସ୍ଥ ମୁକ୍ତା ପାର୍କରେ ସ୍ୱର୍ଗତ ଉଲାକାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ବୁଧବାର ଉନ୍ମୋଚନ କାର୍ଯ୍ୟକ୍ରମରେ ଏମ୍‌ପି ସପ୍ତଗିରି ଶଙ୍କର ଉଲାକାଙ୍କ ନେତୃତ୍ୱରେ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ସମେତ ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଓ ବରିଷ୍ଠ ନେତା ଯୋଗଦେଇଥିଲେ। ସେହିଭଳି ଭାଜପା ପକ୍ଷରୁ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇଥିଲେ। ମନ୍ତ୍ରୀ ଜେନାଙ୍କ ଆସିବା ବିଳମ୍ବ ହେବାରୁ କଂଗ୍ରେସ ପକ୍ଷରୁ ପ୍ରତିମୂର୍ତ୍ତି ଉନ୍ମୋଚନ କରିଦିଆଯାଇଥିଲା। ପରେ ମନ୍ତ୍ରୀ ଜେନା ଭାଜପା ନେତାଙ୍କ ସହ ଆସି ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ କଂଗ୍ରେସକୁ କଟାକ୍ଷକରି ସ୍ୱର୍ଗତ ଉଲାକା ସମସ୍ତଙ୍କର ପ୍ରିୟ ନେତା, କେବଳ କଂଗ୍ରେସର ନୁହନ୍ତି ବୋଲି କହିଥିଲେ। ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ଜିଲାରେ ଚର୍ଚ୍ଚା ଚାଲିଛି, ଏହି ବିବାଦରେ ସପ୍ତଗିରି ଜିତିଲେ ନା ଶିବଶଙ୍କର ବାଜି ମାରିଲେ, ନା ଦୁଇ ଦଳର ବିବାଦରେ ତୃତୀୟ ରାଜନୈତିକ କ୍ଷମତାକେନ୍ଦ୍ର ଭାବେ ଅନ୍ୟ କେହି ଏହାର ଲାଭ ଉଠାଇବେ। ତେବେ ଏହି ଉନ୍ମୋଚନ କାର୍ଯ୍ୟରେ ଦୁଇ ପକ୍ଷରୁ ନିମନ୍ତ୍ରିତ ହୋଇଥିଲେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ। ଏହାକୁ ନେଇ ଚର୍ଚ୍ଚା ଆହୁରି ଜୋର ଧରିଛି। ଦୁଇ ଦଳର ନେତାଙ୍କ ଚିନ୍ତାଧାରା ପ୍ରକାରେ ଭାସ୍କର ରାଓ ଏକ ଆସେଟ୍ ହୋଇପାରନ୍ତି। ତେଣୁ ତାଙ୍କୁ ଉଭୟ ଦଳ ନିମନ୍ତ୍ରଣ କରିଥିଲେ ବୋଲି ରାଜନୈତିକ ସମୀକ୍ଷକ ମତ ପ୍ରକାଶ କରିଛନ୍ତି। ବର୍ତ୍ତମାନ ରାଜନୀତିରୁ ଦୂରେଇ ରହୁଥିବା ଭାସ୍କର କଂଗ୍ରେସ ନା ଭାଜପାକୁ ଢଳିବେ ତାହାକୁ ନେଇ ଚର୍ଚ୍ଚା ବଢ଼ିଛି। ଏହା ଭିତରେ ଭାସ୍କର ରାଓଙ୍କ ସମର୍ଥକଙ୍କ ମଧ୍ୟରେ ଆଲୋଚନା ଚାଲିଛି, ନୂଆବର୍ଷରେ ଖୁବ୍‌ଶୀଘ୍ର ଭାସ୍କର ଓ ଅନ୍ୟ ଅସନ୍ତୁଷ୍ଟ ବିଜେଡି ନେତା ଏକାଠି ହୋଇ ଆଉ ଏକ ଆଞ୍ଚଳିକ ଦଳ ଗଠନ କରିବେ।

ତେବେ ଭାସ୍କର ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇ ଉଭୟ ଭାଜପା ଓ କଂଗ୍ରେସକୁ ସନ୍ତୁଷ୍ଟ କରିଥିବା ଚର୍ଚ୍ଚା ହେଉଛି। ସେ ପ୍ରଥମେ କଂଗ୍ରେସ ସହ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ମନ୍ତ୍ରୀ ଜେନାଙ୍କୁ ଅପେକ୍ଷା କରିଥିଲେ। ମନ୍ତ୍ରୀ ଜେନାଙ୍କ ସହ ମଧ୍ୟ ସ୍ୱର୍ଗତ ଉଲାକାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଭାସ୍କର ରାଓ ଭାଜପାରେ ଯୋଗଦେବା ନେଇ ମନ୍ତ୍ରୀ ଜେନାଙ୍କୁ ପଚାରିବାରୁ ଭାଜପା ଏକ ଶୃଙ୍ଖଳିତ ଏବଂ ଲୋକଙ୍କ ଦଳ। ଲୋକଙ୍କ ସେବା କରିବା ପାଇଁ ରାଜନୈତିକ ଦଳ ଏକ ପ୍ଲାଟ୍‌ଫର୍ମ। ଭାଜପା ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ଅଛି ବୋଲି କହିଥିଲେ।

ତେବେ ଭାସ୍କର ଭାଜପାରେ ଯୋଗଦେବେ ନା କଂଗ୍ରେସକୁ ଯିବେ, ନା ନୂତନ ବର୍ଷରେ ନୂତନ ଅଧ୍ୟାୟ ଆରମ୍ଭ କରିବେ। ଜିଲାରେ ଭାଜପା ଓ କଂଗ୍ରେସ ମଧ୍ୟରେ ରହିଥିବା ବିବାଦର ଲାଭ ଉଠାଇବାକୁ ଯାଇ ରାଜ୍ୟରେ ଅସନ୍ତୋଷ ଏବଂ ବିଜେଡି ଛାଡ଼ିଥିବା ବରିଷ୍ଠ ନେତାଙ୍କ ସହ ମିଶି ନୂତନ ଦଳ ଗଠନ କରିବେ ତାହାକୁ ନେଇ ଚର୍ଚ୍ଚା ହେଉଛି। ଯଦି ଭାସ୍କର ଭାଜପାରେ ଯୋଗଦେବେ ତେବେ ପୂର୍ବରୁ ବିଜେଡି ଛାଡ଼ି ଜିଲା ଓ ରାଜ୍ୟ ନେତୃବୃନ୍ଦଙ୍କ ନିକଟରେ ପରିଚୟ ସୃଷ୍ଟି କରିଥିବା ଯାଲା ଭେଙ୍କଟେଶ୍ୱର ରାଓ ଓରଫ୍ କୋଣ୍ଡାବାବୁ ସମର୍ଥନ କରିବେ ନା ନାହିଁ ଏବଂ ଗତ ଦିନରେ ଜିଲାରେ ବିରୋଧ କରୁଥିବା ଭାଜପା ନେତା ଭାସ୍କରଙ୍କୁ ଗ୍ରହଣ କରିବେ ନା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏ ନେଇ ଭାସ୍କର ରାଓଙ୍କୁ ପଚାରିବାରୁ ବର୍ତ୍ତମାନ ସେ ରାଜନୀତିରୁ ଦୂରେଇ ଅଛନ୍ତି ଏବଂ କୌଣସି ନିଷ୍ପତ୍ତି ନେଇନାହାନ୍ତି। ତେବେ ଏହି ରାଜନୈତିକ ସମୀକରଣ ଓ ଚର୍ଚ୍ଚା କେଉଁ ଆଡ଼କୁ ଯାଉଛି ତାହା ଦେଖିବା ବାକି ରହିଲା।

# ଭୁବନେଶ୍ୱର ଗଲେ ଗୁଣପୁର ଖେଳାଳି



ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିବା ଖେଳାଳିମାନେ।

**୨୭ରୁ ୧୫ତମ ସର୍ବ ଭାରତୀୟ କରାଟେ ଚାମ୍ପିୟନଶିପ୍**

ଗୁଣପୁର,୨୫।୧୨(ପ୍ରଦୀପ କୁମାର ପାଢ଼ୀ)

୨୭ ରୁ ୩୦ ଡିସେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱରରେ ୧୫ ତମ ସର୍ବ ଭାରତୀୟ ଶୁକ କାଇ କରାଟେ ଚାମ୍ପିଅନସିପ ଅନୁଷ୍ଠିତ ହେବ। ଏଥିପାଇଁ ଗୁଣପୁରରୁ ଖେଳାଳିମାନେ ଭୁବନେଶ୍ୱର ଗସ୍ତ କରିଛନ୍ତି। ଗୁଣପୁର ଶାଖା ପକ୍ଷରୁ ମାଷ୍ଟର ଲବ ବାଉରୀ, ନିର୍ଦ୍ଦେଶକ ଦେବେନ୍ଦ୍ର ଦୋରା ଓ କୋଚ ଭାବେ ନିରାକାର ଶ୍ରୀକାନ୍ତ ଓ ରାଜେଶ୍ ପୃଷ୍ଟିଙ୍କ ସହ ଜିଲାରୁ ମନୋନୀତ ଖେଳାଳି ମାନସ ରଞ୍ଜନ ସାହୁ, ଜି.ଶିଲ୍ପୀ, ଭି.ଅକ୍ସରା, ହର୍ଷିତା ଚୌଧୁରୀ , ଜି. ହାର୍ଷିତା, ଆରୁଷ ମିଶ୍ର, ଆଦିତ୍ୟ ପାଢ଼ି ଓ ରୁଦ୍ରଣ ଦଳେଇ ପ୍ରମୁଖ ଭୁବନେଶ୍ୱର ଯାଇଛନ୍ତି। ସହରବାସୀ ସେମାନଙ୍କ ସଫଳତା ପାଇଁ ଶୁଭକାମନା ଜଣାଇଛନ୍ତି।

# ସରିଲା ଅତିଥି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା

**ମଙ୍ଗଳ ବିଭାଗରେ ୧୭୨ ଶିକ୍ଷକ ହେବେ ନିଯୁକ୍ତ**

ରାୟଗଡା,୨୫।୧୨(ଆଶିଷ ରଞ୍ଜନ ପଣ୍ଡା)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଅଧୀନ ବିଦ୍ୟାଳୟ ପାଇଁ ଅତିଥି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଛି। ଜାନୁଆରୀ ପ୍ରଥମ ସପ୍ତାହରେ ମଙ୍ଗଳ ବିଭାଗରେ ୧୭୨ ଅତିଥି ଶିକ୍ଷକ ନିଯୁକ୍ତ ହେବେ। ଏଥିପାଇଁ ରାୟଗଡ଼ା ମଙ୍ଗଳ ବିଭାଗ ପକ୍ଷରୁ ଚୟନ ହୋଇଥିବା ଶିକ୍ଷକ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ପଠାଯିବା ସହ ଜାନୁଆରୀ ୧ରୁ ୫ ମଧ୍ୟରେ ବିଦ୍ୟାଳୟରେ ଜଏନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୀର୍ଘ ବର୍ଷ ଧରି ମଙ୍ଗଳ ବିଭାଗ ଆବାସିକ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଶିକ୍ଷକ ପଦବୀ ଖାଲି ପଡ଼ିଥିଲା। ବିଦ୍ୟାଳୟ ପରିଚାଳନା ଓ ଅଧ୍ୟୟନରେ ବିଭ୍ରାଟ ଦେଖାଦେଉଥିଲା। ଏହି କ୍ରମରେ ୧୫୪ ମାଟ୍ରିକ ସିଟି, ୨ ଟିଜିଟି, ୩ ପିସିଏମ ବିଜ୍ଞାନ ଶିକ୍ଷକ, ୪ ସିବିଜେଡ ବିଜ୍ଞାନ ଶିକ୍ଷକ, ୮ ହିନ୍ଦୀ, ୯ ସଂସ୍କୃତ, ଗୋଟିଏ ଲେଖାଏ ଇଂଲିଶ, ଉଦ୍ଭିଦ ବିଜ୍ଞାନ, ଗଣିତ ଅଧ୍ୟାପକ, ୨ଟି ଲେଖାଏ ଓଡ଼ିଆ ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ପଦବୀଗୁଡିକୁ ପୂରଣ ପାଇଁ ଆବେଦନ ଆହ୍ୱାନ କରାଯାଇଥିଲା। ଏଥିପାଇଁ ପ୍ରାପ୍ତ ଆବେଦନକୁ ଯାଞ୍ଚ ପରେ ୩୨୧ ପ୍ରାର୍ଥୀଙ୍କୁ ସାକ୍ଷାତକାର ପାଇଁ ଆମନ୍ତ୍ରଣ ହୋଇଥିଲା। ଇଂଲିଶ ଅଧ୍ୟାପକ ବ୍ୟତୀତ ଅବଶିଷ୍ଟ ସମସ୍ତ ପଦବୀ ପାଇଁ ପ୍ରାର୍ଥୀ ଚୟନ ହୋଇଥିଲା। ୨ ଜଣ ଲେଖାଏ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ଯୋଗ୍ୟ ବିବେଚିତ ହୋଇଥିଲେ। ବିଭାଗକୁ ନୂତନ ଭାବେ ୧୭୨ ଅତିଥି ଶିକ୍ଷକ ମିଳିବା ସମ୍ଭବପର ହୋଇପାରିଲା ବୋଲି ମଙ୍ଗଳ ଅଧିକାରୀ ଅସୀମା ରାଓ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ ଅନୁମୋଦନ ପରେ ନିଯୁକ୍ତିପତ୍ର ପଠାଯାଇଛି। ଅତିଥି ଶିକ୍ଷକମାନେ ନିଯୁକ୍ତି ସ୍ଥଳରେ ଯୋଗଦେବାକୁ ଜିଲା ମଙ୍ଗଳ ଅଧିକାରୀ ରାଓ ନିବେଦନ କରିଛନ୍ତି।

# ଧାନକିଣା ସମସ୍ୟା ନେଇ ଦିଆଯିବ ଦାବିପତ୍ର



ସମ୍ମିଳନୀରେ ଭାଗ ନେଇଥିବା ଚାଷୀମାନେ।

**କଲ୍ୟାଣସିଂହପୁର ଗୁଣ୍ଡିଚା ମନ୍ଦିରରେ ଚାଷୀ ସମ୍ମିଳନୀ**

କଲ୍ୟାଣସିଂହପୁର, ୨୫।୧୨
(ଦୀପକ କୁମାର ପରିଡ଼ା)

ରାୟଗଡା ଜିଲା କଲ୍ୟାଣସିଂହପୁର ସଦର ଗୁଣ୍ଡିଚା ମନ୍ଦିର ପରିସରରେ ବ୍ଲକର ସମସ୍ତ ଚାଷୀଙ୍କୁ ନେଇ ଗୁରୁବାର ଏକ ସମ୍ମିଳନୀ କରାଯାଇଛି। ବରିଷ୍ଠ ଚାଷୀ ଦାଶରଥୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ବ୍ଲକର ୧୪ ପଞ୍ଚାୟତ ଚାଷୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଉପସ୍ଥିତ ଚାଷୀଙ୍କ ମତ ଅନୁଯାୟୀ ଶ୍ରୀନିବାସ ଚୌଧୁରୀ ସଭାପତି, ପ୍ରଶାନ୍ତ କୌଶଲ୍ୟା ସମ୍ପାଦକ, ଉପସଭାପତି ଯୋଗେନ୍ଦ୍ର ୱାଡକା, ଗୋପୀନାଥ ପେରିସିକାଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା ଭାବେ ବରିଷ୍ଠ ଚାଷୀ ଦାସରଥୀ ନାୟକ ଓ ୧୪ ପଞ୍ଚାୟତରୁ ୨ଜଣ ଲେଖାଏ ଚାଷୀ ସଦସ୍ୟଭାବେ ରହିଛନ୍ତି। ଖରିପ ଚାଷ ପାଇଁ ନିୟନ୍ତ୍ରିତ ବଜାର କମିଟି ବୁଢ଼ାଗୁଡ଼ାରେ ୧୭ତାରିଖ ରେ ମଣ୍ଡି ଖୋଲା ଯାଇଛି। ୧୯ତାରିଖରେ କିଛି ଲୋକଙ୍କୁ ଟୋକେନ ଆସିଥିବା ବେଳେ ବହୁଲୋକଙ୍କୁ ଆଜି ପର୍ଯ୍ୟନ୍ତ ଟୋକେନ ଆସିନାହିଁ। ଲ୍ୟାମ୍ପ୍‌ସ ପକ୍ଷରୁ ଏବେସୁଦ୍ଧା ଧାନ କିଣା ଯାଇ ନାହିଁ। ଚାଷୀଙ୍କ ନିଷ୍ପତ୍ତି ଅନୁଯାୟୀ କମିଟି ଦ୍ୱାରା ପ୍ରଶାସନକୁ ଲିଖିତ ଅଭିଯୋଗ ଦେବାକୁ ନିଷ୍ପତ୍ତି ହୋଇଛି। ସମ୍ମିଳନୀରେ ପ୍ରାୟ ୪ଶହ ଚାଷୀ ଉପସ୍ଥିତ ଥିଲେ।

# ସାଇବର ଠକେଇ ମାମଲାରେ ଦିଲ୍ଲୀରୁ ଜଣେ ଗିରଫ

ରାୟଗଡା,୨୫।୧୨
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ କୋତାପେଟା ଗ୍ରାମର ହାଲିବାବୁ ମିସଲାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ସାଇବର ଅପରାଧୀ ଲୁଟି ନେଇଥିବା ଘଟଣାରେ ଚାନ୍ଦିଲି ପୋଲିସ ଦିଲ୍ଲୀରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଦିଲ୍ଲୀ ବାସିନ୍ଦା କରଣ କୁମାର (୩୪)। ପୋଲିସ ତଥ୍ୟନୁଯାୟୀ, କୋତାପେଟା ଗ୍ରାମର ହାଲିବାବୁ ମିସଲାଙ୍କ ମୋବାଇଲକୁ ୨୦ ଅକ୍ଟୋବର ୨୦୨୪ରେ ଏସ୍‌ବିଆଇ ଲିଙ୍କ ଆସିଥିଲା। ସେ ଉକ୍ତ ଲିଙ୍କ୍‌ରେ କ୍ଲିକ୍ କରିବା ପରେ ତାଙ୍କ ଆକାଉଣ୍ଟରୁ ୩ ଟି କିସ୍ତିରେ ୧ ଲକ୍ଷ ୪୩ ହଜାର ଟଙ୍କା କଟିଯାଇଥିଲା। ଏନେଇ ସେ ବ୍ୟାଙ୍କ ସହ ଯୋଗାଯୋଗ କରିବା ଏହା ସାଇବର ଠକେଇ ବୋଲି ଜଣାପଡିଥିଲା। ପରେ ଚାନ୍ଦିଲି ଥାନାରେ ସେ ଅଭିଯୋଗ କରିଥିଲେ। ଏହି ଘଟଣାରେ ତଦନ୍ତ କରି ଚାନ୍ଦିଲି ଆଇଆଇସି ଉତ୍ତମ କୁମାର ସାହୁ ଓ ୨ ଜଣ କନଷ୍ଟେବଲ ସାଉଥ ଦଲ୍ଲୀ ଅଞ୍ଚଳରୁ ଅଭିଯୁକ୍ତ କରଣଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତଙ୍କ ମୋବାଇଲ ନମ୍ବର ଓ ବ୍ୟାଙ୍କ ଟ୍ରାଞ୍ଜାକ୍ସନ ଆଧାର କରି ତାଙ୍କୁ ଧରଯାଇଛି। ଏହି ଘଟଣାରେ ଆଉ ଦୁଇ ଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବାବେଳେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଆଇଆଇସି ସାହୁ କହିଛନ୍ତି।

# ଭାଜପା ପାଳିଲା ବାଜପେୟୀଙ୍କ ଜୟନ୍ତୀ

ଗୁଣପୁର,୨୫।୧୨
(ପ୍ରଦୀପ କୁମାର ପାଢ଼ୀ)



ବାଜପେୟୀଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଭାଜପା ନେତା ଓ ଅନ୍ୟମାନେ ।

ରାୟଗଡ଼ା ଜିଲା ଗୁଣପୁର କଲେଜ ନିକଟ କାଶୀ ବିଶ୍ୱନାଥ ମନ୍ଦିରର ସଭା ଗୃହରେ ଗୁରୁବାର ଭାଜପା ପକ୍ଷରୁ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ ପାଳିତ ହୋଇଛି। ଏହି ସମୟରେ ଦଳୀୟ ନେତା ଏବଂ କର୍ମୀମାନେ ବାଜପେୟୀଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ। ପିଙ୍କି ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିତୁ ଶତପଥୀ, ଜଗଦୀଶ ପଣ୍ଡା ପ୍ରମୁଖ ମାର୍ଗଦର୍ଶନ କରିଥିଲେ। ଉଦୟ ପାଢ଼ୀ, ଟୁକୁରୁ ପାଣିଗ୍ରାହୀ, ଗୋପାଳ ପାଣିଗ୍ରାହୀ, ଲକ୍ଷ୍ମୀ ମହାକୁଡ଼, ସଂଗ୍ରାମ ସାହୁ, ଶାନ୍ତନୁ ପାଣିଗ୍ରାହୀ, ସୁରେଶ ପାଢିଙ୍କ ସମେତ ଅନ୍ୟ କର୍ମୀ ଏବଂ ନେତାମାନେ ଉପସ୍ଥିତ ଥିଲେ।

# ରବି ପାଢ଼ୀଙ୍କ ଜୟନ୍ତୀରେ କୃଷକ ଜଗନ୍ନାଥ ସମ୍ମାନିତ

ଗୁଣପୁର,୨୫।୧୨
( ପ୍ରଦୀପ କୁମାର ପାଢ଼ୀ)

ଅଗ୍ରଣୀ କୃଷକ ନେତା ତଥା ପୂର୍ବତନ ଜିଲା ଭାଜପା ସଭାପତି ରବି ପାଢିଙ୍କ ୮୨ ତମ ଜୟନ୍ତୀ ସମାରୋହରେ ଡମ୍ବସରା ଆଦର୍ଶ କୃଷକ ଜଗନ୍ନାଥ ଶବରଙ୍କୁ ସମ୍ମାନିତ କରାଯାଇଛି। ଉଚ୍ଚ ଶିକ୍ଷିତ ଜଗନ୍ନାଥ ଚାକିରି ଆଡକୁ ଇଛା ପ୍ରକାଶ ନ କରି ନିଜେ ପନିପରିବା ଓ ଫୁଲ ଚାଷ ସହ ସଜନା ଚାଷ କରି ସ୍ୱାବଲମ୍ବୀ ହୋଇଥିବାରୁ ଉପସ୍ଥିତ ଅତିଥି ସାଧୁବାଦ ଜଣାଇଥିଲେ। ରବି ପାଢି ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉମା ଦାସ ସଂଯୋଜନା କରିଥିଲେ। ଅତିଥିଭାବେ ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଶବର, ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ସାମାଜିକ କର୍ମୀ ସଞ୍ଜୟ ସାହୁ, ଗୁଣପୁର ନବ ନିର୍ମାଣ ସମିତି ସଭାପତି ଅକ୍ଷୟ ଦାସ, ପୂର୍ବତନ ଜିଲା ଭାଜପା ସଭାପତି ଶିବ ଉଲାକା, ଶିବ ପଟ୍ଟନାୟକ, କୋରାପୁଟ ଲୋକସଭା ଏମ୍‌ପି ପ୍ରାର୍ଥୀ କାଳିରାମ ମାଝୀ, ଯୁବନେତା ବାପି ପଣ୍ଡା, ବରିଷ୍ଠ ନାଗରିକ କୈଳାସ ଦାସ, ନୀଳମାଧବ ପାଢି, ଓକିଲ ସଂଘ ସଭାପତି ଗୌରୀ ଦାସ, ଆଇନଜୀବୀ ଦେବୀ ଆଚାର୍ଯ୍ୟ, ଗଣେଶ ପଣ୍ଡା, ପ୍ରେସ କ୍ଲବ ସମ୍ପାଦକ ରାଧାକୃଷ୍ଣ ପଟ୍ଟନାୟକ, ମିଲି ପାଢି, ସିଲି ପାଢି, ପତିତପାବନ ପାଢି, ଲକ୍ଷ୍ମୀଚାନ୍ଦ୍ ସାହୁ, ଲାଡି ଗୋପାଲା, ଉମା ମହେଶ୍ୱର ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଚାରି ପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମ କରାଯାଇଛି।



କୃଷକ ଜଗନ୍ନାଥଙ୍କୁ ସମ୍ମାନିତ କରାଯାଉଛି।

# ପାଠପଢ଼ା ସହିତ ଖେଳକୁଦ ଜରୁରୀ

**ଆଇଡିଅଲ ପବ୍ଲିକ ସ୍କୁଲର ୧୪ତମ ବାର୍ଷିକ କ୍ରୀଡା ଉଦ୍‌ଘାଟିତ**

ପଦ୍ମପୁର, ୨୫।୧୨
(ପ୍ରଶାନ୍ତ କୁମାର କର)





ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ପଦ୍ମପୁର ସହର ରାମଚନ୍ଦ୍ରଗୁଡ଼ା ମୁକୁନ୍ଦ ବିହାରସ୍ଥିତ ଆଇଡିଅଲ ପବ୍ଲିକ ସ୍କୁଲରେ ବୁଧବାର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଛି। ପଦ୍ମପୁର ବିଡିଓ କୁରେଶ ଚନ୍ଦ୍ର ଜାନୀ କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ଉତ୍ସବ ଉଦ୍‌ଘାଟନ କରିଥିଲେ। ସେ ଛତ୍ରୀଛାତ୍ରଙ୍କ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ପାଠ ପଢ଼ା ସହିତ ଖେଳକୁଦ ମଧ୍ୟ ଜରୁରୀ। ଖେଳ ଦ୍ୱାରା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରହେ ବୋଲି ଅଭିଭାଷଣରେ କହିଥିଲେ। ପରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଯାଇଥିଲା। ଗୁରୁବାର ଦ୍ୱିତୀୟ ଦିବସରେ ସିରିଝୋଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଡମ୍ବସରା ଡିଗ୍ରୀ କଲେଜ ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଅଭିଭାବକଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ଓ ବକେଟ ଏଣ୍ଡ ବଲ ଖେଳାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ କବାଡି ପ୍ରତିଯୋଗିତା କରାଯାଇଛି। ହାଉସ ହାଉସ ମ ରେ ଟଗ ଅଫ ୱାର ହୋଇଥିଲା। କାର୍ଯ୍ୟକ୍ରମକୁ ସ୍କୁଲ ଅଧକ୍ଷା ଜ୍ୟୋତି ସାହୁ ପରିଚାଳନା କରିଥିଲେ। ସୋନାଲି ପଣ୍ଡା, ଅର୍ପିତା ପଣ୍ଡା, ବନିତା ପଣ୍ଡା, ଗୀତାଞ୍ଜଳି ଜେନା, ଲିଶାଲିପି ଶବର, ମଧୁସ୍ମିତା ମାଝି, ପ୍ରଧାନଶିକ୍ଷୟତ୍ରୀ ମିତୁ ପାଢ଼ୀ, ପରିଚାଳନାରେ ସହଯୋଗ କରିଥିଲେ। ଏଓ ତ୍ରିପତି ଜେନା ଧନ୍ୟବାଦ ଅର୍ପଣ କରଥିଲେ।

# ବଡ଼ଦିନ ପାଳିଲେ ଖ୍ରୀଷ୍ଟ ଧର୍ମାବଲମ୍ବୀ

ଗୁଣପୁର,୨୫।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ସହ ଗ୍ରାମାଞ୍ଚଳରେ ଗୁରୁବାର ଯିଶୁଙ୍କ ଧରାବତରଣ ଦିବସ ତଥା ବଡ ଦିନ ପାଳିତ ହୋଇଯାଇଛି । ଏଥିଲାଗି ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଟିନାସାରି, କୁଲସିଂ, ଜଲତାର, ଟଲଣା, ପୁଟାସିଂ, ଶଗଡା, ଆବଡା, ମରମା, ଗୋଠଲପଦର ଭଳି ଅନ୍ୟ ପଞ୍ଚାୟତରେ ଯୀଶୁଙ୍କ ଜନ୍ମଦିନକୁ ଖୁସିରେ ମନାଇ ଥିଲେ।

# ବାଂଲାଦେଶରେ ହିନ୍ଦୁ ନରସଂହାରର ପ୍ରତିବାଦ

ରାୟଗଡ଼ା,୨୫।୧୨
(ଆଶିଷ ରଞ୍ଜନ ପଣ୍ଡା)

ବାଂଲାଦେଶର ହିନ୍ଦୁ ଯୁବକ ଦୀପୁ ଦାସଙ୍କୁ ହତ୍ୟା ଏବଂ ମହମ୍ମଦ ୟୁନୁସଙ୍କ ଶାସନ କାଳରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଚାଲିଥିବା ଅତ୍ୟାଚାର ବିରୋଧରେ ଗୁରୁବାର ରାୟଗଡ଼ା ଜିଲା ଭାଜପା ବିକ୍ଷୋଭ ପ୍ରଦର୍ଶନ କରିଛି। ରାୟଗଡା ସହରବାସୀଙ୍କ ସମେତ ସମସ୍ତ ବ୍ୟବସାୟିକ ଓ ବୈଷୟିକ ସଙ୍ଗଠନ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ମାତୃଶକ୍ତି ଏବଂ ଦୁର୍ଗାବାହିନୀ ସଦସ୍ୟ ବିକ୍ଷୋଭରେ ସାମିଲ ହୋଇଥିଲେ। ରାୟଗଡ଼ା ସହରର ଜଗନ୍ନାଥ ମନ୍ଦିରରେ ବିଭିନ୍ନ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଏକାଠି ହୋଇଥିଲେ। ହାତରେ ଗେରୁଆ ପତାକା ଏବଂ ବାଂଲାଦେଶ ସରକାର ବିରୋଧୀ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ବାଂଲାଦେଶରେ ହିନ୍ଦୁ ହତ୍ୟା ବନ୍ଦ କର, ଦୀପୁ ଦାସଙ୍କ ହତ୍ୟାକାରୀଙ୍କୁ ଫାଶୀ ଦିଅ ଭଳି ସ୍ଲୋଗାନ ଦେଇଥିଲେ। ଦୀପୁ ଦାସଙ୍କ ପାଇଁ ପ୍ରତିବାଦକାରୀମାନେ ନ୍ୟାୟ ଦାବି କରିଛନ୍ତି। ମାତ୍ର ୨୫ ବର୍ଷର ଯୁବକ ଦୀପୁ ଦାସଙ୍କୁ ମିଥ୍ୟା ଈଶ୍ୱର ନିନ୍ଦା ଅଭିଯୋଗରେ ଜଣେ ସହକର୍ମୀଙ୍କ ଉସୁକାଇବା ପରେ ଉଗ୍ରବାଦୀମାନେ ପିଟି ପିଟି ହତ୍ୟା କଲେ। ତାଙ୍କ ଶରୀରକୁ ଗଛରେ ବାନ୍ଧି ନିଆଁ ଲଗାଇ ଦେଲେ। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଯଦି ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ବନ୍ଦ ନ ହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଶୋଭାଯାତ୍ରା ରାୟଗଡ଼ା ରେଳ ଷ୍ଟେସନରେ ପହଞ୍ଚିବା ପରେ ଦିପୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।



ବିଭିନ୍ନ ହିନ୍ଦୁ ସଙ୍ଗଠନ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସୁଶାସନ, ଅଖଣ୍ଡତା ପ୍ରତିଷ୍ଠାରେ ବାଜପେୟୀଙ୍କ ଭୂମିକା ଅବିସ୍ମରଣୀୟ

ରାୟଗଡ଼ା,୨୫।୧୨(ଆଶିଷ ରଞ୍ଜନ ପଣ୍ଡା)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପାୟୀଙ୍କ ୧୦୧ତମ ଜନ୍ମ ଜୟନ୍ତୀ ତଥା ଜିଲାସ୍ତରୀୟ ସୁଶାସନ ଦିବସ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଗୁରୁବାର ପାଳିତ ହୋଇଛି। ଅତିରିକ୍ତ ଜିଲାପାଳ ନବିନ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ(ରାଜସ୍ୱ) ନିହାର ରଞ୍ଜନ କହଁର ସମ୍ମାନୀତ ଅତିଥି, ମୁଖ୍ୟ ବକ୍ତା ରୂପେ ଅବସରପ୍ରାପ୍ତ ପ୍ରାଧାପକ ତଥା ସାହିତ୍ୟିକ ପ୍ରଫେସର ଡ ଦୁଷ୍ମନ୍ତ କୁମାର ମହାନ୍ତି, ଉପ ନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତକୁମାର ପ୍ରଧାନ, ଆଇନଜୀବୀ ବ୍ରଜସୁନ୍ଦର ନାୟକ, ମହିଳା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ଭାରତୀ ଚୌଧୁରୀ ଓ ପ୍ରଧାପିକା ଶାନ୍ତିଲତା ମିଶ୍ର ମଞ୍ଚାସୀନ ଥିଲେ। ସ୍ୱର୍ଗତ ବାଜପେୟୀ କମ୍ ସମୟ ପାଇଁ ପ୍ରଧାନମନ୍ତ୍ରୀ ଥାଇ ମଧ ଦେଶରେ ସୁଶାସନ, ଅଖଣ୍ଡତା ପ୍ରତିଷ୍ଠା, ଦେଶ ସୁରକ୍ଷା, ଶିକ୍ଷା ଓ ଗମନାଗମନର ପ୍ରଗତି ପାଇଁ ଅକ୍ଳାନ୍ତ ପରିଶ୍ରମ ଓ ଅବିଚ୍ଛିନ୍ନ ପ୍ରଚେଷ୍ଟା କରି ଭାରତକୁ ବିକାଶର ଉଚ୍ଚତର ସୋପାନରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲେ।

ତାଙ୍କ ସମୟରେ ପ୍ରଣୀତ ସର୍ବଶିକ୍ଷା ଅଭିଯାନ ଭାରତର ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ଭାରତର ଅର୍ଥନୈତିକ, ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ରତ୍ନ ଉପାଧି ହାସଲ କରିଥିଲେ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ କବିତା ଆସର କରାଯାଇଥିଲା। ୪୦ରୁ ଅଧିକ କବି ନିଜସ୍ୱ ଲିଖିତ ଅଟଳବିହାରୀଙ୍କ ଜୀବନି, ଜୀବନାଦର୍ଶ ଓ ଜାତୀୟତାବୋଧ କବିତା ପାଠ କରିଥିଲେ। ସମସ୍ତ କବିଙ୍କୁ ମଞ୍ଚରେ ସମ୍ମାନିତ କରାଯାଇ ଥିଲା। ଏଥିରେ ଜିଲା ଲୋକସମ୍ପର୍କ ବିଭାଗର ସହକାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ମାନସ ରଞ୍ଜନ ସାହୁ, କୁମୁଦିନୀ ମିଶାଲ, ଡମ୍ବରୁଧର ପଣ୍ଡା, ସୁଭାଷ କେରକେଟା, ସମ୍ରାଟ ସାହୁ, ରାଜେନ୍ଦ୍ର ଦୋରା, ରଞ୍ଜିତ ପୀରବାକା, ଭି. ଚନ୍ଦ୍ରଶେଖର ମହିଳା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥିମାନେ।

## ସଂକ୍ଷେପରେ

### ଦିନିକିଆ ସଂସଦୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



**ପଟ୍ଟାଙ୍ଗି,୨୫।୧୨(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମ ପରିସରରେ ଦିନିକିଆ ସଂସଦୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟତ ହୋଇଛି। ସ୍ଥାନୀୟ ବ୍ଲକ୍ କ୍ରିଡା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବାଙ୍କାଙ୍କ ସଭାପତିତ୍ୱରେ ଜିଲା ଭାଜପା ସମ୍ପାଦକ ବଳରାମ ବାରିକ୍ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁବ ଶକ୍ତି କ୍ରିଡାର ବିକାଶ ତଥା ଲୁକ୍କାୟିତ କ୍ରୀଡ଼ାବିତ୍‌ଙ୍କୁ ଲୋକଲୋଚନକୁ ଆଣିବା ଓ ସମାଜରେ ପରସ୍ପର ମଧ୍ୟରେ ଭାଇଚାରା ଆଦାନ ପ୍ରଦାନ କରିବା ସହ ଶାରିରୀକ,ଦକ୍ଷତା ବୃଦ୍ଧି ଘଟିବା ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୁକାଲି ହାଇସ୍କୁଲ ଖେଳ ଶିକ୍ଷକ ଅର୍ଜୁନ ଦାସ, ମାଲିପୁଟ୍ ହାଇସ୍କୁଲ ଖେଳ ଶିକ୍ଷକ ବିଜୟ ହୋତା, ରାଲେଗଡା ଭାଗବତ ପ୍ରଧାନ, କୋଟିଆ ସରୋଜ କୁମାର ଜେନା, ଥୁରିଆ ସନ୍ତୋଷ କୁମାର ବାରିକ୍, ପଟ୍ଟାଙ୍ଗି ପ୍ରଫୁଲ୍ଲ କୁମାର ବେହେରା, ଅମ୍ବାବାଲି ମୋହନ ବାଙ୍କା, ଥୁରିଆ ଯଦୁ ନାଥ ଗୁଣ୍ଠା ଓ କୋଟିଆ ସୁଧିର୍ ଗୁଣ୍ଠା ପ୍ରମୁଖଙ୍କ ସହଯୋଗ କରିଥିଲେ। ଏଥିରେ ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟି ସଂଯୋଜକ ଚୈତନ୍ୟ ନନ୍ଦିବାଲି, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ଜାନି, ପ୍ରତାପ ଚୌଧୁରୀ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ରଞ୍ଜିତ କୁମାର ପାଣିଗ୍ରାହୀ, ସୁଙ୍କି ମଣ୍ଡଳ ସମ୍ପାଦକ ଖଗପତି ମାଛ, ଉପସଭାପତି ବାସୁଦେବ ଖିନିବୁଡି, ଜିଲା ସଂଯୋଜକ ଚୈତନ୍ୟ ହନ୍ତାଳ ପ୍ରମୁଖ ଯୋଗଦେଇଥିଲେ। କୃତୀମାନଙ୍କୁ ଜିଲା ସ୍ତରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବା ବ୍ୟବସ୍ଥା ରହିଥିବା ବ୍ଲକ୍ ସଂଯୋଜକ ବାଙ୍କା ପ୍ରକାଶ କରିଛନ୍ତି।

### ଜ୍ୟୋତିଷ ଭାଗୀରଥି ଅନ୍ତର୍ଜାତୀୟ ସ୍ତରରେ ସମ୍ମାନିତ



**ସୁନାବେଡ଼ା,୨୫।୧୨(କୃତ୍ତିବାସ ପ୍ରଧାନ)**

ଗାଜିଆବାଦରେ କୋରାପୁଟର ଜ୍ୟୋତିଷ ତଥା ବାସ୍ତୁବିତ୍ ଭାଗିରଥି ବିନ୍ଧାଣୀ ଆନ୍ତର୍ଜାତୀୟ ସ୍ତରରେ ବାସ୍ତୁ ଓ ଜ୍ୟୋତିଷବିତ୍‌ମାନଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଗାଜିଆବାଦର ଶିବଶଙ୍କର ଜ୍ୟୋତିଷ ଓ ବାସ୍ତୁ ଗବେଷଣା କେନ୍ଦ୍ର ତତ୍ତ୍ୱାବଧାନରେ ଆୟୋଜିତ ୨ ଦିନିଆ ଜାତୀୟ ଜ୍ୟୋତିଷ ଏବଂ ବାସ୍ତୁ ସେମିନାରରେ ବହୁସଂଖ୍ୟାରେ ଲୋକ ଅଂଶଗ୍ରହଣ କରିଥିଲେ। ଜ୍ୟୋତିଷ ଭାଗିରଥି ବିନ୍ଧାଣି ତାଙ୍କର ସନ୍ଦର୍ଭ ବାସ୍ତୁ ସହ ଜ୍ୟୋତିଷକୁ ମିଶାଇ ଗଣନା କରିବା ବିଷୟ ଉପସ୍ଥାପନ କରି ପ୍ରଶଂସିତ ହୋଇଥିଲେ। ଏଥିପାଇଁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଆନ୍ତର୍ଜାତୀୟ ବସ୍ତୁଶାସ୍ତ୍ର ଡ. ଆନନ୍ଦ ଭରଦ୍ୱାଜ ଭାଗିରଥିଙ୍କୁ ସମ୍ମାନିତ କରିଥିଲେ। ସେମିନାରରେ ଦିନେଶ କୁମାର ଗୋୟଲ, ଇଞ୍ଜିନିୟର ସତୀଶ ଚୌଧୁରୀ, ଡକ୍ଟର କେ.ପି. ଗୁପ୍ତା, ଡ.ରାମାବତାର ଜିନ୍ଦଲ ଓ ରାଜେଶ ବଂଶଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଜ୍ୟୋତିଷ ବିନ୍ଧାଣି ୨୫ରୁ ଉର୍ଦ୍ଧ୍ୱ ଲୋକଙ୍କ କୁଣ୍ଡଳୀ ଓ ବାସ୍ତୁର ସମାଧାନ କରିଥିଲେ।

# ମଣ୍ଡିରେ ଅଛି ଚାଷୀଙ୍କ ଧାନ, କିଣୁନାହାନ୍ତି ମିଲର

**କୋଟପାଡ଼,୨୫।୧୨(କେ.ରାଜଶେଖର ରାଓ)**



ମଣ୍ଡିରେ ରଖାଯାଇଥିବା ଧାନ।

କୋରାପୁଟ ଜିଲା କୋଟପାଡ଼ରୁ ୧୮ କି.ମି. ଦୂର କୁସୁମୀ ପଞ୍ଚାୟତରେ ଚାଷୀ ୩ ଦିନ ହେବ ମଣ୍ଡିରେ ୩ ହଜାର କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ଆଣି ରଖିଛନ୍ତି। ଗୁରୁବାର କୋଟପାଡ଼ ଲ୍ୟାମ୍ପ ପ୍ରଶାସନ ଓ ଜୟପୁର ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ପହଞ୍ଚିଥିଲେ। କୋଟପାଡ଼ ବ୍ଲକର ସମସ୍ତ ଚାଷୀ ସଂଗଠନ ସଦସ୍ୟ ଓ ଧାନ କିଣିବାକୁ ଆସିଥିବା ମିଲରଙ୍କ ଉପସ୍ଥିତିରେ ଧାନ ଉଠାଇବା ସମାଧାନ ପନ୍ଥା ବାହାର କରିବାକୁ ଚେଷ୍ଟା କରାଯାଇଥିଲା। ଏଥିରେ କୁଇଣ୍ଟାଲ ପିଛା ୨ କିଲୋ କାଟିବାକୁ ଚାଷୀ ସହମତ ପ୍ରକାଶ କରିଥିଲେ। କିନ୍ତୁ ମିଲର ଏଥିରେ ରାଜି ହୋଇ ନ ଥିବା ଜଣାପଡିଛି। ଏଥିଯୋଗୁ ମଣ୍ଡିରେ ପଡିଥିବା ଧାନ ଉଠି ପାରି ନ ଥିଲା। ଏହି ଅଞ୍ଚଳର ଚାଷୀଙ୍କ ଧାନ ଏଫଏକ୍ୟୁ ନ ଥିବା ଜଣାପଡ଼ିଛି। ଗତବର୍ଷ ସରକାର ଏଭଳି ଧାନକୁ କିଣି ନେଇଥିଲେ। ଚଳିତବର୍ଷ ପ୍ରଶାସନ କାହିଁକି ଚାଷୀଙ୍କ ଧାନ କିଣୁ ନାହାନ୍ତି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ମିଲର

**କୁସୁମୀ ମଣ୍ଡିରେ ଚାଷୀ, ପ୍ରଶାସନର ଆଲୋଚନା**

ଏଫଏକ୍ୟୁ ଧାନ ହେଲେ ସରକାରଙ୍କ ନିର୍ଦ୍ଧାରିତ ଦରରେ ଧାନ କିଣିବାକୁ ପ୍ରସ୍ତୁତ ଥିବା ବେଳେ ଚାଷୀ କିନ୍ତୁ କଟନୀଛଟନୀ ପାଇଁ ରାଜି ନ ଥିବା ଜଣାପଡିଛି। କୁସୁମୀ ଧାନମଣ୍ଡିରେ କୋଟପାଡ଼, ବୋରିଗୁମ୍ମା ଓ ଜୟପୁର ଅଞ୍ଚଳର ୧୫ରୁ ଉର୍ଦ୍ଧ୍ୱ ମିଲର ଉପସ୍ଥିତ ଥିଲେ। ଚାଷୀ ଓ ପ୍ରଶାସନ ମଧ୍ୟରେ ଦିନେ ଦୁଇଦିନ ମଧ୍ୟରେ ଆଲୋଚନା ହୋଇ ସମସ୍ତ ଧାନ ଉଠାଇବା ବ୍ୟବସ୍ଥା କରାଯିବ ବୋଲି ଚାଷୀ ଆଶା ରଖିଛନ୍ତି।

# ଜିଲାସ୍ତରୀୟ ସୁଶାସନ ଦିବସ,ବାଜପେୟୀଙ୍କ ଜୟନ୍ତୀ

**କୋରାପୁଟ,୨୫।୧୨(ଅମିତାଭ ବେହେରା)**





କାର୍ଯ୍ୟକ୍ରମରେ ଉପସ୍ଥିତ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, କୋରାପୁଟ ବିଧାୟକ ରଘୁରାମ ମାଛ ଓ ଜିଲାପାଳ ମନୋଜ ସତ୍ୟବାନ ମହାଜନ।

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଗୁରୁବାର ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଅଧ୍ୟକ୍ଷତାକରି ଏହି ଦିବସର ଉଦ୍ଦେଶ୍ୟ ନେଇ ଆଲୋକପାତ କରିଥିଲେ। ସଭାରେ ମୁଖ୍ୟ ଅତିଥି ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଓ ସମ୍ମାନିତ ଅତିଥି ବିଧାୟକ ରଘୁରାମ ମାଛ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀ ଦେଶର ବିକାଶ ପାଇଁ କରିଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅତିଥିମାନେ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଦେଶ ପାଇଁ ତାଙ୍କର ଅବଦାନ ନେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଥିଲା। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଚେକ୍ ପ୍ରଦାନ ସହ ଚାଷୀମାନଙ୍କୁ ମୁଗ ବିହନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଅତିରିକ୍ତ ଜିଲାପାଳ ତପନ ନାୟକ ଓ ଭକ୍ତ ବନ୍ଧୁ ଜନାର୍ଦ୍ଦନ ଦଲେଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବେଣୁଧର ଶବର, କୋରାପୁଟ ପିଏଆଇଟିଡିଏ ସ୍ନେହପ୍ରଭା ମାଝୀ ଓ ଖବରଦାତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧାରାଣୀ ସରକାର ପରିଚାଳନା କରିଥିଲେ।

# ୨୮୦ କୃତୀ କ୍ରୀଡ଼ାବିତ୍ ପୁରସ୍କୃତ

**କୋରାପୁଟ,୨୫।୧୨(ଅମିତାଭ ବେହେରା)**

**ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ**

କୋରାପୁଟସ୍ଥିତ ପୋଲିସ ପଡ଼ିଆରେ ଜିଲାସ୍ତରୀୟ ସାଂସଦ ଖେଳ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଯୁବ କ୍ରୀଡ଼ାବୀତଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ରାଜ୍ୟସଭା ସଦସ୍ୟ ସୁଜିତ କୁମାର ଯୋଗଦେଇ ଗ୍ରାମାଞ୍ଚଳ କ୍ରୀଡାବିତଙ୍କୁ ଚିହ୍ନଟ କରି ସେମାନଙ୍କୁ ଏଭଳି ପ୍ରତିଯୋଗିତାରେ ସାମିଲ କରିବାକୁ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ସେମାନଙ୍କ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ କରିବା କାର୍ଯ୍ୟ ପନ୍ଥା ନେଇ ସେ ଚେଷ୍ଟା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାର ୯ ବ୍ଲକ ଓ ଗୋଟିଏ ପୌର ପରିଷଦରୁ ୨୦ହଜାର ଯୁବତୀ ଯୁବକ ପଞ୍ଜୀକରଣ କରିଥିଲେ। ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ ଓ ଖୋଖୋ ଆଦି ୫ ବିଭାଗରେ ଅଂଶଗ୍ରହଣ କରିଥିଲେ। ସେଥିରୁ ୨୮୦ କ୍ରୀଡାବିତ କୃତିତ୍ୱ ଅର୍ଜନ କରିଥିଲେ। ଏଭଳି କ୍ରୀଡ଼ା ମାନସିକ ଓ ଶାରୀରିକ ସ୍ତରରେ ବିକାଶ ଘଟାଇବା ସହ ସୁସ୍ଥ ରହିବାର ଏକ ମାଧ୍ୟମ। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ମନୋଜ ସତ୍ୟବାନ,ରାଜ୍ୟ ଭାଜପା ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଭାଜପା ଜିଲା ସଭାପତି ଶିବ ମୁଦୁଲି, ପୂର୍ବତନ ବିଧାୟକ କୈଳାଶ କୁଲିସିକା ଓ କାଳିରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଭାଜପା ଯୁବନେତା ନୃପେନ୍ଦ୍ର ନାରାୟଣ ବାଘ ପରିଚାଳନା କରିଥିଲେ। ସାଂସଦ ଖେଳ ମହୋତ୍ସବ ଜିଲା ସଂଯୋଜକ ଚୈତନ ହନ୍ତାଳ, ପୂର୍ବତନ ଜିଲା ସଭାପତି ବିଜୟ କୁମାର ମିଶ୍ର,ସୁମନ୍ତ କୁମାର ପ୍ରଧାନ ଓ ସିଧସର୍ଥ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୀଳାକାମ୍ବେର, ଚିତାପାରି ପଞ୍ଚାୟତରେ ଧାନମଣ୍ଡି ଶୁଭାରମ୍ଭ

**କୋରୁକୋଣ୍ଡା,୨୫।୧୨(ଶିବଦତ୍ତ ସାହୁ)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲା ପ୍ରଶାସନଙ୍କ ତତ୍ତ୍ୱାବଧାନରେ କୋରୁକୋଣ୍ଡା ଲ୍ୟାମ୍ପ ଅଧୀନ ସୋର୍ଲାକୋଣ୍ଡା ଓ ଚିତାପାରୀ-୩ ପଞ୍ଚାୟତରେ ଧାନମଣ୍ଡି ଗୁରୁବାର ଶୁଭାରମ୍ଭ ହୋଇଛି। ବୁଧବାରଠାରୁ ଜିଲାର ବିଭିନ୍ନ ମଣ୍ଡିର ଶୁଭାରମ୍ଭ ହୋଇଛି। କୋରୁକୋଣ୍ଡା ଲ୍ୟାମ୍ପ ଅଧୀନ ମୋଟ ୧୨ ମଣ୍ଡି ମଧ୍ୟରୁ ପିଟାଘାଟା, କାମ୍ବେଡା ଓ ପୋଟ୍ରେଲ ପଞ୍ଚାୟତରେ ୩ ମଣ୍ଡିର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରୁକୋଣ୍ଡା ଲ୍ୟାମ୍ପ ସଭାପତି ସାଲୁ ଖିଲ, ଲ୍ୟାମ୍ପ ଏମଡି ଅଭିମନ୍ୟୁ ହଲୱା, ଅଞ୍ଚଳର ବରିଷ୍ଠ ଚାଷୀ ଲଡୁ କିଶୋର ପାଣିଗ୍ରାହୀ, କବିରାଜ ଦାସ, ନୀଳାକାମ୍ବେରୁ ପଞ୍ଚାୟତ ଓ ଆଖପାଖ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।



ମଣ୍ଡିରେ ଉପସ୍ଥିତ ଅତିଥି ଓ ଚାଷୀମାନେ।

### ଧନଜୀବନ ସହ ପରିବେଶ ସୁରକ୍ଷା ଯବାନଙ୍କ ଦାୟିତ୍ୱ

**ମାଲକାନଗିର,୨୫।୧୨ (ଦୁର୍ଯ୍ୟୋଧନ ପାତ୍ର)**

ଜନତାଙ୍କ ଧନଜୀବନ ସହ ପରିବେଶ ସୁରକ୍ଷା ଆମର ଦାୟିତ୍ୱ ବୋଲି ଚତୁର୍ଥ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଡେପୁଟି କମାଣ୍ଡେଣ୍ଟ ଦେବେଶ ରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି। ଆମ ଦେଶ, ରାଜ୍ୟ ଓ ପ୍ରତ୍ୟେକ ଜିଲାର ଜନସାଧାରଣଙ୍କ ଧନ ଜୀବନ ସୁରକ୍ଷା ଦାୟିତ୍ୱ ସରକାର ସୁରକ୍ଷା କର୍ମୀ ଯଥା ସିଆରପିଏଫ୍, କୋବ୍ରା, ବି.ଏସ୍.ଏଫ୍. ଚତୁର୍ଥ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ପୋଲିସ, ଗୃହରକ୍ଷୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ଧନଜୀବନ ଏବଂ ସୁରକ୍ଷା ଦାୟିତ୍ୱ ତୁଲାଇବା ଏହି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଯବାନଙ୍କ ମୁଖ୍ୟ ଦାୟିତ୍ୱ ବୋଲି ମାଲକାନଗିରି ଜିଲା ସଦର ମହକୁମା ଏମ୍.ଭି. ୩ ଗ୍ରାମ ନିକଟରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଡେପୁଟି କମାଣ୍ଡେଣ୍ଟ ପ୍ରଧାନ କହିଛନ୍ତି। ଏବେ ଜଳବାୟୁ ପରିବର୍ତ୍ତନ ଯୋଗୁ ଅଦିନିଆ ବର୍ଷା, ବାତ୍ୟା, ଭୂକମ୍ପ, ବଜ୍ରପାତ, ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକରେ ବହୁ ଧନଜୀବନ ନଷ୍ଟ ହେଉଛି। ଏମ୍.ଭି. ୩ ଗ୍ରାମ ନିକଟ ଚତୁର୍ଥ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ପରିସରରେ ବୃକ୍ଷରୋପଣ କରାଯାଉଛି। ସାହା ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଜୀବନ ବାବା ୨୦୨୧ରୁ ରାଜ୍ୟର ବିଭିନ୍ନ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ପରିସରରେ ପ୍ରତିବର୍ଷ ମୂଲ୍ୟବାନ ଚାରା ଯୋଗାଇ ଦେଇ ଯବାନଙ୍କ ଦ୍ୱାରା ବୃକ୍ଷରୋପଣ କରୁଛନ୍ତି । ଏବେ ସୁଦ୍ଧା ୮ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ କରାଯାଇଛି ବୋଲି ଡେପୁଟି କମାଣ୍ଡେଣ୍ଟ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ସହକାରୀ କମାଣ୍ଡେଣ୍ଟ ସୁରେଶ ଚନ୍ଦ୍ର ପାତ୍ର, ଆଇ.ଏନ୍.ଏସ୍. ନବୀନ କୁଜୁର, ଏସ୍.ଆଇ ରାକେଶ କୁମାର ପରିଜା, ହାବିଲଦାର ସୋନୁ ରାଉତ, ସମିର ପରିଡା, ଏସ୍. ନାୟକ, ଏସ୍. ଇଶ୍ୱାଲ ପ୍ରମୁଖ ୫୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରିଛନ୍ତି। ଆଗାମୀ ୩ ବର୍ଷରେ ଏହି କ୍ଯାମ୍ପ ପରିସରକୁ ବୃକ୍ଷରୋପଣ ମାଧ୍ୟମରେ ସମ୍ପୂର୍ଣ୍ଣ ସବୁଜ ଏବଂ ସୁନ୍ଦର କରି ସୁରକ୍ଷା ବାର୍ତ୍ତା ଦେବୁ ବୋଲି ପ୍ରଧାନ କହିଛନ୍ତି।

### ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିବସ ପାଳିତ

**ଜୟପୁର,୨୫।୧୨(ପବନ ପାଣିଗ୍ରାହୀ)**

ଜୟପୁର ସହରରେ ଜେଇଏଲସି ଚର୍ଚ୍ଚରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିବସ ଓ ବଡ଼ଦିନ ଗୁରୁବାର ପାଳିତ ହୋଇଛି। ଖ୍ରୀଷ୍ଟିୟ ସମ୍ପ୍ରଦାୟମାନେ ନୂତନ ବସ୍ତ୍ର ପରିଧାନ କରିଥିଲେ। ଚର୍ଚ୍ଚରେ ଏକତ୍ର ହୋଇ ପ୍ରାର୍ଥନା ଓ ବାଇବେଲ ପାଠ କରିଥିଲେ। ପରସ୍ପରକୁ ଶୁଭ କାମନା ଜଣାଇ ମିଷ୍ଟାନ ବଣ୍ଟନ କରିଥିଲେ। ଜେଇଏଲସି ଚର୍ଚ୍ଚରେ ପାଷ୍ଟର ବାଇବେଲ ପାଠ କରିଥିଲେ। ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଶୁଭେଚ୍ଛା ଜଣାଇଥିଲେ। କାଉନସିଲର ପ୍ରଣବ କିଶୋର ନାୟକ ଉପସ୍ଥିତ ଥିଲେ। ହାନ୍ନାଗୁଡା, କୁମୁଲିପୁଟ, ହାଟପଦା ଓ ବୋରିଗୁମ୍ମାର ଗିର୍ଜା ଘରରେ ବଡଦିନ ପାଳିତ ହୋଇଥିଲା।

# ବାଜପେୟୀଙ୍କ ଜୟନ୍ତୀ, ସୁଶାସନ ଦିବସ ପାଳିତ



ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଉଛି।

**ନନ୍ଦପୁର,୨୫।୧୨(ତୁଷାର କାନ୍ତ ମହାନ୍ତି)**

ନନ୍ଦପୁର ବ୍ଲକ୍ ଭାଜପା ପକ୍ଷରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଜିଲା ଭାଜପା ଉପସଭାପତି ସରୋଜ ମିଶ୍ର, ଜାତୀୟ ଭାଜପା କାଉନସିଲ ସଦସ୍ୟ ଜୟରାମ ଭୋଇ, ରାଜ୍ୟ ଭାଜପା କାଉନସିଲ ସଦସ୍ୟ ଭଗବାନ ମୁଦୁଲି, ବ୍ଲକ୍ ମଣ୍ଡଳ ସଭାପତି ତ୍ରିନାଥ ବାଟଘରିଆ, ଶେଖ ଗଫୁର, ହରି ବେହେରା, ଗଣେଶ ଖିଲ, ସୀମାଞ୍ଚଳ ଖିଲ, ସୁରେଶ ଡଙ୍ଗାୟତ, ମନ ହନ୍ତାଳ ପ୍ରମୁଖ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣକରି ସ୍ମୃତିଚାରଣ କରିଥିଲେ। ସୁଶାସନ ଦିବସର ମହତ୍ତ୍ୱ ବୁଝାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳବାସୀଙ୍କୁ ଅବଗତ କରିବାକୁ ଭାଜପା କର୍ମୀ ଓ ବୁଦ୍ଧିଜୀବୀଙ୍କୁ ପରାମର୍ଶ ଦେଇଥିଲେ।

# ସମୂହ ପ୍ରାର୍ଥନାକଲେ ଖ୍ରୀଷ୍ଟଧର୍ମୀ



ଏକ ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ।

**ସୁନାବେଡ଼ା/ସେମିଳିଗୁଡ଼ା,୨୫।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

କୋରାପୁଟ ଜିଲା ସେମିଳିଗୁଡ଼ା ଓ ସୁନାବେଡ଼ା ସହରାଞ୍ଚଳର ସମସ୍ତ ଚର୍ଚ୍ଚରେ ଯିଶୁଙ୍କ ଜନ୍ମବାର୍ଷିକୀ ତଥା ବଡ଼ଦିନ ଗୁରୁବାର ପାଳିତ ହୋଇଯାଇଛି। ସମସ୍ତ ଚର୍ଚ୍ଚରେ ଲୋକଙ୍କ ଭିଡ଼ ଜମିଥିଲା। ସେମିଳିଗୁଡ଼ା ଜେଇଏଲ୍‌ସି ଚର୍ଚ୍ଚ, ନ୍ୟୁ ଲାଇଫ ଚର୍ଚ୍ଚ,ମାନା ଚର୍ଚ୍ଚ, ଲାଇଟ ହାଉସ, ଲୁଥରାନ ଚର୍ଚ୍ଚ,ବେର୍ଶେବା ଚର୍ଚ୍ଚ, ଗ୍ରେସ୍ ଚର୍ଚ୍ଚ, ସାଲୋମ ଚର୍ଚ୍ଚ ଓ ସୁନାବେଡ଼ାର ଜେଇଏଲ୍ ଜଡାଗୁଡା, ଫିଲାଡେଲଫିଆ ଚର୍ଚ୍ଚରେ ଖ୍ରୀଷ୍ଟଧର୍ମୀମାନେ ଯିଶୁଙ୍କ ନିକଟରେ ଦେଶର ଶାନ୍ତି, ଉନ୍ନତି ଓ ଭାଇଚାରା ପାଇଁ ସମୂହ ପ୍ରାର୍ଥନା କରିଥିଲେ। ଚର୍ଚ୍ଚଗୁଡିକରେ ଆଲୋକମାଳାରେ ସାଜସଜ୍ଜା କରାଯାଇଥିଲା। ଅନେକ ସ୍ଥାନରେ ନାଚଗୀତ କାର୍ଯ୍ୟକ୍ରମ ହୋଇଥିଲା।

# ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ପରିଚାଳକଙ୍କ ନନ୍ଦପୁର ପରିଦର୍ଶନ



ହିକିମପୁଟ କିଓସ୍କରେ ସିଜିଏମ୍ ଓ ଅନ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ।

**ନନ୍ଦପୁର,୨୫।୧୨(ତୁଷାର କାନ୍ତ ମହାନ୍ତି)**

ରାଜ୍ୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ପରିଚାଳକ (ସିଜିଏମ୍) ଏ.ଡି. ରତ୍ନ ତେଜା ଗୁରୁବାର ନନ୍ଦପୁର ବ୍ଲକ ପରିଦର୍ଶନ କରିଛନ୍ତି। ବିଭିନ୍ନ କିଓସ୍କ, ବାଲଡ଼ା ଷ୍ଟେଟ୍‌ବ୍ୟାଙ୍କ ଶାଖା ସମେତ ପର୍ଯ୍ୟଟନସ୍ଥଳୀ ବାଲଡ଼ା ନାଗେଶ୍ୱରୀ ପାହାଡ଼ ଓ ଗୁମ୍ଫା ବୁଲି ଦେଖିଥିଲେ। ସିଏସ୍‌ପି ପରିଚାଳକ ଓ ବ୍ୟାଙ୍କ ଉପଭୋକ୍ତାଙ୍କ ସହ ଆଲୋଚନା କରିଥିଲେ। ବ୍ରହ୍ମପୁର ଡେପୁଟି ଜେନେରାଲ ମ୍ୟାନେଜର, ଆଞ୍ଚଳିକ ପରିଚାଳକ ଜୟପୁର ସୁବାସ ଚନ୍ଦ୍ର ବେହେରା ଓ ବାଲଡା ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ନୂପୁର ମଲ୍ଲିକ ପ୍ରମୁଖ ହିକିମପୁଟ କିଓସ୍କ ଶାଖାର ୧୦ବର୍ଷ ପୂର୍ତ୍ତି ପାଳନ ଅବସରରେ ସିଏସ୍‌ପି ପରିଚାଳକମାନଙ୍କୁ ବ୍ୟାଙ୍କର ସମସ୍ତ ଯୋଜନାରେ ସାମିଲକରି ଗ୍ରାହକଙ୍କୁ ଉତ୍ତମ ସେବା ଦେବାକୁ ପରାମର୍ଶ ଦେଇଥିଲେ। ବୁଧବାର ଲମତାପୁଟ ବ୍ଲକ୍ ସଦର ମହକୁମାରେ ଷ୍ଟେଟ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟନ କରାଯାଇଛି। ଆସନ୍ତା ମାସରେ ନନ୍ଦପୁର ଷ୍ଟେଟ ବ୍ୟାଙ୍କ ଶାଖା ଉଦ୍‌ଘାଟନ କରିବେ ବୋଲି ସିଜିଏମ୍ ତେଜା ସୂଚନା ଦେଇଛନ୍ତି।

# ଯିଶୁଖ୍ରୀଷ୍ଟଙ୍କ ଜନ୍ମବାର୍ଷିକୀ ପାଳିତ

**ପଡିଆ, ୨୫।୧୨(ଭାସ୍କର ରାଓ)**

ମାଲକାନଗିରି ଜିଲା ପଡିଆ ସଦର ମହକୁମାରେ ୫ ଚର୍ଚ୍ଚରେ ଯିଶୁ ଖ୍ରୀଷ୍ଟଙ୍କ ଜନ୍ମ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସିଏସ୍‌ଆଇ ଚର୍ଚ୍ଚ, ଏସ୍‌ଟି ମାର୍କ ଚର୍ଚ୍ଚ, ବେର ସିଓ୍ୱା ଚର୍ଚ୍ଚ, ଗ୍ରେସ କାଲ ୱାରୀ ଚର୍ଚ୍ଚ, ଆଇଇଟି ଚର୍ଚ୍ଚକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଚର୍ଚ୍ଚରେ ଏକତ୍ର ହୋଇ ଉତ୍ସବ ପାଳନ କରିଥିଲେ। କେକ କାଟି ପରସ୍ପରକୁ ଖୁଆଇବା ସହ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ସାମୂହିକ ପ୍ରାର୍ଥନା କରାଯାଇଥିଲା। ସିଏସଆଇରେ ଏକତ୍ର ହୋଇ ଟୋପି ଧାରଣ କରି ସାହି ପରିକ୍ରମା କରିଥିଲେ। ଇଉ ଚିରଞ୍ଜିବି, ଡି.ଜୋନ ବାବୁ,ବି.ଦିଲ୍ଲୀପ ପ୍ରମୁଖ ପାଞ୍ଚ ଚର୍ଚ୍ଚ ର ପାଷ୍ଟରମାନେ ପରିକ୍ରମାରେ ସାମିଲ ହୋଇଥିଲେ। ୨ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମର ବିଜେତାମାନଙ୍କୁ ଅତିଥି ପୁରସ୍କତତ କରିବେ ବୋଲି ସମ୍ପାଦକ ଆର. ସନ୍ତୋଷ କୁମାର କହିଛନ୍ତି।

# ବାଲିମେଲା ନବୋଦୟରେ ଦ୍ୱିତୀୟ ଆଲୁମ୍‌ନି ମିଟ୍

**କୋରୁକୋଣ୍ଡା,୨୫।୧୨(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲାର ବାଲିମେଲାସ୍ଥିତ ପିଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ-୨ ପରିସରରେ ଏହାର ଦ୍ୱିତୀୟ ଆଲୁମ୍‌ନି ମିଟ୍ ୨୦୨୫ ଗୁରୁବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଆଲୁମ୍‌ନି ଆସୋସିଏଶନ ପୂର୍ବତନ ସଭାପତି ରାଜକୁମାର କୁରାମୀ ସଭାପତିତ୍ୱ କରିଥିଲେ। ନବୋଦୟ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରିନ୍ସପାଲ ସିଦ୍ଧାର୍ଥ ଜିଙ୍ଗୋନିଆ, ୧୯୮୫ର ପ୍ରଥମ ବ୍ୟାଚ ଛାତ୍ର ଏଲ୍‌ଏନ୍ ଆଚାର୍ଯ୍ୟ, ସାମାଜିକକର୍ମୀ ଭଗବାନ ସାହୁ, ଶିକ୍ଷୟିତ୍ରୀ ରୀନା ସେଠୀ ଓ ଟି.ଭି.ଓ୍ୱାଲେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସାମୁହିକ ନବୋଦୟ ପ୍ରାର୍ଥନା ଗାନ କରାଯାଇଥିଲା। ନବୋଦୟକୁ ଜାଣିବା ପାଇଁ ଏହାର ଉଦ୍ଦେଶ୍ୟ ବହୁତ କିଛି କହିଥାଏ। କମ୍ ଟୁ ଲର୍ନ ଏବଂ ଆଣ୍ଡ୍ ଗୋ ଟୁ ସର୍ଭ ନବୋଦୟର ମୂଳ ଉଦ୍ଦେଶ୍ୟ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ପ୍ରତିଭାମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଆଲୁମ୍‌ନି ମିଟ୍‌କୁ ବାଲିମେଲା ଜେଏନ୍‌ଭି-୨ର ଦ୍ୱିତୀୟ ବ୍ୟାଚର ଛାତ୍ର ତଥା ଆଲୁମିନା ସଭାପତି ରାହୁଲ ରାଏ, ଉପସଭାପତି ବିପ୍ଳବ ବୈରାଗୀ, ସମ୍ପାଦକ ସଞ୍ଜୟ କୁମାର ବେହେରା, ସହ ସମ୍ପାଦକ ଉଷଶ୍ରୀ ନାୟକ, କୋଷାଧ୍ୟକ୍ଷ ଅନ୍ତିମଜୟ ମଣ୍ଡଳ, ସହ କୋଷାଧ୍ୟକ୍ଷ ଅଙ୍କିତା ପାଢୀ, ଆଲୁମ୍‌ନି ସଂଯୋଜକ ଅଜୟ କୁମାର ସୋଡି ଓ ସ୍ମୃତିଶିଖା ଦେବୀ ପ୍ରମୁଖ ଆୟୋଜନ କରିଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଆଲୁମ୍‌ନି ଆସୋସିଏଶନ ପୂର୍ବତନ ସଭାପତି ଓ ଅନ୍ୟ ଅତିଥିମାନେ।

# 'ବାଜପେୟୀ ଭାରତୀୟ ରାଜନୀତିର କାଳଜୟୀ ଅଜାତଶତ୍ରୁ'

**ବାଜପେୟୀଙ୍କ ଜୟନ୍ତୀ, ସୁଶାସନ ଦିବସ ପାଳିତ**

**ମାଲକାନଗିରି,୨୫।୧୨ (ଦୁର୍ଯ୍ୟୋଧନ ପାତ୍ର)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସହ ସୁଶାସନ ଦିବସ, କବିତା ପାଠୋତ୍ସବ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ, ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ, ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ବିକାଶରେ ବାଜପେୟୀଙ୍କ ସୁଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସଚେତନତା ସୃଷ୍ଟି ପାଇଁ ବାଜପେୟୀଙ୍କ ଜନ୍ମବାର୍ଷିକୀକୁ ସୁଶାସନ ଦିବସ ଭାବେ ପାଳନ କରାଯାଉଛି। ବାଜପେୟୀ ଭାରତୀୟ ରାଜନୀତିର କାଳଜୟୀ ଅଜାତଶତ। ସାଇନିଂ ଇଣ୍ଡିଆର ସ୍ରଷ୍ଟା, ଦକ୍ଷ ସୁଦୃଢ଼ ପ୍ରଶାସକ ଓ ଦୂରଦୃଷ୍ଟି ସମ୍ପନ୍ନ ପ୍ରଧାନମନ୍ତ୍ରୀ ଥିଲେ ବୋଲି ଅତିଥିମାନେ କହିଥିଲେ। ଭାରତୀୟ ରାଜନୀତିର ଏହି ଧ୍ରୁବ ତାରାଙ୍କ ଦେଶପ୍ରତି ଅବଦାନ ଅତୁଳନୀୟ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୂର୍ବାଞ୍ଚଳ ବାଳିକା ହକି: ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଗୁଆହାଟୀର ମହମ୍ମଦ ତୟବୁଲ୍ଲା ହକି ଷ୍ଟାଡିୟମରେ ଅନୁଷ୍ଠିତ ଅସ୍ମିତା ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି ଲିଗ୍‌ରେ ଓଡ଼ିଶା ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଓଡ଼ିଶା ୪-୩ ଗୋଲରେ ମିଜୋରାମକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଅସୀମା ଏକ୍କା ୨୩ ଓ ୫୩ତମ ମିନିଟରେ ୨ଟି ଏବଂ ଅଧିନାୟିକା ସଞ୍ଜନା କିରୋ ୨୩ ଓ କିରଣ ଏକ୍କା ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମିଜୋରାମ ପକ୍ଷରୁ କେ. ଭାନଲାଲପେକି ୨ଟି ଓ ଅଧିନାୟିକା ଭାନଲାଲରିନଲୁଇ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫ୍ଲୋରେନ୍ସିଆ ଏକ୍କା ଓଡ଼ିଶା ଦଳର କୋଚ୍ ଓ ରେସମା ଲାକ୍ରା ମ୍ୟାନେଜର ଥିଲେ। ପ୍ରକାଶଯୋଗ୍ୟ, ଓଡ଼ିଶା ଏହି ପ୍ରତିଯୋଗିତାରେ ତ୍ରିପୁରାକୁ ୫୦-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ୨ଟି ଲିଗ୍ ମ୍ୟାଚରେ ଯଥାକ୍ରମେ ଆସାମକୁ ୧୪-୧ ଓ ମିଜୋରାମକୁ ୫-୧ ଗୋଲରେ ହରାଇ ଦେଇଥିଲା। ଚାମ୍ପିୟନ ଓଡ଼ିଶା ବାଳିକା ଦଳକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ହକି ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ସନାତନ ସାହୁ ଓ ଅନ୍ତର୍ଜାତୀୟ ହକି ଟେକ୍ନିକାଲ ଅଫିସିଆଲ ନିଶାନଜ୍ୟୋତି ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।



ଅସ୍ମିତା ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି ଲିଗ୍‌ରେ ଚାମ୍ପିୟନ ଓଡ଼ିଶା ଦଳ ଅତିଥିଙ୍କ ଗହଣରେ।

# ଶ୍ରେୟସଙ୍କ ବ୍ୟାଟିଂ ଅଭ୍ୟାସ ଆରମ୍ଭ

**ବେଙ୍ଗାଲୁରୁ, ୨୫।୧୨**

ଭାରତର ଦିନିକିଆ ଉପ ଅଧିନାୟକ ଶ୍ରେୟସ ଆୟାର ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଆହତ ହେବା ପରେ ପ୍ରଥମ ଥର ପାଇଁ ବ୍ୟାଟିଂ ପ୍ରାକ୍ଟିସ କରିଛନ୍ତି। ସେ ଏବେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ମିଳିଥିବା ସୂଚନା ମୁତାବକ, ଶ୍ରେୟସ ବିନା କୌଣସି ଅସୁବିଧାରେ ଏକ ଘଣ୍ଟା ଧରି ବ୍ୟାଟିଂ କରିଥିଲେ ଏବଂ ସେ ଏବେ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ(ସିଓଇ)ରେ ଯୋଗଦେବାକୁ ଯାଉଛନ୍ତି। ଗତ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଶ୍ରେୟସଙ୍କର ପିଞ୍ଜରାରେ ଆଘାତ ଲାଗିଥିଲା। ଏଥିଯୋଗୁ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ଓ ପୂରା ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲେ। କିନ୍ତୁ ୩୧ ବର୍ଷୀୟ ବ୍ୟାଟର ବିଜୟ ହଜାରେ ଟ୍ରଫି ଜରିଆରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିବେ ବୋଲି ଆଶା କରାଯାଉଛି। ଜଣେ ବିସିସିଆଇ ଅଧିକାରୀ କହିଛନ୍ତି ଯେ, ଶ୍ରେୟସ ଇଞ୍ଜୁରି କାରଣରୁ ଅନେକ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍ ମିସ କରିଛନ୍ତି। ସେ ଏବେ ବିନା ଯନ୍ତ୍ରଣାରେ ପ୍ରାକ୍ଟିସ କରିବା ଏକ ଭଲ ସଙ୍କେତ। କିନ୍ତୁ ତାଙ୍କ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ଲାଗି ଭାରତୀୟ ଦଳକୁ ଫେରିବା କଷ୍ଟକର ହେବ। ମାତ୍ର ଚଳିତ ବିଜୟ ହଜାରେ ଟ୍ରଫିର ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କର ଖେଳିବାର ସମ୍ଭାବନା ରହିଛି। ସେ ସମ୍ଭବତଃ ୪ରୁ ୬ ଦିନ ସିଓଇଠାରେ ବିତାଇବେ। ଏହି ସମୟ ମଧ୍ୟରେ ସେ କେବେ ଉପଲବ୍ଧ ହେବେ, ତାହା ସ୍ପଷ୍ଟ ହେବ। ସେ ଏବେ ଜିମରେ ନିୟମିତ ଟ୍ରେନିଂ କରୁଛନ୍ତି। ଏଣୁ ବର୍ତ୍ତମାନ କିଛି ଚିନ୍ତାର ବିଷୟ ନାହିଁ। କିନ୍ତୁ ସବୁକିଛି ସିଓଇର ମୂଲ୍ୟାଙ୍କନ ଉପରେ ନିର୍ଭର କରେ। ଭାରତୀୟ ଦଳ ଆସନ୍ତା ୧୧ ତାରିଖରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ସିରିଜ୍ ଖେଳିବ। ଏଥିଲାଗି ଜାନୁଆରୀ ପ୍ରଥମ ସପ୍ତାହ ତଥା ୨ କିମ୍ବା ୩ ତାରିଖରେ ଦଳ ଘୋଷଣା କରାଯିବ।

# ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳ ଘୋଷିତ


ପୂର୍ବାଞ୍ଚଳ କ୍ରିକେଟ ପ୍ରତିଯୋଗିତା ଲାଗି ମନୋନୀତ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳ।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

କୋଲକାତାଠାରେ ଗୁରୁବାରଠାରୁ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା, ବିହାର, ଝାଡଖଣ୍ଡ ଓ ପଶ୍ଚିମ ବଙ୍ଗ ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଓଡ଼ିଶା ଦଳ କୋଲକାତା ଯାତ୍ରା କରିଛି। ରାଖାଲ କୁମାର ସେଠୀ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ଫର ଫିଜିକାଲି ଚ୍ୟାଲେଞ୍ଜ୍‌ଡ ଚାରିଟେବଲ ଟ୍ରଷ୍ଟ ସଭାପତି ତନୁଜା ମହାନ୍ତି, ସମ୍ପାଦକ ବେଲା ଜୟ ସ୍ୱାଲ ଏବଂ ଅନ୍ୟ କର୍ମକର୍ତ୍ତା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳ:** ରାଖାଲ କୁମାର ସେଠୀ (ଅଧିନାୟକ), ଭରତ ଚେତନ ପଣ୍ଡା, ଦେବେନ୍ଦ୍ର ମେହେର, ସୋମନାଥ ଦାସ, ଅକ୍ଷୟ କୁମାର ସାହୁ, ଜଗଜୀତ ମହାନ୍ତି, ରାଜେଶ ପ୍ରଧାନ, ମହମ୍ମଦ ସୋହେଲ ଖାଁ, ବଳରାମ ବସ୍ତିଆ, ମୁନା ମହାପାତ୍ର, ବିକାଶ ହାତୀ, ପ୍ରଫୁଲ୍ଲ ତରେଇ, ସାଇ ନୃସିଂହ ପାଢ଼ୀ, ଓମ୍ ପ୍ରକାଶ ସାହୁ, ଅଭିଷେକ ଶୁକ୍ଲା।


**TO-LET**

A 5000 SFT 1st Floor Morden Office Premises available for long term rent at Main Road, Mancheswar Industrial Estate, Bhubaneswar. Plug & Play with all facilities like 5 Glass Cabins, Conference Hall, 40 Seat Capacity Hall, AC, Ceiling Lights, with well finished corporate style, ready to move office. Suitable for Elite business houses, Corporates/IT companies. Lift facility can be arranged.

Contact No.: 9437011130
Email: malla@magnum-india.com


# ମୁମ୍ବାଇ ସିଟି ଏଫ୍‌ସିଠାରୁ ଅଲଗା ହେଲା ସିଟି ଗ୍ରୁପ୍

**ନୂଆଦିଲ୍ଲୀ, ୨୫।୧୨**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ଇଂଲିଶ ପ୍ରିମିୟର ଲିଗ୍ କ୍ଲବ ମାଞ୍ଚେଷ୍ଟର ସିଟି ସମେତ ବିଶ୍ୱର ଅନେକ ଶୀର୍ଷ ସ୍ତରର କ୍ଲବର ମାଲିକାନା ରଖିଥିବା ସିଟି ଫୁଟବଲ ଗ୍ରୁପ ମୁମ୍ବାଇ ସିଟି ଏଫ୍‌ସି ସହ ସମ୍ପର୍କ ଛିନ୍ନ କରିଛି। ସିଟି ଗ୍ରୁପ୍ ୨୦୧୯ରେ ମୁମ୍ବାଇ ସିଟି ଏଫ୍‌ସିର ୬୫ ପ୍ରତିଶତ ଅଂଶ ଅଧିଗ୍ରହଣ କରିଥିଲା। ମୁମ୍ବାଇ କ୍ଲବ ଆଇଏସ୍‌ଏଲ୍ ଇତିହାସର ଅନ୍ୟତମ ସଫଳ କ୍ଲବ। ଏହି କ୍ଲବ ଦୁଇ ଥର ଶିଲ୍ଡ ଓ ଦୁଇ ଥର ଆଇଏସ୍‌ଏଲ୍ କପ ଜିତିଛି। ସିଟି ଫୁଟବଲ ଗ୍ରୁପ ସମ୍ପର୍କ ଛିନ୍ନ କରିଥିବାରୁ ମୁମ୍ବାଇ ସିଟି ଏଫ୍‌ସି କ୍ଲବର ମାଲିକାନା ବଲିଉଡ୍ ଷ୍ଟାର ରଣବୀର କପୁର ଓ ବ୍ୟବସାୟୀ ବିମଳ ପାରେଖଙ୍କ ପାଖକୁ ଫେରିଯାଇପାରେ।

# ବିଗ୍ ଅରେଞ୍ଜ୍ ବାଶ୍ ବାସ୍କେଟବଲ୍ ଲିଗ୍ ଉଦ୍‌ଯାପିତ



୧୪ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଚାମ୍ପିୟନ ଗ୍ଲୋବାଲ ଫିଜିଓ ସେଲ୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୫।୧୨ (ବିଜୟ ରଣା)**

ଶିକ୍ଷା ଓ ଅନୁସନ୍ଧାନ ଆନୁକୂଲ୍ୟରେ (ସୋଆ) ଡ୍ରିମ୍ସ ଟୁ ବି ବିଶ୍ୱବିଦ୍ୟାଳୟର ବସ୍କେଟବଲ୍ କୋର୍ଟ ବିଗ୍ ଅରେଞ୍ଜ ବାଶ୍ ୩X୩ ବାସ୍କେଟବଲ୍ ଲିଗ୨୦୨୫ ସଫଳତାର ସହିତ ସମ୍ପନ୍ନ ହୋଇଛି। ଏହି ଟୁର୍ନମେଣ୍ଟକୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଓଡ଼ିଶା ବାସ୍କେଟବଲ୍ ସଂଘ ତରଫରୁ ସହଯୋଗ ଓ ସହାୟତା କରାଯାଇଥିଲା। ୩X୩ ବାସ୍କେଟବଲ୍ ଲିଗ୍‌ର ୪ଟି ଶ୍ରେଣୀରେ ୪୪ଟି ଦଳର ୧୭୬ ଦଳ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସୋଆ ବିଶ୍ୱ ବିଦ୍ୟାଳୟର ଡିନ୍ ତଥା ଷ୍ଟୁଡେଣ୍ଟ ୱେଲ୍‌ଫେୟାର ପ୍ରଫେସର ଡା. ଜ୍ୟୋତିରଞ୍ଜନ ଦାସ, ଆଇବିସିଏସ୍ ଡିନ୍ ପ୍ରଫେସର ଡା. ଆୟସକାନ୍ତ ମହାନ୍ତି ଓ ସିନିୟର ବାସ୍କେଟ ବଲ୍ କୋଚ୍ ଅରୁଣ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତି ରହି ବିଜେତା ଦଳକୁ ଟ୍ରଫି ଏବଂ ନଗଦ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

- **୧୪ ବର୍ଷରୁ ଊର୍ଦ୍ଧ୍ୱ (ବାଳକ)**
  ଚାମ୍ପିୟନ- ଟ୍ରିପିଲ ଥ୍ରେଟ୍
  ରନର-ଅପ୍-ଟେରିଫିକ୍ ଟେରରୀ
- **୧୪ ବର୍ଷରୁ ଊର୍ଦ୍ଧ୍ୱ (ବାଳିକା)**
  ଚାମ୍ପିୟନ: ଗ୍ଲୋବାଲ ଫିଜିଓ ସେଲ୍ ବାସ୍କେଟବଲ କ୍ଲବ।
  ରନରଅପ୍: ଓଡ଼ିଶା ବାସ୍କେଟବଲ ଏକାଡ଼େମୀ
- **୧୪ ବର୍ଷରୁ କମ୍ (ବାଳକ)**
  **ଚାମ୍ପିୟନ:** ଦି କିଙ୍ଗ୍ ; ରପର ଅପ୍- ଟାଇଗଲ 'ଏ'।
- **୧୪ ବର୍ଷରୁ କମ୍ (ବାଳିକା)**
  ଚାମ୍ପିୟନ-ଏମ୍‌ପିଏସ୍
  ରନରଅପ୍- ଓଡ଼ିଶା ବାସ୍କେଟବଲ୍ ଏକାଡ଼େମୀ

# ଜାତୀୟ ରୋଲ ବଲ୍ ପାଇଁ ଓଡ଼ିଶା ଦଳ


ଜାତୀୟ ୧୪ ବର୍ଷରୁ କମ୍ ରୋଲ ବଲ ପାଇଁ ଚୟନ ହୋଇଥିବା ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଚଳିତମାସ ୨୮ରୁ ଜାନୁଆରୀ ୧ ପର୍ଯ୍ୟନ୍ତ ୧୭ଶ ଜାତୀୟ ୧୪ ବର୍ଷରୁ କମ୍ ରୋଲ ବଲ୍ ଚାମ୍ପିୟନଶିପ୍ ଜମ୍ମୁରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଓଡ଼ିଶା ଦଳ ଗୁରୁବାର ଜମ୍ମୁ ଯାତ୍ରା କରିଛି। ସାଇ ଶ୍ରୀୟାଂଶୁ ରାଉତ ଅଧିନାୟକ ଓ ପ୍ରତୀକ ଅର୍ନବ ଜେନା ଉପ ଅଧିନାୟକ ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ସୁଶୀଲ ମହାନ୍ତି, ଆୟୁଷ୍ମାନ ପାତ୍ର, ଶୁଭମ୍ ଦୋରା, ଆୟୁଷ ଜେନା, ବୀରେନ ଦାସ, ରୁଦ୍ର ନାରାୟଣ ମହାନ୍ତି ଓ ଭିଭାନ ଟିକମନି। ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇବା ଲାଗି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ରୋଲ ବଲ୍ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର, ଟିମ୍ ମ୍ୟାନେଜର ସୌମ୍ୟରଞ୍ଜନ ଜୟସିଂ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସିନିୟର ଥ୍ରୋ ବଲ୍‌ରେ ଭାଗନେବ ଓଡ଼ିଶା


କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ମହିଳା ଓ ପୁରୁଷ ଥ୍ରୋ ବଲ ଦଳ।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

କେରଳର କୋଟ୍ଟାୟାମାଠାରେ ଚଳିତ ମାସ ୨୮ରୁ ୩୧ ପର୍ଯ୍ୟନ୍ତ ଜାତୀୟ ସିନିୟର ଥ୍ରୋ ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ଲାଗି ୩୪ ଜଣିଆ ଓଡ଼ିଶା ମହିଳା ଓ ପୁରୁଷ ଦଳ ଶୁକ୍ରବାର କେରଳ ଯାତ୍ରା କରିବ। ସୁଧାସିନ୍ଧୁ ସାହୁ ମହିଳା ଦଳର ଅଧିନାୟିକା ଓ ମନିସୀମା ରାଉତ ଉପଅଧିନାୟିକା ମନୋନୀତ ହୋଇଛନ୍ତି। ସେହିପରି ପୁରୁଷ ଦଳରେ ସୁଶାନ୍ତ ଦାସ ଅଧିନାୟକ ଏବଂ ଦୀପ୍ତିରଞ୍ଜନ ସାମନ୍ତରାୟ କୋଚ୍ ଓ ଅଭିଜିତ ମହାନ୍ତି ମ୍ୟାନେଜର ଅଛନ୍ତି। ଆଗାମୀ ପ୍ରତିଯୋଗିତା ଲାଗି ଓଡ଼ିଶା ଥ୍ରୋ ବଲ୍ ସମ୍ପାଦକ ଜୀତେନ୍ଦ୍ର ନାଥ ଦାସ, ସଭାପତି ଭୁପେନ୍ଦ୍ର ସିଂ, ପ୍ରୋଗ୍ରାମିଂ ଅଫିସର ହରେଶ କୁମାର ମିଶ୍ର, ସାମାଜିକକର୍ମୀ ମଞ୍ଜୁଲତା ବରାଳ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସିରିଜ ଆଗୁଆ ଜିତିବା ଲକ୍ଷ୍ୟରେ ଭାରତ

**ଥିରୁଭାନନ୍ତପୁରମ, ୨୫।୧୨ (ପି.ଟି.)**

ଶୁକ୍ରବାର ଏଠାରେ ଭାରତ ଓ ଶ୍ରୀଲଙ୍କା ମହିଳା କ୍ରିକେଟ ଦଳ ମଧ୍ୟରେ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯିବ। ଘରୋଇ ଦଳ ପ୍ରଥମ ଦୁଇଟି ମ୍ୟାଚରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ବିଶାଖାପାଟଣାରେ ଖେଳାଯାଇଥିବା ଏହି ମ୍ୟାଚ୍ ଦୁଇଟିରେ ଭାରତ ଯଥାକ୍ରମେ ୮ଉଇକେଟ ଓ ୭ ଉଇକେଟରେ ବିଜୟ ଲାଭ କରିଛି। ଶ୍ରୀଲଙ୍କା ବିପକ୍ଷରେ ଭାରତ ଖେଳିଥିବା ଗତ ୧୧ଅନ୍ତର୍ଜାତୀୟ ଟି୨୦ ମଧ୍ୟ ୯ଟିରେ ବିଜୟ ଲାଭ କରିଛି। ଶ୍ରୀଲଙ୍କା ଗତଥର ୨୦୨୪ ଜୁଲାଇରେ ଦାମ୍ବୁଲାଠାରେ ଜୁଲାଇ ୨୪ରେ ଆୟୋଜକ ଦେଶ ବିପକ୍ଷରେ ବିଜୟ ହାସଲ କରିଥିଲା। ଏଥର ଭାରତର ବ୍ୟାଟିଂ ଲାଇନ୍-ଅପ୍ ଖୁବ୍ ଶକ୍ତିଶାଳୀ ମନେ ହେଉଛନ୍ତି। ଗତ ଦୁଇଟି ଗେମ୍‌ରେ ପୃଥକ ପୃଥକ ଖେଳାଳି ଚମତ୍କାର ବ୍ୟାଟିଂ କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସର ନିବନିଯୁକ୍ତ ଅଧିନାୟିକା ଜେମିମା ରୋଡ୍ରିଗ୍ସ ଓପନିଂ ଟି୨୦ ଏବଂ ଦ୍ୱିତୀୟ ଟି୨୦ରେ ଶେଫାଳି ବର୍ମା ସେମାନଙ୍କ ଦାୟିତ୍ୱ ତୁଲାଇଛନ୍ତି।


**Classified Everyday 0674-2580101, 9692975378**


**REAL ESTATE**

**SALE**

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273 D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

I, Amarendra Guru, S/o.- Lingaraj Guru, Resident of At/P.O.- Naharakanta, P.S.- Pahala, Dist.- Khurda declare by this affidavit No. 647911 sworn before the Executive Magistrate, Bhubaneswar, dated- 15.12.2005 that my name has been wrongly inserted in my Aadhaar card vide No.- xxxx xxxx 4060 mentioned as Amrendra Guru istead of Amarendra Guru, Amarendra and Amarendra is one and same person. Henceforth, I shall be known as Amarendra Guru for all purposes. D-2931

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ଂ ଅଭିନବ ପ୍ରଧାନ
ଆବିର୍ଭାବ: ୨୧।୧୨।୧୯୩୩
ତିରୋଧାନ: ୧୬।୧୨।୨୦୨୫
ଆଜି ଆପଣଙ୍କ ଏକାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ଶୋକାକୁଳ ପରିବାର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀବୃନ୍ଦ।
D-2931

**ଦ୍ୱାଦଶାହ ଉପଲକ୍ଷେ**


ଂ ଚିତ୍ତ ରଂଜନ ପାଲ୍
ଶୀର୍ଷା, ମୟୂରଭଞ୍ଜ
ଆବିର୍ଭାବ: ୧୫।୦୩।୧୯୩୬
ତିରୋଧାନ: ୧୫।୧୨।୨୦୨୫
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପାଲ୍ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
D-2932

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।


ଂ ଗଙ୍ଗା ଦେବୀ
ମାଁସଡା, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ- ୦୫।୧୦।୧୯୩୦
ତିରୋଧାନ- ୧୫।୧୨।୨୦୨୫
ବୋଉଲୋ, ତୁ ଆମକୁ ଏମିତି ଛାଡ଼ି ଚାଲିଯିବୁ ବୋଲି ବିଶ୍ୱାସ ହେଉନି। ତୋର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମ୍ଭେ ଅନୁଭବ କରୁଛୁ। ଭୁଲିହେଉନି ତୋର ବାତ୍ସଲ୍ୟ ମମତା,ସ୍ନେହ,ଶ୍ରଦ୍ଧା ତ୍ୟାଗ। ତୋର କରୁଣର ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ହତଭାଗ୍ୟ ପୁତ୍ର- ସୁଶାନ୍ତ, ପୁତ୍ରବଧୂ- ସ୍ନେହଲତା, ଶାନ୍ତିଲତା, ସୁନନ୍ଦା, ପୁତୁରା- ଦିଲୀପ, ଝିଅ- ହରପ୍ରିୟା, ବିଷ୍ଣୁପ୍ରିୟା, ଉର୍ବଶୀ, ଜ୍ୱାଇଁ- ସୀତାରାମ,ଦାମୋଦର, ନାତି- ପ୍ରତୀକ, ସ୍ୱସ୍ତିକ, ଗିରିଜା,ବିରଜା, ନାତୁଣୀ- ପଲ୍ଲବୀ, ଅନନ୍ୟା, ସ୍ୱୟଂସିଦ୍ଧା,ସୋନାଲୀ, ନାତୁଣୀଜ୍ୱାଇଁ- ଦକ୍ଷପ୍ରସାଦ, ଗୋପୀନାଥ, କାଳନ୍ଦୀ, ବନ୍ଧୁ ଓ ପରିବାରବର୍ଗ।
D-2933

**ଦ୍ୱାଦଶାହ ଉପଲକ୍ଷେ**


ଂପ୍ରଳୟ କୁମାର ମିଶ୍ର
(ଗୌଡ଼ସାହି, ବିଂଝାରପୁର, ଯାଜପୁର)
ଆବିର୍ଭାବ- ୧୦।୦୬।୧୯୮୨
ତିରୋଧାନ- ୧୫।୧୨।୨୦୨୫
ତୁମ ଅମ୍ଳାନ ସ୍ମୃତିକୁ ଚିରଦିନ ସାଇତି ରଖିଥିବୁ। ଈଶ୍ୱର ତୁମର ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ମା, ବାପା, ସହଧର୍ମିଣୀ, କନ୍ୟା, ପୁତ୍ର, ଭାଇ, ଭାଉଜ, ଭଉଣୀ, ଭିଣୋଇ, ଜ୍ଞାତି, କୁଟୁମ୍ବ, ସଖା, ବନ୍ଧୁ ଓ ପରିବାର।
D-2934

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ଂଡଃ ଶୈଳ କୁମାରୀ ଦେବୀ
ଆବିର୍ଭାବ: ୧୨।୦୮।୧୯୫୨
ତିରୋଧାନ: ୧୭।୧୨।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ- ବୋହୂ : ବଣ୍ଟି- ସୂଚୀ, ଝିଅ- ଜ୍ୱାଇଁ : ମିଲି- ପ୍ରଦୀପ, ଝିଲି- ରାଜେଶ, ମେଘା, ଖୁସୀ, ଆୟାନ, ଯାନା, ବନ୍ଧୁ ଓ ପରିବାରବର୍ଗ।
D-2935

# ଅଭୁଲା ୨୦୨୫ / ୧୫

୨୦୨୫ରେ ଘଟି ଯାଇଛି ଅନେକ ଅପରାଧ। ଦ୍ୱୈତ ନଗରୀ କଟକ, ଭୁବନେଶ୍ୱର ସମେତ ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ଏମିତି ଅନେକ ଘଟଣା ଘଟିଛି, ଯାହାକି ସମସ୍ତଙ୍କ ମନକୁ ଆନ୍ଦୋଳିତ କରିପକାଇଥିଲା। ବର୍ଷର ପ୍ରାରମ୍ଭରେ ନିଶା କାରବାରକୁ ବିରୋଧ କରୁଥିବା ସଫେଇ କର୍ମଚାରୀ ସଂଘର ସଭାପତି ସହଦେବ ନାୟକଙ୍କୁ ରାଜଧାନୀର ରାଜ ରାସ୍ତାରେ ମୁଣ୍ଡରୁ ଗଣ୍ଡି ଅଲଗା କରିଦେଇଥିଲେ ଅଭିଯୁକ୍ତ। ସେହିପରି ବୀମା ଟଙ୍କା ପାଇଁ ଟ୍ରାଫିକ୍ କନଷ୍ଟେବଲ ଶୁଭମିତ୍ରାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରି ମାଟିରେ ପୋତିଦେବା ଘଟଣା, ଜମିଜମା ବିବାଦରୁ ଏମ୍ସ କର୍ମଚାରୀଙ୍କୁ ଗୁଳି କରି ହତ୍ୟା, ସ୍ନାନ ଯାତ୍ରାରେ ସେବାୟତଙ୍କୁ ହତ୍ୟା ଏବଂ ୪୨ମୌଜାରେ ବନ୍ଧୁକ କାରଖାନା ଠାବ ଆଦି ଘଟଣା ବିଦାୟୀ ବର୍ଷରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା।

## ଜମି ବିବାଦରୁ ବିଲ୍ଡରଙ୍କୁ ହତ୍ୟା

ଜମି ବିବାଦକୁ କେନ୍ଦ୍ର କରି ଏପ୍ରିଲ ୧୧ରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ବିଲ୍ଡର ସସ୍ମିତ ବିଶ୍ୱାଳ ଓରଫ ଚିନୁ (୪୭)ଙ୍କୁ ହତ୍ୟା କରାଯାଇଥିଲା। ଭିମ୍‌ପୁର ଅଞ୍ଚଳର ସସ୍ମିତ ପ୍ରଧାନସାହି ମୌଜାରେ ଜମି ବ୍ୟବସାୟ କରୁଥିଲେ। ଜମି ବିବାଦକୁ ନେଇ ପାର୍ଟନର ଟୁଲୁଙ୍କ ସହ ତାଙ୍କର ବିବାଦ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଟୁଲୁ, ହୋମଗାର୍ଡ ସୁକାନ୍ତ ବେହେରାଙ୍କ ସମେତ ୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ସସ୍ମିତଙ୍କୁ ପିଟିପିଟି ହତ୍ୟା କରିଥିଲେ।



## ୪୨ ମୌଜାରେ ବେଆଇନ ବନ୍ଧୁକ କାରଖାନା

ଭୁବନେଶ୍ୱର-କଟକ କମିଶନରେଟ ପୋଲିସର ୪୨ ମୌଜା ଥାନା ଅନ୍ତର୍ଗତ ଧୂଳିଶ୍ୱର ଗ୍ରାମରେ ମାର୍ଚ୍ଚ ୧୩ ତାରିଖରେ ଏକ ବେଆଇନ ବନ୍ଧୁକ କାରଖାନା ଠାବ କରିଥିଲା। କୋଲକାତା ଓ ଭୁବନେଶ୍ୱର ଏସ୍‌ଟିଏଫ୍ ସହ ୪୨ ମୌଜା ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି କାରଖାନାରେ ଥିବା ୩୦ଟି ମାଉଜର ସାଙ୍ଗକୁ ବନ୍ଧୁକ ତିଆରି ସରଞ୍ଜାମ ଓ ଲେଦ ମେସିନ ଜବତ କରାଯାଇଛି। ବେଆଇନ ବନ୍ଧୁକ ତିଆରି କରିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଉଠାଇ ନେଇଛି। ଅଭିଯୁକ୍ତମାନେ ହେଲେ ବନ୍ଧୁକ କାରଖାନା ଚାଲିଥିବା ଘରର ମାଲିକ ତଥା ଧୂଳିଶ୍ୱର ଗ୍ରାମର ଶରତ ବେହେରା(୫୮), ବିହାର ମୁଙ୍ଗେରର ସମଶେର ଆଲମ ଓ ମହମ୍ମଦ ଆବିଦ ହୁସେନ ଏବଂ ପଶ୍ଚିମବଙ୍ଗର ମହମ୍ମଦ ଆଜମ୍। ଅଭିଯୁକ୍ତମାନଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଇବା ପରେ କୋଲକାତା ପୋଲିସ ସେମାନଙ୍କୁ ରିମାଣ୍ଡରେ ନେଇଥିଲା।

## ପାତ୍ରପଡ଼ାରେ ହିଟ୍ ଆଣ୍ଡ ରନ୍; ମା', ଝିଅଙ୍କ ଜୀବନ ଗଲା



ଖଣ୍ଡଗିରି ଥାନା ଅଧୀନ ପାତ୍ରପଡ଼ା ଜାତୀୟ ରାଜପଥରେ ଅଗଷ୍ଟ ୯(ରାଖୀ ପୂର୍ଣ୍ଣିମା)ରେ ଭୟଙ୍କର ଥାର୍ ଦୁର୍ଘଟଣାରେ ମା' ରେବତୀ ନାୟକ ଓ ୮ବର୍ଷୀୟା ଝିଅ ରେଶମାଙ୍କ ଜୀବନ ଯାଇଥିବାବେଳେ ଦୁଇ ବର୍ଷର ପୁଅ ଗୁରୁତର ହୋଇଥିଲେ। ରେବତୀ ତାଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧିବାକୁ ଦୁଇ ପିଲାଙ୍କୁ ନେଇ ପଟିଆ ଯାଇ ଏକ ବସ୍‌ରେ ଫେରି ଅପରାହ୍ନରେ ପାତ୍ରପଡ଼ାରେ ଓହ୍ଲାଇଥିଲେ। ଫୁଲେଶ୍ୱରୀ ବସ୍ତିସ୍ଥିତ ଘରକୁ ଯିବା ପାଇଁ ଏନ୍‌ଏଚ୍ ପାରି ହେଉଥିବାବେଳେ ୫ଜଣ ସାଙ୍ଗ ସ୍କର୍ପିଓ ଓ ଥାର୍‌ରେ ଗୋଡ଼ାଗୋଡ଼ି ହୋଇ ଦ୍ରୁତ ଗତିରେ ଖୋର୍ଦ୍ଧା ଆଡ଼କୁ ଯାଉଥିଲେ। ଥାର୍ ଟିମ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାରେ ପୋଲିସ ଥାର୍ ମାଲିକ ଜଟଣୀ ଥାନା ଅନ୍ତର୍ଗତ ଚଣାଘର ଗାଁର ସୋମନାଥ ବେହେରାଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା।

## ସଫେଇ କର୍ମଚାରୀ ସଂଘ ସଭାପତି ସହଦେବଙ୍କୁ ହତ୍ୟା

ନିଶା କାରବାରକୁ ବିରୋଧ ଏବଂ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜାନୁଆରୀ ୮ ସକାଳ ସମୟରେ ବିଏମ୍‌ସି ସଫେଇ କର୍ମଚାରୀ ସଂଘ ସଭାପତି ସହଦେବ ନାୟକଙ୍କୁ ଅଭିଯୁକ୍ତମାନେ ହତ୍ୟା କରିଥିଲେ। ବାଣୀବିହାର ରେଲ୍‌ୱେ ଓଭରବ୍ରିଜ୍ ଉପରେ ଅଭିଯୁକ୍ତମାନେ ସହଦେବଙ୍କ ମୁଣ୍ଡରୁ ଗଣ୍ଡି ଅଲଗା କରିଦେଇଥିଲେ। କେଦାରପଲ୍ଲୀ ବସ୍ତିରେ ଅଭିଯୁକ୍ତଙ୍କ ନିଶା କାରବାରକୁ ସହଦେବ ବିରୋଧ କରିବାରୁ ଶତ୍ରୁତା ବଢ଼ିଥିଲା। ମୁଖ୍ୟ ଷଡ଼ଯନ୍ତ୍ରକାରୀ ରମା ନାୟକଙ୍କ ଦୁଇ ପୁଅ ଓ ଅନ୍ୟମାନେ ସହଦେବଙ୍କୁ ମାରିବାକୁ ଷଡ଼ଯନ୍ତ୍ର କରିଥିଲେ। ଘଟଣା ଦିନ ସକାଳେ ୨ ବାଇକ୍‌ରେ ୪ ଅଭିଯୁକ୍ତ ସହଦେବଙ୍କୁ ପିଛା କରି ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ହତ୍ୟା କରିଥିଲେ। ପୋଲିସ ଏହି ଘଟଣାରେ ୯ଜଣଙ୍କୁ ଗିରଫ କରିଥିଲା।






## ଜମିଜମା ବିବାଦରୁ ଏମ୍ସ କର୍ମଚାରୀଙ୍କୁ ଗୁଳି



ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁରେ ଜମିଜମା ବିବାଦକୁ କେନ୍ଦ୍ର କରି ଅକ୍ଟୋବର ୧୩ରେ ଏମ୍ସର ଲାବ ଆଟେଣ୍ଡାଣ୍ଟ ସୁଧାଂଶୁ ଖୁଣ୍ଟିଆ ଓରଫ ରବି (୩୦)ଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଘର ଡିହ ଜମି ପାଇଁ ରକ୍ତର ସମ୍ପର୍କକୁ ଭୁଲିଯାଇ ଦାଦାପୁଅ ଭାଇ ଶିବା ପ୍ରଧାନ ଏହି କାଣ୍ଡ ଘଟାଇଥିଲେ। ପୋଲିସ ଷଡ଼ଯନ୍ତ୍ରକାରୀ ଦାଦା ସୁକାନ୍ତ, ବଡ଼ପୁଅ ଶୁଭେନ୍ଦୁ, ଶିବାଙ୍କ ସମେତ ୫ଜଣଙ୍କୁ ଗିରଫ କରିଥିଲା।

## ହୋଲିରେ ରକ୍ତର ହୋଲି: ରାଜଧାନୀରେ ୨ ହତ୍ୟା

ହୋଲିରେ ରାଜଧାନୀରେ ଅପରାଧୀମାନେ ରକ୍ତର ହୋଲି ଖେଳି ୨ଜଣଙ୍କୁ ହତ୍ୟା କରିଥିଲେ। ଶହୀଦନଗର ଥାନା ଶାନ୍ତିପଲ୍ଲୀ ବସ୍ତିରେ ଗୋପୀ ଗୁନିଙ୍କୁ ହତ୍ୟା କରାଯାଇଥିଲା। ମାର୍ଚ୍ଚ ୧୫ରେ ଶାନ୍ତିପଲ୍ଲୀ ବସ୍ତିରେ ହୋଲି ଉତ୍ସବବେଳେ ବାନା ଗୁଣୀ, ପିଙ୍କୁ ଗୁଣି ଏବଂ ଜଣେ ନାବାଳକଙ୍କ ସହ ରଙ୍ଗ ଲଗାଲଗିକୁ ନେଇ ଗୋପିଙ୍କ ବଚସା ହୋଇଥିଲା। ସେମାନେ ଗୋପୀଙ୍କୁ ଛୁରି ଭୁସି ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଧରିଥିଲା। ସେହିପରି ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ସମେଇଗାଡ଼ିଆ ଗାଁର ଆୟୁଷ୍ମାନ ପତିଙ୍କୁ ପୂର୍ବ ଶତ୍ରୁତାକୁ ନେଇ ପୁରୀ ଜିଲା ବେଗୁନିଆର ତନ୍ମୟ ବେହେରା ଛୁରି ଭୁସି ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ମିଲୁଙ୍କୁ ଗିରଫ କରିଥିଲା। ଏଥି ସହ ମିଲୁଙ୍କୁ ଫେରାର କରାଇବା ଅଭିଯୋଗରେ ତାଙ୍କ ଦୁଇ ଭାଇ ଓ ଡ୍ରାଇଭରଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

## ସୁନା ଦୋକାନରୁ ଲୁଟିଲେ / ୧୬କେଜିରୁ ଊର୍ଦ୍ଧ୍ୱ ଅଳଙ୍କାର

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଛଣଗିରି ଷ୍ଟେଟ୍‌ବ୍ୟାଙ୍କ ପାର୍ଶ୍ୱ ସାଇସୋନୁ ସୁନା ଅଳଙ୍କାର ଦୋକାନରୁ ଅଗଷ୍ଟ ୨୪ରେ ଦୁର୍ବୃତ୍ତମାନେ ୧୧କେଜି ୫ଶହ ଗ୍ରାମ ସୁନା ଏବଂ ୫ କେଜି ରୁପା ଅଳଙ୍କାର ଲୁଟି ନେଇଥିଲେ। ଏହି ଘଟଣା ସେହି ସମୟରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଦୋକାନ ମାଲିକ ପୁଷ୍ପରଞ୍ଜନ ସାହୁଙ୍କ ସ୍ତ୍ରୀ ଅରୁନ୍ଧତିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇ ଦୁଇଟି ପର୍ଯ୍ୟାୟରେ ମୋଟ ୬ଜଣଙ୍କୁ ଗିରଫ କରିଥିବା ବେଳେ ୧୯୧୩ ଗ୍ରାମ ୬୫୦ ମିଲିଗ୍ରାମ ସୁନାଗହଣା ଏବଂ ୪୫୯୪ ଗ୍ରାମ ୯୪୦ ମିଲିଗ୍ରାମ ରୁପା ଅଳଙ୍କାର ଜବତ କରିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ କେବେ ଧରାପଡ଼ିବେ ତାହାକୁ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।





## ବୀମା ଟଙ୍କା ପାଇଁ ମାରି ପୋତିଦେଲେ

ଇନ୍‌ସ୍ୟୁରାନ୍ସ ଟଙ୍କାକୁ ନେଇ ସୃଷ୍ଟି ହୋଇଥିବା ବିବାଦରୁ ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରାଙ୍କୁ ତାଙ୍କ ସ୍ୱାମୀ(କୋର୍ଟରେ ବିବାହିତ) ତଥା କନ୍‌ଷ୍ଟେବଲ ଦୀପକ ରାଉତ ତଣ୍ଟିଚିପି ହତ୍ୟା କରିଥିଲେ। ଏପରି କି ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ଭୁବନେଶ୍ୱରରୁ କାର୍ ଯୋଗେ ଘଟଗାଁ ନେଇ ସେଠାରେ ଏକ ଜଙ୍ଗଲରେ ଜଣେ ସମ୍ପର୍କୀୟଙ୍କ ସହଯୋଗରେ ମାଟି ତଳେ ପୋତିଥିଲେ। ଶୁଭମିତ୍ରା ନିଖୋଜ ହେବାର ୧୧ଦିନ ପରେ ସେପ୍ଟେମ୍ବର ୧୭ରେ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ଏହି ମାମଲାରେ ମୁଖ୍ୟ ଦୀପକଙ୍କ ସମେତ ୩ଜଣଙ୍କୁ ପୋଲିସ ଗିରଫ କରିଥିଲା। ଏପରିକି ୩ ବର୍ଷ ତଳେ ଦୀପକ ତାଙ୍କ ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।

## ଦୃଷ୍ଟିବାଧିତ ମା' ପାଖରୁ ଚୋରି କରିନେଲେ ଶିଶୁପୁତ୍ର

ଭୁବନେଶ୍ୱର ରାମ ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଥିବା ଜଣେ ଦୃଷ୍ଟିବାଧିତ ମା' ଜୟନ୍ତୀ ମଲ୍ଲିକଙ୍କ ପାଖରୁ ୧ବର୍ଷ ୭ ମାସର ପୁଅ ଶୁଭମ୍‌କୁ ଜଣେ ଯୁବକ ଚୋରି କରିନେଇଥିଲେ। ଏପ୍ରିଲ ୧୨ତାରିଖ (ଶନିବାର) ରାତିରେ ଅଭିଯୁକ୍ତ କେଦାର ପଣ୍ଡା କୁନିପୁଅକୁ କିଛି ଖାଦ୍ୟ ଦେବା ସହ ଜୁସ୍ ପିଇବାକୁ ଦେଇ ତାକୁ ନେଇଯାଇଥିଲେ। ଏହି ଘଟଣା ରାଜଧାନୀ ସମେତ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ୪୮ଘଣ୍ଟାର ଅପରେଶନ କରି ପୋଲିସ ଶିଶୁପୁତ୍ରକୁ ବାଲେଶ୍ୱରରୁ ଉଦ୍ଧାର କରିଥିଲା। କେଦାର ଶିଶୁକୁ ନେଇ ବାଲେଶ୍ୱର ଜିଲା ଖନ୍ତପଡ଼ା ଥାନା ଅଧୀନ ବୋଇତା ଗାଁର ଝେଲମ ରାଣୀ ପଣ୍ଡାଙ୍କୁ ଦେଇଥିଲେ। ମିଳିତ ପୋଲିସ ଟିମ୍ ବୋଇତା ଗାଁରେ ଚଢ଼ାଉ କରି ଶିଶୁକୁ ଉଦ୍ଧାର କରିବା ସହ ଜଣେ ମହିଳାଙ୍କୁ ଉଠାଇ ଆଣିଥିଲା।

## ଡିଜିଟାଲ ଆରେଷ୍ଟ: ସିଏଙ୍କଠାରୁ ଦେଢ଼ କୋଟି ଲୁଟିନେଲେ



ରାଜଧାନୀରେ ସାଇବର ଅପରାଧର ଏକ ଚାଞ୍ଚଲ୍ୟକର ଘଟଣା ଘଟିଥିଲା। ସାଇବର ଠକମାନେ ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍‌ନଗର ହାଉସିଂବୋର୍ଡ କଲୋନୀରେ ରହୁଥିବା ବରିଷ୍ଠ ନାଗରିକ ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ବିଜୟ କୁମାର ସାହୁଙ୍କଠାରୁ ଦେଢ଼ କୋଟି ଟଙ୍କା ଠକି ନେଇଥିଲେ। ଏପରିକି ବିଜୟ ଓ ତାଙ୍କ ସ୍ତ୍ରୀଙ୍କୁ ଡିଜିଟାଲ ଆରେଷ୍ଟ କରାଯାଇଥିବା ଧମକ ଦେଇ ଅପରାଧୀମାନେ ଉଭୟଙ୍କୁ ୧୦ ଦିନ ଧରି ଗୃହବନ୍ଦୀ କରି ରଖିଥିଲେ। ନିର୍ଯାତନାର ଶିକାର ବନ୍ଦୀ ଦମ୍ପତିଙ୍କୁ ପୋଲିସ ଉଦ୍ଧାର କରିବା ପରେ ନଭେମ୍ବର ୭ରେ ଘଟଣା ପଦାକୁ ଆସିଥିଲା।

## ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ



ଖୋର୍ଦ୍ଧା ଜିଲା ବାଣପୁର ଥାନା ପୋଲିସ ହେପାଜତରେ ଅଭିଯୁକ୍ତ ଛବୀନ୍ଦ୍ର ନାୟକଙ୍କ ଡିସେମ୍ବର ୧୪ରେ ମୃତ୍ୟୁ ହୋଇଥିବା ନେଇ ତାଙ୍କ ସ୍ତ୍ରୀ ରୀତା ନାୟକ ଅଭିଯୋଗ ଆଣିଥିଲେ। ଚୋରା ମଦ କାରବାର ଅଭିଯୋଗରେ ପୋଲିସ ଛବୀନ୍ଦ୍ରଙ୍କୁ ପଚରାଉଚରା ପାଇଁ ଉଠାଇ ନେଇଥିଲା। ପରେ ତାଙ୍କୁ ଗିରଫ କରିଥିଲା। ପୋଲିସ ହେପାଜତରେ ଥିବା ଛବୀନ୍ଦ୍ର ଅସୁସ୍ଥ ଅନୁଭବ କରିବାରୁ ପୋଲିସ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ପୋଲିସ ଭ୍ୟାନରେ ତାଙ୍କୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଛବୀନ୍ଦ୍ରଙ୍କୁ ପିଟି ମାରିଦେଇଥିବା ତାଙ୍କ ସ୍ତ୍ରୀ ରୀତା ଅଭିଯୋଗ ଆଣିଥିଲେ।



## ଗୁଣିଆଙ୍କୁ ହତ୍ୟା କରି ଚନ୍ଦକା ଜଙ୍ଗଲରେ ପୋତିଦେଲେ

ଜଣେ ଗୁଣିଆଙ୍କୁ ହତ୍ୟା କରି ଚନ୍ଦକା ଜଙ୍ଗଲରେ ପୋତି ଦିଆଯାଇଥିଲା। ଅକ୍ଟୋବର ୩୧ରେ ନରକଙ୍କାଳ ଉଦ୍ଧାର ହେବାପରେ ଘଟଣା ପଦାକୁ ଆସିଥିଲା। ଜବତ ନରକଙ୍କାଳ ଘଟଣାର ମାସେ ତଳେ ନିଖୋଜ ଥିବା ଚନ୍ଦକାଥାନା ଅଧୀନ ପିତାଗାଡ଼ିଆ ଗ୍ରାମର ଗୁଣିଆ ବଳରାମ ଦେଓଗାମଙ୍କ ବୋଲି ସ୍ପଷ୍ଟ ହୋଇଥିଲା। ଏହି ଘଟଣାରେ ପୋଲିସ ଉକ୍ତ ଗାଁର ଦୁଇ ସାଙ୍ଗ କହ୍ନେଇ ହେମ୍ବ୍ରମ ଓ ରାମ ସାମ୍‌ଦାଙ୍କୁ ଗିରଫ କରିଥିଲା। ବଳରାମଙ୍କ ଗୁଣିଗାରେଡ଼ି ପାଇଁ ଉଭୟଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା ବୋଲି ସେମାନେ ଭାବି ନେଇଥିଲେ। ଏହାକୁ ନେଇ ଜାତ ହୋଇଥିବା ସନ୍ଦେହରୁ ପ୍ରତିଶୋଧ ନିଆଁରେ ଜଳୁଥିବା ଦୁଇ ସାଙ୍ଗ ବଳରାମଙ୍କୁ ହତ୍ୟା କରିଥିଲେ।

## ସ୍ନାନଯାତ୍ରାରେ ସେବାୟତଙ୍କୁ ହତ୍ୟା

ପବିତ୍ର ସ୍ନାନଯାତ୍ରା ଅବସରରେ ଜୁନ୍ ୧୧ରେ ପୁରୀ ସହରରେ ଜଣେ ୮୦ ବର୍ଷୀୟ ସେବାୟତ ହତ୍ୟାର ଶିକାର ହୋଇଥିଲେ। ଟାଉନ ଥାନା ଅନ୍ତର୍ଗତ ମହାସୁଆର ସାହି ବାସିନ୍ଦା ତଥା ଶ୍ରୀମନ୍ଦିର ସେବାୟତ ଜଗନ୍ନାଥ ଦୀକ୍ଷିତଙ୍କୁ ଗୁଡ଼ିଆ ସାହିର ରାବେଣି ଚଉରା ନିକଟରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଜଗନ୍ନାଥ ସ୍ନାନଯାତ୍ରାରେ ତାଙ୍କର ସେବା ସାରି ଫେରିବାବେଳକୁ ଏହି ଘଟଣା ଘଟିଥିଲା। ପୂର୍ବ ଶତ୍ରୁତା ଓ ଟଙ୍କା କାରବାର ଏହି ଘଟଣା ପଛର କାରଣ ବୋଲି ଜଣାପଡ଼ିଥିଲା। ତଦନ୍ତ ପରେ ଅଭିଯୁକ୍ତ ଗୁଡ଼ିଆ ସାହିର ଏନ୍. ପାଇଯୋଶୀଙ୍କୁ ପୋଲିସ ଗିରଫ କରିଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୬/୨୦୨୫ Bhubaneswar, Friday, December 26/ 2025




# ପେସରଙ୍କୁ ନେଇ ଖେଳିବ ଅଷ୍ଟ୍ରେଲିଆ

**ମେଲବୋର୍ନ,୨୫।୧୨(ଏପି)**


ଝେ ରିଚାର୍ଡସନ

ଶୁକ୍ରବାରଠାରୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ଠାରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଚତୁର୍ଥ ଆଶେସ ଟେଷ୍ଟ ଖେଳାଯିବ। ଏହି ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ଦଳ ବିନା ସ୍ପିନରରେ ଓହ୍ଲାଇବ। ଆଡିଲେଡ୍ ଟେଷ୍ଟରେ ଦଳର ଭେଟେରାନ ସ୍ପିନର ନାଥନ ଲାୟନ ହାମଷ୍ଟ୍ରିଙ୍ଗ ଇଞ୍ଜୁରିର ସମ୍ମୁଖୀନ ହୋଇଥିଲେ। ପରେ ତାଙ୍କର ସର୍ଜରି ମଧ୍ୟ କରାଯାଇଥିଲା। ତାଙ୍କ ବଦଳରେ

## ଆଜିଠୁ ଚତୁର୍ଥ ଆଶେସ

ଅଫ୍ ସ୍ପିନର ଟଡ୍ ମର୍ଫିଙ୍କୁ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ଏମ୍‌ସିଜି ପିଚ୍‌ରେ ପ୍ରଚୁର ଘାସ ଥିବାରୁ ଅଷ୍ଟ୍ରେଲିଆ ଦଳ ମର୍ଫିଙ୍କ ବିନା ଖେଳିବାକୁ ନିଷ୍ପତ୍ତି ନେଇଛି। ମ୍ୟାଚ୍ ଲାଗି ଷ୍ଟିଭ ସ୍ମିଥଙ୍କ ନେତୃତ୍ୱରେ ୧୨ ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି, ଯେଉଁଥିରେ ପେସରଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଏମ୍‌ସିଜିରେ ଟେଷ୍ଟ ଖେଳିବା ପାଇଁ ଅଷ୍ଟ୍ରେଲିଆ ଦଳ କୌଣସି ସ୍ପିନରଙ୍କୁ ଚୟନ ନ କରିବା ସାଧାରଣ କଥା ନୁହେଁ। କାରଣ ଏହି ଗ୍ରାଉଣ୍ଡରେ ଶେନ ୱର୍ନ ଓ ଲାୟନ ସଫଳ ହୋଇଛନ୍ତି।

'ବର୍ତ୍ତମାନ ଆମେ ଖେଳୁଥିବା ପ୍ରାୟତଃ ପିଚ୍ ସ୍ପିନରଙ୍କ ଅପେକ୍ଷା ପେସରଙ୍କୁ ସୁହାଉଛି। ଗତ ସପ୍ତାହରେ ଖେଳାଯାଇଥିବା ମ୍ୟାଚ୍‌ରେ ବ୍ୟବହୃତ ଆଡିଲେଡ ପିଚ୍ ଭିନ୍ନ ଥିଲା। ସେଠାରେ ପିଚ୍‌ରେ ରଫ ସୃଷ୍ଟି ହେବା ପରେ ଆମେ ଲାୟନଙ୍କୁ ବ୍ୟବହାର କରିଥିଲୁ। କିନ୍ତୁ ଏମ୍‌ସିଜି ପିଚ୍ ମୁଖ୍ୟତଃ ପେସରଙ୍କୁ ସୁହାଇବ ଆମେ ଆଶା କରୁଛୁ' ବୋଲି ସ୍ମିଥ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉଇକେଟକିପର ବ୍ୟାଟର ଜୋଶ ଇଙ୍ଗଲିଶଙ୍କ ବଦଳରେ ଭେଟେରାନ ଉସ୍ମାନ ଖ୍ୱାଜାଙ୍କୁ ଚୟନ କରାଯାଇଥିବା ବେଳେ ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ରିଚାର୍ଡସନ ପ୍ରଥମ ଟେଷ୍ଟ ଖେଳିପାରନ୍ତି। ଦ୍ୱିତୀୟ ଟେଷ୍ଟରେ ଖେଳିଥିବା ବ୍ରେଣ୍ଡନ ଡଗେଟ ଓ ମାଇକେଲ ନେସରଙ୍କୁ ଦଳରେ ସାମିଲ କରାଯାଇଛି। ଦୁହେଁ ତୃତୀୟ ଟେଷ୍ଟରେ ଖେଳି ନ ଥିଲେ। ସେମାନଙ୍କ ବଦଳରେ ଲାୟନ ଓ କମିନ୍ସ ଖେଳିଥିଲେ। ଅନ୍ୟପକ୍ଷରେ ଇଂଲଣ୍ଡ ପକ୍ଷରୁ ଚୂଡ଼ାନ୍ତ ଏକାଦଶ ଘୋଷଣା କରାଯାଇଛି।

# ବାଲାଜୀ କୋର୍ ଦଳର ସଦସ୍ୟ

**ନୂଆଦିଲ୍ଲୀ,୨୫।୧୨(ପି.ଟି.):** ଭାରତର ଅଭିଜ୍ଞ ଡବଲ୍ସ ସ୍ପେଶାଲିଷ୍ଟ ଏନ୍ ଶ୍ରୀରାମ ବାଲାଜୀଙ୍କୁ ଆଗାମୀ ନେଦରଲାଣ୍ଡ୍ସ ବିପକ୍ଷ ଡେଭିସ କପ୍ ମୁକାବିଲା ଲାଗି ଘୋଷିତ ଦଳରୁ ବାଦ୍ ଦିଆଯାଇଛି। କିନ୍ତୁ ସେ ଏବେ ବି ଭାରତୀୟ କୋର ଦଳର ସଦସ୍ୟ ରହିଛନ୍ତି ବୋଲି ଭାରତର ଡେଭିସ କପ୍ ଅଧିନାୟକ ରୋହିତ ରାଜପାଲ କହିଛନ୍ତି। କମ୍ବିନେଶନ ଦୃଷ୍ଟିରୁ ଦଳକୁ ଡ୍ୟୁସ କୋର୍ଟ ଖେଳାଳିଙ୍କ ଆବଶ୍ୟକତା ରହିଛି। ଯୁକି କେବଳ ଆଡ କୋର୍ଟରୁ ଖେଳନ୍ତି। ଏଣୁ ରିତଭିକଙ୍କୁ ଜଣେ ଡ୍ୟୁସ ସ୍ପେଶାଲିଷ୍ଟ ଭାବେ ଦଳରେ ନିଆଯାଇଛି। ବାଲାଜୀ ଭାରତ ପାଇଁ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ସିଙ୍ଗଲ୍ସ ଖେଳିଛନ୍ତି। ବାଲାଜୀ ଏବେ ବି କୋର ଦଳର ସଦସ୍ୟ ରହିଛନ୍ତି। ଯଦି ସେ ଫିଟ୍ ରୁହନ୍ତି, ତେବେ ତାଙ୍କୁ ପରବର୍ତ୍ତୀ ମୁକାବିଲା ଲାଗି ଦଳରେ ସାମିଲ କରାଯିବ ବୋଲି ରାଜପାଲ କହିଛନ୍ତି। ଡ୍ୟୁସ କୋର୍ଟ ହେଉଛି କୋର୍ଟର ଡାହାଣ ପାଖ, ଯେଉଁଠାରୁ ପ୍ରତ୍ୟେକ ଗେମ ଆରମ୍ଭ ହୋଇଥାଏ। ସେହିଭଳି କୋର୍ଟର ବାମ ପାଖକୁ ଆଡ କୋର୍ଟ କୁହାଯାଏ। ଭାରତ ଆସନ୍ତା ଫେବୃଆରୀ ୭ ଓ ୮ ତାରିଖରେ ବେଙ୍ଗାଲୁରୁଠାରେ ନେଦରଲାଣ୍ଡ୍ସ ବିପକ୍ଷରେ ଡେଭିସ କପ୍ କ୍ୱାଲିଫାୟର୍ସ ମ୍ୟାଚ୍ ଖେଳିବ।

# ୟୁନାଇଟେଡ୍ ଇଲେଭେନ ଗଞ୍ଜାମ ଚାମ୍ପିୟନ


ଚାମ୍ପିୟନ ୟୁନାଇଟେଡ୍ ଇଲେଭେନ ଗଞ୍ଜାମ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ସୋର, ୨୫।୧୨(ଜନ୍ମେଜୟ ମିଶ୍ର)**

ସୋର ବାଗୁଡ଼ିଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୨୭ତମ ସର୍ବଭାରତୀୟ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକକୁ ହରାଇ ୟୁନାଇଟେଡ୍ ଇଲେଭେନ ଗଞ୍ଜାମ ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଉତ୍କଳିକା ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ରନ କରିଥିଲା। ଜବାବରେ ୟୁନାଇଟେଡ୍ ଇଲେଭେନ ଗଞ୍ଜାମ ୧୫.୪ ଓଭରରେ ୫ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରି ନେଇଥିଲା। ୟୁନାଇଟେଡ୍ ୧୧ ଗଞ୍ଜାମ ଆକାଶ ତ୍ରିପାଠୀ ୫ ଓଭର

## ସର୍ବଭାରତୀୟ ମହାବୀର କପ୍ କ୍ରିକେଟ

ବୋଲିଂ କରି ୧୯ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିବା ବେଳେ ୨୧ ବଲ୍‌ରୁ ୨୦ ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବ କ୍ଲବର ପ୍ରାକ୍ତନ ସଭାପତି ଅଖିଳରାମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା, ସମ୍ମାନିତ ଅତିଥି ଭାବେ ଚନ୍ଦନ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ବ୍ୟାଟର ଦିବ୍ୟଜ୍ୟୋତି ପଣ୍ଡା, ଶ୍ରେଷ୍ଠ ବୋଲର ପ୍ରିୟବ୍ରତ ଦାସ, ଶ୍ରେଷ୍ଠ ଅଲରାଉଣ୍ଡର ସୁମନ ଓଝା, ଶ୍ରେଷ୍ଠ ଫିଲଡର ବସନ୍ତ ମହାଲିକ, ପ୍ଲେୟର ଅଫ ଦି ସିରିଜ ଆକ୍ରମ ଖାନଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଓ ରନରଅପ ଟିମ୍‌କୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସମ୍ପାଦକ ବୀରେନ୍ଦ୍ର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମ୍ୟାଚକୁ ଓସିଏ ଲେଭଲ ଅମ୍ପାୟର ରଞ୍ଜନ ମହାନ୍ତି ଏବଂ ପ୍ରାଣନାଥ ଜେନା ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଯଦୁନାଥ ଜେନା ଏବଂ ବାସୁଦେବ ଜେନା କାର୍ଯ୍ୟ ତୁଲାଇଥିବା ବେଳେ ସ୍କୋରର ଥିଲେ ଅନିରୁଦ୍ଧ ପଣ୍ଡା ଏବଂ ଅକ୍ଷୟ କୁମାର ଜେନା। ଅନ୍‌ଲାଇନ ସ୍କୋରର ଥିଲେ ବିଶ୍ୱନାଥ ଜେନା।

# ସେମିରେ ପାରାମାଉଣ୍ଟ


ପ୍ରତୀକ ପ୍ରଧାନ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ନିମପୁରର ରାଇଜିଂ ଷ୍ଟାରକୁ ୧୯ ରନରେ ହରାଇ ପାରାମାଉଣ୍ଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ୩୦ ଓଭରରେ ୭ ଉଇକେଟ ହରାଇ ୧୩୯ ରନ କରିଥିଲା। ଦଳ ପକ୍ଷରୁ ପ୍ରତୀକ ପ୍ରଧାନ ସର୍ବାଧିକ ୬୨ ରନ ସ୍କୋର କରିଥିଲେ। ଜବାବରେ ରାଇଜିଂ ଷ୍ଟାର କ୍ଲବ ୨୯.୨ ଓଭରରେ ୧୨୦ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଶୈଳେଶ କୁମାର ନାୟକ ୩୬ ରନ କରିଥିଲେ। ପାରାମାଉଣ୍ଟର ସ୍ୱାଧୀନ ଓ ଶୁଭମ ୩ ଉଇକେଟ ଲେଖାଏ ନେଇଥିଲେ। ଆୟୁଷଙ୍କୁ ୨ ଉଇକେଟ ମିଳିଥିଲା। ପ୍ରତୀକ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାରରେ ବିବେଚିତ କରାଯାଇଥିଲା। ଆଉଟଷ୍ଟାଣ୍ଡିଂ କ୍ୟାଚ ଅଫ୍ ମ୍ୟାଚ ପୁରସ୍କାର ପାଇଥିଲେ ରାଇଜିଂ ଷ୍ଟାରର ପୁଣ୍ୟଜିତ ତ୍ରିପାଠୀ। ପୂର୍ବତନ ରଣଜୀ ଖେଳାଳି ତଥା ବର୍ତ୍ତମାନ ଓଡ଼ିଶା ଜୁନିୟର ଦଳର ବୋଲିଂ କୋଚ୍ ପ୍ରୀତମଜିତ ଦାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ବାମଣ୍ଡା କପ୍ କ୍ରିକେଟ୍: ଅରୁଣୋଦୟ ରାଞ୍ଚି ଫାଇଟର୍ସ ବିଜୟୀ

**ଦେବଗଡ଼, ୨୫।୧୨(ଶଶାଙ୍କ ଶେଖର ଝାଙ୍କର)**


ଅତିଥିମାନେ ବିକ୍ରମ ଯାଦବଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୩୫ତମ ବାମଣ୍ଡା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଗ୍ରୁପ ବି'ର ପ୍ରଥମ ମ୍ୟାଚ୍‌ରେ ଅରୁଣୋଦୟ ରାଞ୍ଚି ଫାଇଟର୍ସ ୪ ଉଇକେଟରେ ଦେବଗଡ଼ର ବାମଣ୍ଡା କ୍ରିକେଟ କ୍ଲବକୁ ପରାସ୍ତ କରିଛି। ଦେବଗଡ଼ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୮.୨ ଓଭରରେ ୧୪୮ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ଭଞ୍ଜ ୩୦, ଶ୍ରେୟାଂଶ ଆଚାର୍ଯ୍ୟ ୨୯ ରନ କରିଥିବା ବେଳେ ରାଞ୍ଚି ଦଳର ବିକ୍ରମ ଯାଦବ ୫ଟି ଉଇକେଟ ନେଇଥିଲେ। ଏହାର ଜବାବରେ ରାଞ୍ଚି ଦଳ ୧୯.୧ ଓଭରରେ ୬ ଉଇକେଟ ହରାଇ ୧୫୧ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ପର୍ଦ୍ଦୁମ କୁମାର ୭୧ ଓ ଶ୍ୟାମ ଶର୍ମା ୨୨ ରନ କରିଥିବା ବେଳେ ଦେବଗଡ଼ ଦଳର ଲିପୁ ନାୟକ ଓ ରୁଦ୍ର ନାରାୟଣ ଭଞ୍ଜ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଅମ୍ପାୟର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ରିତିକ ଦେହୁରୀ ଓ ଅମନ ସିଂହ ସ୍କୋରର ଥିଲେ। ବେଣୁଧର ଗଡନାଏକ ଓ ଦିଲୁ ଦସଭାୟା ଧାରା ବିବରଣୀ ପ୍ରଦାନ କରିଥିଲେ। ବିଜୟୀ ରାଞ୍ଚି ଦଳର ବିକ୍ରମ ଯାଦବଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚ୍ ଆରମ୍ଭରୁ ଅତିଥି ଭାବେ ଜିଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇଥିବା ବେଳେ ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

# ମ୍ୟାଚ୍ ବେଳେ ଖେଳାଳିଙ୍କ ନୀରବ ପ୍ରତିବାଦ

**ନୂଆଦିଲ୍ଲୀ,୨୫।୧୨(ଏପି)**

ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଇଣ୍ଟରକ୍ଲୋଲ ବିପକ୍ଷରେ ଖେଳାଯାଇଥିବା ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍-୨ ମ୍ୟାଚ୍ ବେଳେ ଏଫ୍‌ସି ଗୋଆ ଦଳର ଖେଳାଳିମାନେ ନୀରବ ପ୍ରତିବାଦ କରିଥିଲେ। ମ୍ୟାଚ୍ ଆରମ୍ଭ ଲାଗି ରେଫରୀ ହ୍ୱିସିଲ ବଜାଇବା ପରେ ଏଫ୍‌ସି

## ଆଇଏସ୍‌ଏଲ୍ ସଙ୍କଟ

ଗୋଆର ଖେଳାଳିମାନେ କିଛି ସେକେଣ୍ଡ ପାଇଁ ନ ଖେଳି ପୂର୍ବରୁ ଧାର୍ଯ୍ୟ ଯୋଜନା ମୁତାବକ ଗ୍ରାଉଣ୍ଡରେ ବସି ପ୍ରତିବାଦ କରିଥିଲେ। ଏହି ପ୍ରତିବାଦର ଉଦ୍ଦେଶ୍ୟ ଥିଲା, ଭାରତୀୟ ଫୁଟବଲ ଇକୋ ବ୍ୟବସ୍ଥା ପ୍ରତି ଘନେଇଥିବା ଅନିଶ୍ଚିତତାକୁ ପ୍ରଦର୍ଶିତ କରିବା।

ପ୍ରଶାସନିକ ଓ ଆର୍ଥିକ ବିଷୟ ଯୋଗୁ ଇଣ୍ଡିଆନ ସୁପର ଲିଗ୍ ଓ ଆଇ-ଲିଗ୍ ଭଳି ଦେଶର ଶୀର୍ଷ ସ୍ତରୀୟ ଘରୋଇ ଫୁଟବଲ ପ୍ରତିଯୋଗିତାରେ ବିଳମ୍ବ ହୋଇଛି। ଏଭଳି ପରିସ୍ଥିତି ଯୋଗୁ ପ୍ରତ୍ୟେକ ଦଳର ଖେଳାଳି, କୋଚ୍ ଓ ଷ୍ଟାଫ ପ୍ରଭାବିତ ହୋଇଛନ୍ତି। ଆମ ଘରୋଇ ଫୁଟବଲ ଇକୋସିଷ୍ଟମ ସମ୍ମୁଖୀନ ହେଉଥିବା ବଡ଼ ଚ୍ୟାଲେଞ୍ଜ ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ଖେଳାଳିମାନେ ଫିଲ୍ଡ ମଧ୍ୟରେ ମ୍ୟାଚ୍ ବେଳେ ବିକ୍ଷୋଭ ପ୍ରଦର୍ଶିତ କରିଥିଲେ। ଏହି ବିକ୍ଷୋଭ ପ୍ରତିପକ୍ଷ ଦଳ କିମ୍ବା ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ଲାଗି କରାଯାଇ ନ ଥିଲା ବୋଲି ଏଫ୍‌ସି ଗୋଆ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ମ୍ୟାଚ୍‌ରେ ଭଲ ପ୍ରଦର୍ଶନ ସତ୍ତ୍ୱେ ଗୋଆ ୨-୧ ଗୋଲରେ ଇଣ୍ଟରକ୍ଲୋଲଠାରୁ ପରାସ୍ତ ହୋଇଥିଲା। ଏହି ପରାଜୟ ସହ ଏଫ୍‌ସି ଗୋଆ ଗ୍ରୁପ୍-ଡି'ରେ ୬ ମ୍ୟାଚ୍‌ରେ ବିନା ପଏଣ୍ଟ ସହ ଅଭିଯାନ ଶେଷ କରିଛି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ